ପଶ୍ଚିମବଙ୍ଗ କାକଦ୍ୱୀପ ମାଛଧରା ବନ୍ଦରର ମା'ବାସନ୍ତୀ ନାମକ ବୋଟ୍ (ଆଇଏନ୍‌ଡି-ଡବ୍ଲ୍ୟୁବି-ଡିଏସ୍-ଏମ୍‌ଏମ୍-୧୦୦୩୩) ଗୁରୁବାର ସମୁଦ୍ରର ଭାରତୀୟ ଜଳସୀମାର ଶେଷାର୍ଦ୍ଧରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲା। ତାକୁ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ 'ଭରଦ' ଦେଖି ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉକ୍ତ ବୋଟ୍‌ରୁ ୪୫୦ ଗୁଆ ବସ୍ତା ମିଳିଥିଲା। ସେଥିରେ କୌଣସି ମାଛ କିମ୍ବା ମାଛଧରା ଉପକରଣ ନ ଥିଲା। ଅପରପକ୍ଷେ ଅଟକ ଥିବା ଧୀବରଙ୍କଠାରୁ କୌଣସି ପରିଚୟପତ୍ର ମିଳିପାରିନାହିଁ। ଗୁଆ କାରବାର ସମ୍ପର୍କରେ ସେମାନଙ୍କୁ ପଚରାଯିବାରୁ କୌଣସି ତଥ୍ୟ ସେମାନେ ଦେଖାଇ ନ ଥିଲେ। ସେଥିପାଇଁ ସମ୍ପୃକ୍ତ ଧୀବରମାନଙ୍କ ସମ୍ବନ୍ଧରେ ଅଧିକ ତଦାରଖ କରିବା ପାଇଁ ପାରାଦୀପ ଅଣାଯାଇଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତ ବୋଟ୍ ପାରାଦୀପରେ ପହଞ୍ଚିବା ପରେ ତାକୁ ଇମିଗ୍ରେଶନ, କଷ୍ଟମ୍ସ, ସିଆଇଏସ୍‌ଏଫ୍, ମେରାଇନ ପୋଲିସ, ଓଡ଼ିଶା ପୋଲିସ, ଆଇବି ଆଦି ସୁରକ୍ଷା ଏଜେନ୍ସିର ଅଧିକାରୀମାନେ ଯାଞ୍ଚ କରିଛନ୍ତି। ପ୍ରତି ବସ୍ତାରେ ୫୦ରୁ ୬୦ କେଜି ଗୁଆ ରହିଛି। ବୋଟ୍ ଭିତରେ ଆଉ କ'ଣ ଅଛି ଏବେ ତାହା ଯାଞ୍ଚ କରାଯାଉଛି। ଉକ୍ତ ଗୁଆ କେଉଁ ଦେଶକୁ ଚାଲାଣ ହେଉଥିଲା ତାହା ଅସ୍ପଷ୍ଟ ରହିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ପରଜଙ୍ଗ ସିଡିପିଓଙ୍କୁ ୩ ବର୍ଷ ଜେଲ

**ଢେଙ୍କାନାଳ/ ବାନୀପାଟଣା, ୧୧।୪ (ରତନ ନାୟାର/ ଉତ୍ତମ କୁମାର ଦାଶ)**

ନୂଆପଡ଼ା ଜିଲା ସିନାପାଲି ବ୍ଲକର ପୂର୍ବତନ ସିଡିପିଓ ତଥା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ବର୍ତ୍ତମାନ କାର୍ଯ୍ୟରତ ସିଡିପିଓ ବିଜୟଲକ୍ଷ୍ମୀ ମାରାଣ୍ଡିଙ୍କୁ ଲାଞ୍ଚ ମାମଲାରେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରିନାରାୟଣ ନନ୍ଦ ଶୁକ୍ରବାର ୩ ବର୍ଷ ଜେଲଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏଥିସହିତ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବିଜୟଲକ୍ଷ୍ମୀ ମାରାଣ୍ଡିଙ୍କୁ ଚାକିରିରୁ ବହିଷ୍କାର କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜଣାଇବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ବିଜୟଲକ୍ଷ୍ମୀ ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ସିଡିପିଓ ଥିବାବେଳେ ଛତୁଆ ଯୋଗାଣ ସମ୍ପର୍କିତ ବିଲ୍ ପାସ ଏବଂ ପ୍ରାପ୍ୟ ପ୍ରଦାନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଥିଲେ। ଏ ସଂକ୍ରାନ୍ତରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦଫା ୧୩(୨), ଆର/ଡବ୍ଲ୍ୟୁ ୧୩(୧)(ଡି)/୭ ପିସି ଆକ୍ଟ-୧୯୮୮ରେ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା।







# ଶିଶୁଭବନର ବହୁବିଧ ଉପଯୋଗୀ ଚିକିତ୍ସାଳୟ ଲୋକାର୍ପିତ

**କଟକ,୧୧।୪(କାର୍ତ୍ତିକ ସାହୁ)**

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ସାତ ତଳ ବିଶିଷ୍ଟ ବହୁବିଧ ଉପଯୋଗୀ ଚିକିତ୍ସାଳୟ ଓ ଛାତ୍ରାବାସର ଶୁଭ ଉଦ୍‌ଘାଟନ କରିବା ସହ ମାଇକ୍ରୋବାୟୋଲୋଜିକାଲ ଲାବରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୫୨.୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭ ମହଲା ବିଶିଷ୍ଟ ଏହି ମଲ୍ଟି-ୟୁଟିଲିଟି ହସ୍ପିଟାଲ କମ୍ପ୍ଲେକ୍ସ ଶିଶୁ ଚିକିତ୍ସା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କ୍ୟାମ୍ପସ୍‌ରେ ଶିଶୁଙ୍କ ପାଇଁ ୮୪୬ଟି ଶଯ୍ୟା ରହିଛି। ସେଥିମଧ୍ୟରୁ ୧୪୦ଟି ଆଇସିୟୁ ଶଯ୍ୟା, ୨୨୭ଟି ନବଜାତ କେୟାର୍ ବେଡ୍, ଏସ୍‌ଏନ୍‌ସିୟୁ ପାଇଁ ୪୮ଟି ଶଯ୍ୟା, ପେଡିଆଟ୍ରିକ ମେଡିସିନ ପାଇଁ ୨୫୯ଟି ଶଯ୍ୟା,


କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ସାତ ତଳ ବିଶିଷ୍ଟ ବହୁବିଧ ଉପଯୋଗୀ ଚିକିତ୍ସାଳୟର ଉଦ୍‌ଘାଟନ କରୁଛନ୍ତି।

ପେଡିଆଟ୍ରିକ୍ ନେଫ୍ରୋଲୋଜି ପାଇଁ ୩୦ଟି ଶଯ୍ୟା, ସଂକ୍ରାମକ ରୋଗ ପାଇଁ ୨୬ଟି ଶଯ୍ୟା, ପେଡିଆଟ୍ରିକ୍ ସର୍ଜରି ପାଇଁ ୬୦ଟି ଶଯ୍ୟା, ଏନ୍‌ଆର୍‌ସି ପାଇଁ ୧୦ଟି ଶଯ୍ୟା ଏବଂ କାଜୁଆଲିଟି ପାଇଁ ୪୬ଟି ଉତ୍ସର୍ଗୀକୃତ ଶଯ୍ୟା ଉପଲବ୍ଧ ରହିଛି। ଏଥିସହ ମାଗଣା ଔଷଧ ବଣ୍ଟନ ପାଇଁ ୪ଟି ଔଷଧ ବିତରଣ କେନ୍ଦ୍ର ଓ ୧୮୦ ଜଣ ଆବାସିକ ଡାକ୍ତରଙ୍କ ପାଇଁ ଏକ ହଷ୍ଟେଲ ରହିଛି। ଏହା ୨୪ ଘଣ୍ଟା ଚିକିତ୍ସା ସେବା ଯୋଗାଇଦେବା ସୁନିଶ୍ଚିତ କରିବ।

ଏଥିସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ମାଇକ୍ରୋବାୟୋଲୋଜିକାଲ ଲାବରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୪.୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ଲାବୋରେଟୋରିରେ ଏଫଏସ୍‌ଏସ୍‌ଏଆଇ ମାନକ ଅନୁଯାୟୀ ଖାଦ୍ୟ ଏବଂ ଜଳ ନମୁନାଗୁଡ଼ିକର ମାଇକ୍ରୋବାୟୋଲୋଜିକାଲ୍ ପରୀକ୍ଷଣ କରାଯିବ। ଏହା ଭୁବନେଶ୍ୱର ଓଏସ୍‌ଏମ୍‌ସିଏଲ୍ କ୍ୟାମ୍ପସ୍ ଭିତରେ ଥିବା ରାଜ୍ୟ ଖାଦ୍ୟ ପରୀକ୍ଷଣ ଲାବରେଟୋରିରେ ପ୍ରତିଷ୍ଠା କରାଯିବ।

# ଖାଲି ପଡ଼ିଥିବା ୧୧୩୪ ପଞ୍ଚାୟତସ୍ତରର ପଦବୀ ପୂରଣ ହେବ

**ଭୁବନେଶ୍ୱର, ୧୧।୪ (ସୁନିତ୍ ମିଶ୍ର)**

- ୫ ଜିଲା ପରିଷଦ, ୪୫ ସରପଞ୍ଚ ପଦ ପାଇଁ ହେବ ଉପନିର୍ବାଚନ
- ୪୧ ପଞ୍ଚାୟତ ସମିତି, ୨୭୨ ୱାର୍ଡମେମ୍ବର ପଦ ପାଇଁ ମଧ ଉପନିର୍ବାଚନ
- ଖାଲି ପଡ଼ିଥିବା ୭୭୧ ୱାର୍ଡରେ ନୂତନ ଭାବେ ନିର୍ବାଚନ ହେବ

ରାଜ୍ୟର ପଞ୍ଚାୟତ ସ୍ତରରେ ଖାଲି ପଡ଼ିଥିବା ୧୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ପଦକ୍ଷେପ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ଆରମ୍ଭ କରାଯାଇଛି। ସେଥି ମଧ୍ୟରୁ ୫ଟି ଜିଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡ ମେମ୍ବର ପାଇଁ ଉପନିର୍ବାଚନ ହେଉଥିବାବେଳେ ୭୭୧ଟି ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲକରି ନ ଥିବାରୁ ଉକ୍ତ ୱାର୍ଡ ଗୁଡିକରେ ନିର୍ବାଚନ ବନ୍ଦ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ଜିଲାପାଳଙ୍କ ସୁପାରିସକ୍ରମେ ଉକ୍ତ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯିବା ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ରାଜ୍ୟ ନିର୍ବାଚନ ଆୟୁକ୍ତ ସଚିବଙ୍କ ସୂଚନା ଅନୁଯାୟୀ, ଉକ୍ତ ୱାର୍ଡଗୁଡ଼ିକ ପାଇଁ ଏପ୍ରିଲ ୧୭ରୁ ୨୨ ତାରିଖ ମଧ୍ୟରେ ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରୁ ସମ୍ପୃକ୍ତ ୱାର୍ଡ ୱାରି ଭୋଟର ତାଲିକା ପ୍ରସ୍ତୁତ କରିବେ। ଏପ୍ରିଲ ୨୪ରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରି ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ହେବ। ଆସନ୍ତା ୩୦ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯାଇ ମେ ୨ରୁ ୫ ତାରିଖ ମଧ୍ୟରେ ସମ୍ପୃକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ଅଧିକାରୀମାନେ ମେ ୯ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବେ ବୋଲି ଉଲ୍ଲେଖ କରାଯାଇଛି।

# ଆଖିବୁଜିଲା ଚିକିତ୍ସାଧୀନ ହାତୀଛୁଆ

**କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଯୋଡ଼ା (ମାନସ ମହାନ୍ତି),୧୧।୪**

ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ କାନପୁର ଡ୍ୟାମ୍ ଚମକପୁର ନିକଟରେ ଚିକିତ୍ସାଧୀନ ଥିବା ଏକ ଦେଢ଼ ବର୍ଷର ହାତୀ ଛୁଆର ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ସବୁ ପ୍ରକାର ଚିକିତ୍ସା ବ୍ୟବସ୍ଥା ସତ୍ତ୍ୱେ ତା'ର ମୃତ୍ୟୁ ଘଟିଥିବା ଡିଏଫ୍‌ଓ ଧନରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ହାତୀ ଛୁଆଟି ଗତ ୭ ତାରିଖରେ ଜଙ୍ଗଲରେ ହାତୀପଲ ସହ ଛୋଟେଇ ଛୋଟେଇ ବୁଲୁଥିବା ବନ ବିଭାଗ କର୍ମଚାରୀ ଦେଖିଥିଲେ। ହାତୀ ପଲରେ ଥିବାରୁ ତା'ର ଚିକିତ୍ସା ତୁରନ୍ତ ହୋଇପାରି ନ ଥିଲା। ତେବେ ବନ ବିଭାଗ କର୍ମଚାରୀ ତା'ର ଗତିବିଧି ନିରୀକ୍ଷଣ କରୁଥିଲେ। ଗୁରୁବାର ହାତୀ ଛୁଆ ଆଉ ଚାଲି ନ ପାରି ଗୋଟିଏ ସ୍ଥାନରେ ପଡ଼ି ରହିଥିଲା। ମା' ହାତୀ ଓ ହାତୀ ପଲ ଦୂରରୁ ତାକୁ ଜଗି ରହିଥିଲେ। ଦଳଠାରୁ ଅଲଗା ହୋଇଯିବାରୁ ବନ୍ୟପ୍ରାଣୀ ଚିକିତ୍ସକ ଦଳ ହାତୀ ଛୁଆ ପାଖକୁ ଯାଇଥିଲେ। ହାତୀଛୁଆର ପଛ ଗୋଡ଼ ଫୁଲିଯାଇଥିବା ବେଳେ କାନ ତଳେ ଘା' ହୋଇଯାଇଥିଲା। ଚମ୍ପୁଆ ବ୍ଲକ୍ ଭେଟେରିନାରି ଅଫିସର ଶିବଚରଣ ସିଂ, ଭଣ୍ଡା ଡିସ୍‌ପେନ୍‌ସାରି ପ୍ରାଣୀ ଚିକିତ୍ସକ ପ୍ରକାଶ ଘଡ଼େଇ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡାକ୍ତର ବ୍ରଜରାଜ ସିଂ ଯାଦବ ହାତୀ ଛୁଆର ଚିକିତ୍ସା କରିଥିଲେ। ଏସିଏଫ୍ ଅଶୋକ କୁମାର ଦାସ, ଚମ୍ପୁଆ ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ, ଯୋଡ଼ା ବନପାଳ ତ୍ରିନାଥ ଜେନା, ଯୋଡ଼ା ବିଟ୍ ବନରକ୍ଷୀ ନିଲମ ମହାନ୍ତ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଚିକିତ୍ସା ବ୍ୟବସ୍ଥାର ରିପୋର୍ଟ କେନ୍ଦୁଝର ବନ ବିଭାଗ, ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ପ୍ରଦାନ କରାଯାଇଛି।

# ୩୦ ଓଏଏସ୍‌ଙ୍କୁ ପଦୋନ୍ନତି

- ସନ୍ତୋଷ ନାୟକ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ
- ବଦଳିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ
- ୨୯ ଯୁଗ୍ମ ସଚିବଙ୍କୁ ଏସ୍‌ଏଜି ପାହ୍ୟା

**ଭୁବନେଶ୍ୱର,୧୧।୪ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ୩୦ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ(ଏସ୍‌ଏଜି)ଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରୁ ୨୮ଜଣ ଅଧିକାରୀଙ୍କୁ ନିଜ ସ୍ଥାନରେ ପୁନଃ ଅବସ୍ଥାପିତ କରାଯାଇଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ସନ୍ତୋଷ କୁମାର ନାୟକଙ୍କୁ ପଦୋନ୍ନତି ପରେ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ପଦୋନ୍ନତି ପରେ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

ଏହାବାଦ୍ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ, କାହ୍ନୁଚରଣ ଧୀର, ହରିଶ ଚନ୍ଦ୍ର ନାୟକ, ଅମ୍ବର କୁମାର କର, ବବିତା ମହାନ୍ତି, ପ୍ରଶାନ୍ତ କିଶୋର ମହାପାତ୍ର, ଶିବୋ ନାରାୟଣ ସାହୁ, ଅନୁଜ କୁମାର ଦାସ ପଟ୍ଟନାୟକ,ଏସ୍ କେ. ଜମିରୁଦ୍ଦିନ, ସୁରେନ୍ଦ୍ର କୁମାର ପଣ୍ଡା, ରାଜଶ୍ରୀ ସିଂହ, ଶୁଭ୍ରା ମହାନ୍ତି, ମନୋଜ କୁମାର ପାଢ଼ୀ, ସଂଘମିତ୍ରା ଶତପଥୀ, ବଳରାମ ମଲ୍ଲିକ, ହିମାଂଶୁ ଶେଖର ବେହେରା, ଲକ୍ଷ୍ମୀକାନ୍ତ ସେଠୀ, ଅକ୍ଷୟ କୁମାର ମଲ୍ଲିକ, ଦେବଦତ୍ତ ସୁରଞ୍ଜିତା ଜେନା, ଉଷାରାଣୀ ଦାସ, ଅଗସ୍ତି ପ୍ରଧାନ, ବୀରସେନ ପ୍ରଧାନ, ମିର୍ଦ୍ଧା ଟପୋ, ଘାସିରାମ ମୁର୍ମୁ, ସୁଧାକର ଶବରୋ, ଅସିତ କୁମାର ପଣ୍ଡା ଓ ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି।

ସେହିପରି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ୨୯ ଜଣ ଯୁଗ୍ମସଚିବ ପାହ୍ୟାର ଓଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ସଚିବ(ଏସଏଜି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରେ ପର୍ଯ୍ୟଟନ ବିଭାଗ ଯୁଗ୍ମସଚିବ ରୁଦ୍ରନାରାୟଣ ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦିଲ୍ଲୀପ କୁମାର ମହାପାତ୍ର ଏବଂ ସିଡ଼ିଏ ସଚିବ ଡ. ଶ୍ୱେତ କୁମାର ଦାଶ ପ୍ରମୁଖ ରହିଛନ୍ତି।




# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

**ବୈପାରୀଗୁଡା,୧୧।୪ (କଳ୍ପତରୁ ମହାନ୍ତି)**

ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ ଡାବୁଗୁଡା ଗ୍ରାମରେ ପୋଖରୀରେ ବୁଡି ୨ ନାବାଳିକାଙ୍କ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ବିଦ୍ୟାଳୟ ଛୁଟି ପରେ ଡାବୁଗୁଡା ଗ୍ରାମର ପଦଲାମ ଦୋରାପପୁଟିଆଙ୍କ ଝିଅ ପ୍ରମିଳା(୧୧) ଓ ପର୍ଶୁରାମ ପାଲିଗୁଡିଆଙ୍କ ଝିଅ ଅମ୍ରିତା ପାଲିଗୁଡିଆ(୮) ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେମାନଙ୍କ ସହ ପଦଲାମ ଓ ପର୍ଶୁରାମ ମଧ ଯାଇଥିବା ବେଳେ ବାଲିଗାଁ ପଞ୍ଚାୟତରେ ଆୟୁଷ୍ମାନ କାର୍ଡ ଆଣିବା ପାଇଁ ଝିଅମାନଙ୍କୁ ଛାଡି ଆଗୁଆ ଫେରିଥିଲେ। ପୋଖରୀରେ ଗାଧୋଇବା ବେଳେ ପ୍ରମିଳା ଓ ଅମ୍ରିତା ପୋଖରୀରେ ବୁଡି ଯାଇଥିଲେ। ଗ୍ରାମର କେତେ ଜଣ ଲୋକ ଖୋଜାଖୋଜି କରି ସେମାନଙ୍କୁ ପାଣିରୁ ଉଦ୍ଧାର କରି ରାମଗିରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ରାମଗିରି ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୧୫/୨୫ ଓ ୧୬/୨୫ରେ ୨ଟି ପୃଥକ ମାମଲା ରୁଜୁ ହୋଇଛି।



# ଉତ୍ତମ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି

## ଆରମ୍ଭ ହେଲା ଯୁଗାନ୍ତକାରୀ ଯୋଜନା

ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ୧୧ ଏପ୍ରିଲ ଶୁକ୍ରବାରଠାରୁ ରାଜ୍ୟରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଛି। କଟକ ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଉକ୍ତ ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି ମିଳିଛି। ରାଜ୍ୟର ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ହୋଇଛି। ଲୋକଙ୍କ ସରକାରରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ ହୋଇଛି। ଯୋଜନା ଶୁଭାରମ୍ଭ ପାଇଁ କଟକରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଜିଲାସ୍ତରରେ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି।



କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



କଟକ ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା'ର ଶୁଭାରମ୍ଭ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ତରାଇ, ବିଧାୟକ ବିଜୟ ଦଳବେହେରା, ଇଂ. ପ୍ରକାଶ ସେଠୀ, ଛବି ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ପ୍ରଶାନ୍ତ ବେହେରା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ: ରାଜକିଶୋର ମହାନ୍ତି) ▲



▲ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଚେତନା ରଥର ଶୁଭାରମ୍ଭ କରାଯାଉଛି।

### କଟକ





▲ କଟକ ବାଲିଯାତ୍ରା ତଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

### ଖୋର୍ଦ୍ଧା



ଖୋର୍ଦ୍ଧା ପିଏନ୍ କଲେଜ ଖେଳପଡ଼ିଆରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଜଣେ ଯୁବତୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ।

### ନୟାଗଡ଼



ନୟାଗଡ଼ ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

### ଯାଜପୁର



ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି। ନିକଟରେ ଅଛନ୍ତି ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା।

### ମୟୂରଭଞ୍ଜ



ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକାର ଦେବେନ୍ଦ୍ରପୁରଠାରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜଣେ ହିତାଧିକାରୀଙ୍କୁ ପ୍ରତୀକାତ୍ମକ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରୁଛନ୍ତି।

### ନବରଙ୍ଗପୁର



ନବରଙ୍ଗପୁରରେ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଗୌରୀଶଙ୍କର ମାଝି, ଝରିଗାଁ ବିଧାୟକ ନରସିଂହ ଭତରା ଓ ଜିଲାପାଳ ଶୁଭଙ୍କର ମହାପାତ୍ର ଜଣେ ମହିଳା ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

### ପୁରୀ



ପୁରୀ ଟାଉନ ହଲ୍‌ରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଡା. ସମ୍ବିତ ପାତ୍ର ଏବଂ ବିଧାୟକ ସୁନୀଲ କୁମାର ମହାନ୍ତି ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ବାଲେଶ୍ୱର



ବାଲେଶ୍ୱର ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ ଅବସରରେ ଓ୍ୱାର୍ଡ କାଉନସିଲର ନିତ୍ୟଗୋପାଳ ସିଂହ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ମାଲକାନଗିରି



ମାଲକାନଗିରି ସଦର ବ୍ଲକ୍ କଟେଲିଗୁଡ଼ାଠାରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ଅନ୍ୟମାନେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ରାୟଗଡ଼ା



ରାୟଗଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜିଲାପାଳ ପାରୁଲ ପଟୱାରି ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ଭଦ୍ରକ



ଭଦ୍ରକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଏମ୍‌ପି ଅଭିମନ୍ୟୁ ସେଠୀ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଥିବାବେଳେ ଉପସ୍ଥିତ ଅନ୍ୟ ଅତିଥିମାନେ।

### କୋରାପୁଟ



କୋରାପୁଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ଦେଉଛନ୍ତି।

### କେନ୍ଦୁଝର



କେନ୍ଦୁଝର ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅନ୍ୟମାନେ।

### ଭୁବନେଶ୍ୱର



ଭୁବନେଶ୍ୱର ବ୍ରହ୍ମେଶ୍ୱରପାଟଣା ୟୁପିଏଚ୍‌ସିଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ଜଣେ ମହିଳା ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରୁଛନ୍ତି।

### ଅନୁଗୋଳ



ଅନୁଗୋଳ ଜିଲାର ବଇଣ୍ଡାଠାରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

### ଢେଙ୍କାନାଳ



ଢେଙ୍କାନାଳ ମିନି ଷ୍ଟାଡିୟମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଣେ ମହିଳା ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରୁଛନ୍ତି। ନିକଟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

### ଜଗତ୍‌ସିଂହପୁର



ଜଗତ୍‌ସିଂହପୁରସ୍ଥିତ ରାହାମା ମେଡିକାଲ ପଡ଼ିଆରେ ଯୋଜନାକୁ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲାପାଳ ଜେ. ସୋନାଲ ଓ ଅନ୍ୟ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

### ଗଞ୍ଜାମ



ବ୍ରହ୍ମପୁରର ଆସିକା ରୋଡ଼ସ୍ଥିତ ସରକାରୀ ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟରେ ଜଣେ ହିତାଧିକାରୀ ପ୍ରତୀକ୍ଷା ଦୀକ୍ଷିତଙ୍କୁ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

### କେନ୍ଦ୍ରାପଡ଼ା



କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟମାନେ।

### ବରଗଡ଼



ବରଗଡ଼ରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାର ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### କଳାହାଣ୍ଡି



କଳାହାଣ୍ଡି ଜିଲା ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଛକସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ବୌଦ୍ଧ



ବୌଦ୍ଧ ଜିଲା ଜହ୍ନାପଙ୍କ ମେଡିକାଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

### ସମ୍ବଲପୁର



ସମ୍ବଲପୁର ଜିଲା ଜିଏମ୍‌ୟୁ ପ୍ରେକ୍ଷାଳୟରେ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଏକକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଉଛି।

### ସୁବର୍ଣ୍ଣପୁର



ସୁବର୍ଣ୍ଣପୁର ଜିଲା ହତୀଖୋଲଠାରେ ଜଣେ ମହିଳାଙ୍କୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଏବଂ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ସୁନ୍ଦରଗଡ଼



ସୁନ୍ଦରଗଡ଼ରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିମାନେ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ଗଜପତି



ଗଜପତି ଜିଲା ଗୋସାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଜଣେ ହିତାଧିକାରୀଙ୍କୁ ବିଧାୟକ ରୂପେଶ ପାଣିଗ୍ରାହୀ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ନୂଆପଡ଼ା



ନୂଆପଡ଼ା ଜିଲା ବେଲଖୁଣ୍ଟୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସ୍ୱାସ୍ଥ୍ୟ କାର୍ଡ ପାଇଥିବା ହିତାଧିକାରୀ।

### ଝାରସୁଗୁଡ଼ା



ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପଠାରେ ଜଣେ ହିତାଧିକାରୀଙ୍କୁ ଜିଲାପାଳ ଅବୋଲୀ ସୁନୀଲ ନରୱଣେ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

### ରାଉରକେଲା



ରାଉରକେଲା ଉଦିତନଗର ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

### କନ୍ଧମାଳ



ଫୁଲବାଣୀସ୍ଥିତ କରୋନେସନ ପଡ଼ିଆରେ ହିତାଧିକାରୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଛି।

### ବଲାଙ୍ଗୀର



ବଲାଙ୍ଗୀର ମିଶନ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବିତରଣ କାର୍ଯ୍ୟକ୍ରମରେ ଏଡିଏମ୍ ପବିତ୍ର ବେହେରା ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

## କ'ଣ କୁହନ୍ତି ଏମାନେ...

### ମୁଁ ବହୁତ ଖୁସୀ

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ମାଧ୍ୟମରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ପାଇ ବହୁତ ଖୁସି ଅଛି। ମୋ ପରିବାରର ସମସ୍ତଙ୍କ ପାଇଁ ଗୋଟିଏ ଲେଖାଏ କାର୍ଡ ଆସିବ। ପୁରୁଷଙ୍କ ପାଇଁ ୫ ଲକ୍ଷ ଥିବାବେଳେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା। ୭୦ ବର୍ଷରୁ ଊର୍ଦ୍ଧ୍ୱ ମଧ୍ୟ ଏହି ଯୋଜନାରେ ଲାଭ ପାଇବେ। ପୂର୍ବ ସରକାରଙ୍କ ଯୋଜନାରେ ପ୍ରତି ପରିବାରକୁ ୫ ଲକ୍ଷ ରହିଥିଲା। କିନ୍ତୁ ମହିଳାଙ୍କ କ୍ଷେତ୍ରରେ ଅଧିକ ଆଉ ୫ ଲକ୍ଷ ମିଳୁଥିଲା। କିନ୍ତୁ ବର୍ତ୍ତମାନ ପ୍ରତ୍ୟେକ କାର୍ଡଧାରୀ ସିଧାସଳଖ ଲାଭ ପାଇବେ। ଆମ ଭଳି ଗରିବ ଲୋକଙ୍କ ପାଇଁ ଏହି ସ୍ୱାସ୍ଥ୍ୟକାର୍ଡ ବହୁ ସହାୟକ ହେବ।

- ବି. ମୋହନ ରାଓ (ହିତାଧିକାରୀ), ଉମରକୋଟ, ନବରଙ୍ଗପୁର

### ମୋ ଭଳି ଅନେକ ଲୋକ ଉପକୃତ ହେବେ

ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନା। ୭୮ ବର୍ଷ ବୟସରେ ଜଣେ ଅବସରପ୍ରାପ୍ତ ନାଗରିକ ଭାବେ ନିଶ୍ଚିତ ଭାବେ ଉପକୃତ ହେବି ବୋଲି ଆଶା ରଖିଛି। ବ୍ୟୟବହୁଳ ଚିକିତ୍ସା ବ୍ୟବସ୍ଥା ତଥା ବହୁବିଧ ରୋଗରୁ ଏହି ଯୋଜନାରେ ମୋ ଭଳି ଅନେକ ଲୋକ ନିଦାନ ପାଇବେ।

- ଦୁର୍ଗାଚରଣ ମହାନ୍ତି, ମାଧପୁର, କେନ୍ଦୁଝର ସହର

### ବିଏସ୍‌କେୱାଇଠାରୁ ଅଧିକ ଲାଭଦାୟକ ହେବ ବୋଲି ଆଶା

ଆୟୁଷ୍ମାନ ଭାରତ କାର୍ଡ ବହୁ ପୂର୍ବରୁ ପ୍ରଚଳନ ହୋଇଥିବା ବେଳେ ଆମ ରାଜ୍ୟରେ ଲାଗୁ ହୋଇ ନ ଥିଲା। ପୂର୍ବ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା କାର୍ଡରେ ମାଗଣା ଚିକିତ୍ସା ସେବା ପାଉଥିଲୁ। ଏବେ ସେହି କାର୍ଡ ବଦଳରେ ଆୟୁଷ୍ମାନ କାର୍ଡ ନୂଆ ସରକାର ପ୍ରଦାନ କରୁଛନ୍ତି। ପୂର୍ବ ଅପେକ୍ଷା ଅଧିକ ମେଡିକାଲରେ ଏହି କାର୍ଡର ସୁବିଧା ମିଳିପାରିବ। ଏଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ(ବିଏସ୍‌କେୱାଇ)ଠାରୁ ଏହା ଅଧିକ ଲାଭଦାୟକ ହେବ ବୋଲି ଆଶା।

- ରାଜକିଶୋର ରାଉତ, ହିତାଧିକାରୀ, ଧୁଷୁରୀ

### ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଆହୁରି ଆଗକୁ ନେବ

ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଆହୁରି ଆଗକୁ ନେବା ସହ ଲୋକମାନଙ୍କୁ ଏକ ଉନ୍ନତ ଧରଣର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିଶ୍ଚିତ କରାଇବ। ଦେଶର ପ୍ରମୁଖ ହସ୍ପିଟାଲରେ ଚିକିତ୍ସା ସେବା ଉପଲବ୍ଧ ହେବା ଏହି ଯୋଜନାର ଲୋକପ୍ରିୟତାକୁ ପ୍ରମାଣିତ କରେ। ସ୍ୱାସ୍ଥ୍ୟସେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ।

- ହରିପ୍ରିୟା ପାତ୍ର(ଛାତ୍ରୀ), କାକୁଡିହା, ଚିତ୍ରଡ଼ା, ମୋରଡ଼ା, ମୟୂରଭଞ୍ଜ

### ସରକାରଙ୍କୁ ବହୁ ଧନ୍ୟବାଦ

ପ୍ରଧାନମନ୍ତ୍ରୀ ଏହି କାର୍ଡ ମାଧ୍ୟମରେ ମେଡିକାଲ ସୁବିଧା ଦେଇଥିବାରୁ ଆମେ ବହୁତ ଖୁସି ଅଛୁ। ବିନା ପଇସାରେ ମେଡିକାଲକୁ ଯାଇ ଆମେ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବୁ। ତେଣୁ ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ।

- ଅବନ୍ତୀ ସାହୁ, ମାଣ୍ଡପାସାହି, ଢେଙ୍କାନାଳ

### ସ୍ୱାସ୍ଥ୍ୟ କାର୍ଡ ପାଇ ବହୁତ ଖୁସି

ଦୀର୍ଘ ଦିନ ପରେ ଓଡ଼ିଶାରେ କେନ୍ଦ୍ରର ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା ଲାଗୁ ହୋଇଥିବା ବେଳେ ମୁଁ ଆଜି ସ୍ୱାସ୍ଥ୍ୟ କାର୍ଡ ପାଇଥିବାରୁ ବହୁତ ଖୁସି। ଏହାଦ୍ୱାରା ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ମାଗଣାରେ ପାଇପାରିବି ବୋଲି ଭାବୁଛି।

- ସବିତା ପରଜା, କୋରାପୁଟ ମ୍ୟୁନିସିପାଲିଟି

### ଦାଦନ ଶ୍ରମିକଙ୍କ ପାଇଁ ବରଦାନ ସଦୃଶ

ଓଡ଼ିଶା ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ନିତାନ୍ତ ଆବଶ୍ୟକ ଥିଲା। ପୁରପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ବହୁ ଗରିବ ଶ୍ରେଣୀର ଲୋକ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ତେବେ ରୋଗାକ୍ରାନ୍ତ ହେଲେ ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ହଇରାଣ ହେଉଛନ୍ତି। ସେମାନଙ୍କ ପାଇଁ ଏହି ଯୋଜନା ବରଦାନ ସଦୃଶ। ଏବେ କଷ୍ଟାର୍ଜିତ ଧନ ମେଡିକାଲକୁ ଦେବାକୁ ପଡ଼ିବ ନାହିଁ, ଆୟୁଷ୍ମାନ କାର୍ଡ ଦେଖାଇ ସେଠାରେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ।

- ସନ୍ତୋଷ କୁମାର ଡାକୁଆ, ଖୋର୍ଦ୍ଧା ପୌରାଞ୍ଚଳ

### ସ୍ୱାସ୍ଥ୍ୟସେବାରେ ଫାଇଦା ହେବ

ଆୟୁଷ୍ମାନ ଯୋଜନା କାର୍ଡ ଦ୍ୱାରା ପ୍ରତ୍ୟେକ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ। ପୂର୍ବରୁ ଥିବା କାର୍ଡରେ ପରିବାରର କେବଳ ଜଣେ ଲୋକ ସୁବିଧା ପାଉଥିଲେ, ହେଲେ ଆୟୁଷ୍ମାନ କାର୍ଡ ସମସ୍ତଙ୍କ ପାଇଁ ଖୁସି ଆଣିଦେଇଛି। ପାଠପଢ଼ିବା ପାଇଁ ବାହାରକୁ ଯିବାକୁ ସ୍ଥିର କରିଛି ଏବଂ ଏହି କାର୍ଡ ରହିଲେ ସ୍ୱାସ୍ଥ୍ୟ ପ୍ରତି ଚିନ୍ତା ରହିବନି। ଯଦି କେଉଁଠି ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ସମସ୍ୟା ହୁଏ ତେବେ ଏହି କାର୍ଡ ଯୋଗେ ଦେଶର ବିଭିନ୍ନ ସ୍ଥାନରେ ଆମେ ସୁବିଧା ପାଇପାରିବୁ। କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି କାର୍ଡ ପାଇ ବହୁତ ଖୁସି ଲାଗୁଛି।

- ଅମ୍ବିକା ପଣ୍ଡା, ହିତାଧିକାରୀ, କଟକ

### ଚିକିତ୍ସା ପାଇଁ ଚିନ୍ତା ନାହିଁ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ପାଇଛି। ଏଣିକି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ମାଗଣାରେ ଚିକିତ୍ସା ହୋଇପାରିବ। ସରକାରଙ୍କ ଏହା ଏକ ଭଲ ପଦକ୍ଷେପ। ସରକାର ମହିଳାଙ୍କୁ ଅଗ୍ରାଧିକାର ଦେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେଇଥିବାରୁ ବହୁତ ଖୁସି ଅନୁଭବ ହେଉଛି। ଏଣିକି ଚିକିତ୍ସା ଖର୍ଚ୍ଚ ସରକାର ଦେବେ।

- କାମିନୀ ମହାରଣା, ହିତାଧିକାରୀ (ବ୍ରହ୍ମପୁର)



ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ସ୍ମାରକପତ୍ର ଦେବାକୁ ଯାଉଥିବା କଂଗ୍ରେସ ନେତା କହ୍ନେୟା କୁମାର, ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଉଦୟ ଭାନ୍ ଓ ଅନ୍ୟମାନଙ୍କୁ ପୋଲିସ ଉଠାଇ ନେଉଛି।

# କଂଗ୍ରେସ ରାଲିରେ ପୋଲିସର ଲାଠିମାଡ଼

ପାଟନା,୧୧।୪(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଟନାସ୍ଥିତ ସରକାରୀ ବାସଭବନ ଅଭିମୁଖେ ଯାଉଥିବା କଂଗ୍ରେସ କର୍ମୀଙ୍କ ରାଲି ଉପରେ ଶୁକ୍ରବାର ପୋଲିସ ଲାଠିଚାଳନା କରିବା ସହ ପାଣିମାଡ଼ କରିଛି। କହ୍ନେୟା କୁମାରଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀଙ୍କୁ ପୋଲିସ ଅଟକ ରଖିଛି। 'ପଳାୟନ ରୋକୋ, ନୌକରି ଦୋ' ପଦଯାତ୍ରା ଶେଷ କରିବା ଅବସରରେ ଏହି ରାଲିର ଆୟୋଜନ କରାଯାଇଥିଲା। ଦଳୀୟ କର୍ମୀମାନେ ସଦକତ ଆଶ୍ରମସ୍ଥିତ ବିହାର ପିସିସି ମୁଖ୍ୟାଳୟରୁ ଶୋଭାଯାତ୍ରାରେ ବାହାରିଥିଲେ। ରାଜା ପୌଲ ଛକରେ ବାରିକେଡ୍ ଅତିକ୍ରମ ଉଦ୍ୟମ କରିବାରୁ ପୋଲିସ ବଳପ୍ରୟୋଗ କରିଥିଲା। ସେମାନେ ସ୍ମାରକପତ୍ର ଦେବା ଲାଗି କଡ଼ା ସୁରକ୍ଷା ଜୋନ୍‌ରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯିବାକୁ ଚାହୁଁଥିଲେ।

ବିହାରରେ କିଛି ମାସ ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ରାଜ୍ୟରେ ସ୍ଥିତି ମଜଭୁତ କରିବା ପାଇଁ ଉଦ୍ୟମ ଚଳାଇଛି। ଏଥିପାଇଁ ଛାତ୍ର ଏବଂ ଯୁବକଂଗ୍ରେସ ପକ୍ଷରୁ ପଦଯାତ୍ରାର ଆୟୋଜନ କରାଯାଇଥିଲା। ସଦକତ୍ ଆଶ୍ରମଠାରେ ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ ଏବଂ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଇଲଟ୍ କହିଥିଲେ ବିହାରରେ ଶାସକ ଏନ୍‌ଡିଏର ଡବଲ ଇଞ୍ଜିନ୍ କେବଳ ଧୂଆଁ ଛାଡୁଛି କିନ୍ତୁ ଆଗକୁ ଯାଉନାହିଁ। କେନ୍ଦ୍ରରେ କ୍ଷମତାରେ ରହିବା ପାଇଁ ଭାଜପା ଜେଡିୟୁ ଉପରେ ନିର୍ଭର କରୁଥିବାବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ପାଇଁ ସୁବିଧା ହାସଲ କରିବାରେ ବିଫଳ ହୋଇଥିବା ପାଇଲଟ୍ ଅଭିଯୋଗ କରିଥିଲେ। ମହାମେଣ୍ଟ ବିହାରରେ କ୍ଷମତାକୁ ଆସିଲେ ସରକାରୀ ବିଭାଗରେ ଖାଲିପଡ଼ିଥିବା ପଦବୀ ପୂରଣକୁ ସର୍ବାଧିକ ପ୍ରାଥମିକତା ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ବିଜେଡିର ଭୀଷ୍ମ ମହାନ୍ତି କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ

କେନ୍ଦ୍ରାପଡ଼ା, ୧୧।୪ (ଜଗନ୍ନାଥ ଧଳ)

ଗତ ସାଧାରଣ ନିର୍ବାଚନ ପୂର୍ବରୁ ଖାଲି ରହିଥିବା କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ପଦ ଶୁକ୍ରବାର ପୂରଣ ହୋଇଛି। ଏହି ପଦ ପାଇଁ ନିର୍ବାଚନ ପରେ ଆଳି ଜୋନ ଅନ୍ତର୍ଗତ ୪ ନଂ. ଜିଲା ପରିଷଦ ସଭ୍ୟ ବିଜେଡିର ଭୀଷ୍ମ ମହାନ୍ତି ଶପଥ ଗ୍ରହଣ କରିଛନ୍ତି। ନିର୍ବାଚନରେ ସେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଥିଲେ। ପୂର୍ବାହ୍ନ ୧୦ଟା ୪୨ ମିନିଟରେ ସେ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଧାର୍ଯ୍ୟ ସମୟରେ ଅନ୍ୟ କୌଣସି ପ୍ରାର୍ଥୀପତ୍ର ଆସି ନ ଥିବା ନିର୍ବାଚନ ପରିଚାଳନା ଅଧିକାରୀ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରାର୍ଥୀପତ୍ର ଯାଞ୍ଚ ପରେ ପ୍ରାର୍ଥୀ ମହାନ୍ତିଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲା ପରିଷଦରେ ମୋଟ ୩୨ଟି ଜୋନ ରହିଛି। ଏଥିମଧ୍ୟରୁ ଭାଜପା ଗୋଟିଏ ଆସନ ପାଇଥିବା ବେଳେ ଅବଶିଷ୍ଟ ୩୧ ସଭ୍ୟ ପଦ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଜିତିଥିଲେ।

# ନାଲିଆଖି ଦେଖାଇପାରିବେନି, ଆମେ ଚାକିରି କରିନୁ: ପ୍ରଫୁଲ୍ଲ

ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)

**ନବୀନଙ୍କୁ ବରିଷ୍ଠଙ୍କ ପାଲଟା ଚ୍ୟାଲେଞ୍ଜ**

- ଆମ ସ୍ୱାଧୀନତାରେ କେହି ହସ୍ତକ୍ଷେପ କରିପାରିବେ ନାହିଁ: ନୃସିଂହ
- ଦଳ ନବୀନଙ୍କ ନେତୃତ୍ୱରେ ଚାଲିଛି : ଅଶ୍ୱିନୀ

ଦିନ ଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯାହା କହୁଥିଲେ ଏହା ଉପରେ କେହି ପଦାରେ ମଧ୍ୟ ଆଲୋଚନା କରିବାକୁ ସାହସ ଜୁଟାଇପାରୁ ନ ଥିଲେ। ଯଦି ଦଳର କୌଣସି ବିଷୟରେ କେହି ପଚାରୁଥିଲେ ତେବେ ନ ଜାଣିଲା ଭଳି ପୂର୍ବରୁ ନେତାମାନେ ସ୍ଥାନ ଛାଡ଼ି ଚାଲିଯାଉଥିଲେ। ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ। ନବୀନଙ୍କ ନିୟନ୍ତ୍ରଣରେ ଦଳ ଆଉ ନ ଥିବା ସ୍ପଷ୍ଟ ହେବାରେ ଲାଗିଲାଣି। ନବୀନଙ୍କ ନିର୍ଦ୍ଦେଶକୁ ମଧ୍ୟ ତାଙ୍କ ଦଳର ନେତାମାନେ ପୂର୍ବଭଳି ଖାତିର କରୁନାହାନ୍ତି। ସିଧାସଳଖ ନବୀନଙ୍କ ନାଁ ନେଇ ତାଙ୍କ ଦଳର ନେତାମାନେ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଦେଇଛନ୍ତି। ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ଏବଂ ନୃସିଂହ ସାହୁ ବାହାରେ ବୈଠକ କରିବା ନେଇ ନବୀନ ଦେଇଥିବା ମନ୍ତବ୍ୟକୁ ଶୁକ୍ରବାର ସିଧାସଳଖ ଚ୍ୟାଲେଞ୍ଜ କରିଛନ୍ତି। କିଏ କେଉଁଠି ବସିବ ସେକଥା ଦଳର ସଭାପତି କହିପାରିବେନାହିଁ ବୋଲି ଉଭୟ ନେତା ଖୋଲାଖୋଲି ମନ୍ତବ୍ୟ ରଖିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଫୁଲ୍ଲ କହିଛନ୍ତି, ଆମେମାନେ କେତେବେଳେ ସାଙ୍ଗସାଥୀରେ ବସି କିଛି ଆଲୋଚନା କରିବୁ, ସେଥିରେ କ'ଣ ଅଛି। ଆମେମାନେ କ'ଣ ଦଳ ପାଇଁ ଅନ୍ତର୍ଘାତୀ କାର୍ଯ୍ୟ କରୁଛୁ। ଆମେ କ'ଣ ହୋଟେଲରେ ବସିପାରିବୁ ନାହିଁ। ଆମେ କ'ଣ କାହା ପାଖରେ ଚାକିରି କରିଛୁ! ଦଳ ବିଶ୍ୱାସରେ ଚାଲେ, କେହି କାହାକୁ ଏଠାରେ ନାଲିଆଖି ଦେଖାଇପାରିବେନାହିଁ। ଗଣତନ୍ତ୍ର ଉପରେ ଆମେ ବିଶ୍ୱାସ କରୁଛୁ। ନବୀନବାବୁ ସବୁବେଳେ କହିଛନ୍ତି, ବିଜେଡି ଏକ ଧର୍ମନିରପେକ୍ଷ ଦଳ। ପାଣ୍ଡିଆନ୍ ଫ୍ୟାକ୍ଟରକୁ ଲୋକମାନେ ଗ୍ରହଣ କରୁନାହାନ୍ତି। ଯଦି ପାଣ୍ଡିଆନ୍ ଦଳର କୌଣସି କଥାରେ ନାହାନ୍ତି ତେବେ ସେ ନିଜେ ଆସି ସିଧାସଳଖ ସେକଥା କୁହନ୍ତୁ ବୋଲି ପ୍ରଫୁଲ୍ଲ କହିଛନ୍ତି।

ଅନ୍ୟପଟେ ନୃସିଂହ ସାହୁ କହିଛନ୍ତି, ପାଣ୍ଡିଆନ୍ ସରକାରୀ ଅଫିସର ଭାବେ ଭଲ କାମ କରିଛନ୍ତି, ହେଲେ ସେ ଦଳରେ ଯୋଗଦେବା ପରେ ଲୋକମାନେ ତାଙ୍କୁ ଗ୍ରହଣ କଲେ ନାହିଁ। ୨ରୁ ୪ଟା ବିଷୟକୁ ନେଇ ବିଜେଡି ହାରିଲା। ସେଥିରୁ ଗୋଟିଏ କାରଣ ହେଉଛି ନବୀନବାବୁ ଦୁଇଟି ଜାଗାରୁ ଠିଆହେଲେ। ପ୍ରଚାର କରାଗଲା ଗୋଟିଏ ଆସନ ନବୀନବାବୁ ଜିତିବା ପରେ ଛାଡ଼ିବେ, ସେଠାରୁ ପାଣ୍ଡିଆନ୍ ଲଢ଼ିବେ ଏବଂ ରାଜ୍ୟର ଦାୟିତ୍ୱ ନେବେ। ପାଣ୍ଡିଆନ୍ ଏବେ ବି ନବୀନ ନିବାସ ଯାଉଛନ୍ତି। ଆମେମାନେ ବାହାରେ ଯେଉଁ ମିଟିଂ କଲୁ, ନବୀନବାବୁ ଭାବିଲେ ପଲିଟିକାଲ ଆଫେୟାର୍ସ କମିଟି ଯାଇକି ବସିଥିଲା। ହେଲେ ସେମିତି ନୁହେଁ, ସେ ଭୁଲ୍ ବୁଝିଛନ୍ତି। ଆମେ ଯେମିତି ବସିବା କଥା ଯାଇ ବସିବୁ। ଯିଏ ଯାହା ଘରକୁ ଡାକିବେ ଆମେ ଯିବୁ, ଚା, ଜଳଖିଆ ଖାଇ ଆଲୋଚନା କରିବୁ। ଆମ ସ୍ୱାଧୀନତା ଉପରେ କେହି ହସ୍ତକ୍ଷେପ କରିପାରିବେ ନାହିଁ। ଯେତେବେଳେ ଯାଇ ବାହାରେ ବସିଥାଉ ଦଳର ହିତ ବିଷୟରେ ଆଲୋଚନା କରିଥାଉ। ୱାକ୍‌ଫ ବିଲ୍ ନେଇ ଏ ପର୍ଯ୍ୟନ୍ତ ନବୀନବାବୁ କିଛି ସ୍ପଷ୍ଟ କରିନାହାନ୍ତି। ପୂର୍ବରୁ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ମଧ୍ୟ ମିଟିଂ କରିଥିଲେ। ହେଲେ ଦଳର କାର୍ଯ୍ୟକ୍ରମ ଶଙ୍ଖ ଭବନରେ ହେବା ଦରକାର ବୋଲି ସେ କହିଛନ୍ତି।

ଏହି ଦୁଇ ନେତାଙ୍କ ମନ୍ତବ୍ୟକୁ ନେଇ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ଦଳ କ୍ଷମତାରେ ଥାଉ କି ନ ଥାଉ କେବଳ ଶୃଙ୍ଖଳା ପାଇଁ ଏହି ଦଳ ତିଷ୍ଠିରହିଛି। ଓଡ଼ିଶାରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଏଭଳି ଦାୟିତ୍ୱ ତୁଲାଇଛନ୍ତି ସାରା ଭାରତବର୍ଷ ପାଇଁ ସିଏ ଉଦାହରଣ ହୋଇ ରହିବେ। ଦଳ ତାଙ୍କ ନେତୃତ୍ୱରେ ଚାଲିଛି। କିଛି ବାଦବିବାଦ ଆସିପାରେ, କିନ୍ତୁ ଆଗକୁ ଦଳ ପୁଣି ୟୁନାଇଟେଡ୍ ହେବ ବୋଲି ଅଶ୍ୱିନୀ କହିଛନ୍ତି।

# ସସ୍ମିତଙ୍କ ଉପରେ ଦ୍ୱିତୀୟ କ୍ଷମତାକେନ୍ଦ୍ରର ଚାପଥିଲା:ସପ୍ତଗିରି

ଭୁବନେଶ୍ୱର,୧୧।୪(ରବିନାରାୟଣ ଜେନା)



ସପ୍ତଗିରି ଉଲାକା

ରାଜ୍ୟ ସଭାରେ ୱାକ୍‌ଫ ବିଲ୍ ପାରିତ ବେଳେ ବିଜେଡି ସଦସ୍ୟ ଡ. ସସ୍ମିତ ପାତ୍ରଙ୍କ ଉପରେ ଦ୍ୱିତୀୟ କ୍ଷମତା କେନ୍ଦ୍ରର ଚାପ ଥିଲା ବୋଲି କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଶୁକ୍ରବାର ଭି. କେ ପାଣ୍ଡିଆନଙ୍କୁ ଆକ୍ଷେପ କରି କହିଛନ୍ତି।

ସପ୍ତଗିରି ଗଣମାଧ୍ୟମରେ କହିଛନ୍ତି, ରାଜ୍ୟ ସଭାରେ ମତଦାନ ବେଳେ ସସ୍ମିତ କିଛି ସମୟ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଦ୍ୱିତୀୟ କ୍ଷମତା କେନ୍ଦ୍ର ତଥା ପାଣ୍ଡିଆନ ଚାପ ପକାଇଥିଲେ ; ଯେଉଁଥିପାଇଁ ସେ ଗଣମାଧ୍ୟମ ସମ୍ମୁଖରେ ସଦସ୍ୟମାନଙ୍କୁ ୱାକ୍‌ଫ ବିଲ୍ ପ୍ରସଙ୍ଗରେ ବିବେକାନୁମୋଦିତ ଭୋଟଦେବାକୁ କହିଥିଲେ। ତେବେ ସଂସଦୀୟ ଗଣତନ୍ତ୍ରରେ ପ୍ରଥମଥର ପାଇଁ ବିଜେଡି ସଦସ୍ୟଙ୍କ ଏଭଳି ମନ୍ତବ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୱାକ୍‌ଫ ବିଲ୍‌କୁ ବିରୋଧ କରିବାପାଇଁ କହିସାରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସସ୍ମିତଙ୍କ ୟୁଟର୍ନ କେବଳ ଦ୍ୱିତୀୟ କ୍ଷମତା କେନ୍ଦ୍ରଙ୍କ ଚାପ ଯୋଗୁ ସମ୍ଭବ ହୋଇଛି ବୋଲି ସପ୍ତଗିରି କହିଛନ୍ତି।

## ଅପରାଧ

# ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର, ସ୍ତ୍ରୀ ଆହତ

ବନ୍ତଲା,୧୧।୪ (ସୁଶିତ ସାହୁ)

ଜମିବାଡ଼ି ବିବାଦରୁ ବଡ଼ ଭାଇଙ୍କ ଟାଙ୍ଗିଆ ଚୋଟରେ ସାନଭାଇ ଗୁରୁତର ହୋଇଛନ୍ତି। ଭାଇବୋହୂ ଆହତ ହୋଇଛନ୍ତି। ଅନୁଗୋଳ ଜିଲା ବନ୍ତଲା ଥାନା ଶଙ୍ଖପୁର ପଞ୍ଚାୟତ ଖାଲଗାଁ ଉପରସାହିରେ ଶୁକ୍ରବାର ଏହି ଗଣ୍ଡଗୋଳ ହୋଇଛି। ଗୁରୁତର ସାନଭାଇ ବାଉରୀ ଜ୍ୟୋତିଷ( ୬୦)ଙ୍କୁ ପ୍ରଥମେ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ଘଟଣା ସମ୍ପର୍କରେ ଆହତ ଭୋଇବୋହୂ କାମିନୀ ଜ୍ୟୋତିଷ (୫୫) ଥାନାରେ ଦେଢ଼ଶୁର ଦାଶରଥୀ ଜ୍ୟୋତିଷ (୭୦)ଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସେହିପରି ଦାଶରଥୀ ମଧ୍ୟ ସାନଭାଇ ବାଉରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ବାଉରୀଙ୍କ ଆକ୍ରମଣରେ ସେ ଆହତ ହୋଇଥିବା ଦର୍ଶାଇଛନ୍ତି। ଅଭିଯୋଗରେ କାମିନୀ ଉଲ୍ଲେଖ କରିଛନ୍ତି, ସକାଳ ୮ଟାରେ ସ୍ୱାମୀ ବାଉରୀ ଘର ଦୁଆରମୁହଁରୁ ଅଳିଆ ସଫା କରୁଥିଲା ବେଳେ ବଡ଼ଭାଇ ଦାଶରଥୀ ଗାଳିଗୁଲଜ କରିଥିଲେ। ପୂର୍ବ ଜମିବାଡ଼ି ବିବାଦରୁ ବଚସା କରିବା ସହ ଏକ ଟାଙ୍ଗିଆ ଆଣି ବାଉରୀଙ୍କ ବେକକୁ ଚୋଟ ପକାଇଥିଲେ। ସ୍ୱାମୀଙ୍କୁ ରକ୍ଷା କରିବାକୁ ଯିବା ବେଳେ ତାଙ୍କୁ ମଧ୍ୟ ଦାଶରଥୀ ଆକ୍ରମଣ କରିଥିଲେ। ଉଭୟପକ୍ଷର ଅଭିଯୋଗ ଆଧାରରେ ତଦନ୍ତ କରାଯାଉଥିବା ବନ୍ତଲା ପୋଲିସ ସୂଚନା ଦେଇଛି।

# ୩ ହାର୍ଡକୋର ମାଓବାଦୀ ଗିରଫ

ମାଲକାନଗିରି, ୧୧।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ପୋଲିସ ୩ ଜଣ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛି। ଗିରଫ ମାଓବାଦୀମାନେ ହେଲେ ୨ ଲକ୍ଷ ଇନାମୀ ମାଡକାମ ଭୀମା, ୧ ଲକ୍ଷ ଇନାମୀ ମାଡକାମ ନନ୍ଦା ଓ ହେମଲା ନନ୍ଦା। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ଏସ୍‌ପି ସୂଚନା ଦେଇଛନ୍ତି।

# ବ୍ରାଉନ୍‌ସୁଗାର ବେପାରୀ ସେକ୍ ଜାମସେଦ୍‌ଙ୍କୁ ଏନ୍‌କାଉଣ୍ଟର

ଭୁବନେଶ୍ୱର,୧୧।୪ (ସତ୍ୟଜିତ୍ ରାଉତ)

ପେସାଦାର ବ୍ରାଉନସୁଗାର ବେପାରୀ ସେକ୍ ଜାମ୍‌ସେଦ୍ (୩୨)ଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ) ଏନ୍‌କାଉଣ୍ଟର କରିଛି। ଭୁବନେଶ୍ୱର ଜୟଦେବ ବାଟିକା ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଜାମସେଦ୍ ଓ ପୋଲିସ ଟିମ୍ ମଧ୍ୟରେ ଗୁଳି ବିନିମୟ ବେଳେ ଏହି ଘଟଣା ଘଟିଛି। ଜାମସେଦ୍‌ଙ୍କ ବାମଗୋଡ଼ରେ ପୋଲିସ ଗୁଳି ବାଜିଥିବା ବେଳେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଜାମସେଦ୍ ପୂର୍ବରୁ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡ଼ିଆ ବସ୍ତିରେ ରହୁଥିବା ବେଳେ ଠିକଣା ବଦଳାଇ କଟକ-ପୁରୀ ବାଇପାସ୍ ରୋଡ୍ ମଙ୍ଗରାଜ ପଏଣ୍ଟ ପାଖରେ ରହୁଛନ୍ତି। ତେବେ ଜାମ୍‌ସେଦ ଧରାପଡ଼ିବା ପରେ ତାଙ୍କ ପାଖରୁ ୨୦ ଲକ୍ଷ ଟଙ୍କାର ୨୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଗୁଳି, ବାଇକ (ଓଡି୦୨ଏଜେଡ୍‌୫୨୪୬) ଓ ନଗଦ ୬ ହଜାର ଟଙ୍କା ଜବତ କରିଛି ପୋଲିସ।



ଏନ୍‌କାଉଣ୍ଟରରେ ଆହତ ସେକ୍ ଜାମ୍‌ସେଦ୍।

ଏହି ଘଟଣାରେ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୨୨୫/୨୦୨୫) ରୁଜୁ କରାଯାଇଛି। ଜାମସେଦ୍ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତ ଜାମସେଦଙ୍କ ନାଁରେ କଟକ ଲାଲ୍‌ବାଗ ଥାନା, ଭୁବନେଶ୍ୱରର ବାଲିଅନ୍ତା ଓ ବଡ଼ଗଡ ଥାନାରେ ଗୋଟିଏ ଲେଖାଏ ନିଶା କାରବାର ମାମଲା ରହିଥିବା ବେଳେ ଲକ୍ଷ୍ମୀସାଗର ଥାନାରେ ଏକ ଆକ୍ରମଣଜନିତ ମାମଲା ରହିଛି। ଏହାପୂର୍ବରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜାମସେଦ୍‌ଙ୍କୁ ୨୦୨୨ ଏପ୍ରିଲ ୨୨ରେ ହଳଦୀପଡ଼ିଆ ବସ୍ତିରୁ ଗିରଫ କରିଥିଲା।

ସୂଚନା ଅନୁଯାୟୀ, ଜାମ୍‌ସେଦ ଦୀର୍ଘଦିନ ହେବ ବ୍ରାଉନସୁଗାର କାରବାରରେ ଲିପ୍ତ ରହିଛନ୍ତି। ବିଭିନ୍ନ ରାଜ୍ୟରୁ ବ୍ରାଉନ୍‌ସୁଗାର ଆଣି ଲୋକାଲ ଡିଲରଙ୍କୁ ଦେଉଛନ୍ତି। ଏପରିକି ବଡ଼ ବଡ଼ ନିଶା ବେପାରୀଙ୍କ ସହ ମଧ୍ୟ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ପୂର୍ବରୁ ସେ ଏକାଧିକଥର ଜେଲ ଯାଇଥିଲେ ମଧ୍ୟ ଧଳା ଜହର କାରବାର ବନ୍ଦ କରୁ ନ ଥିଲେ। କିଛିଦିନ ହେବ ଜାମସେଦ୍ ବଡ଼ ପରିମାଣର ବ୍ରାଉନସୁଗର କାରବାର କରୁଥିବା ଓ ଭୁବନେଶ୍ୱରର ସ୍ଥାନୀୟ ବେପାରୀଙ୍କୁ ଦେବାକୁ ଚେଷ୍ଟା କରୁଥିବା ସୂଚନା ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ତାଙ୍କ ଉପରେ କଡ଼ା ନଜର ରଖିଥିଲା। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଟିମ୍ ଜାମସେଦଙ୍କୁ ଖଣ୍ଡଗିରି ଜଙ୍କ୍‌ଶନ ପାଖରେ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ସେ ପୋଲିସକୁ ଚକ୍‌ମା ଦେଇ ସେଠାରୁ ଜୟଦେବ ବାଟିକା ଆଡକୁ ଦ୍ରୁତଗତିରେ ବାଇକ୍ ମୁହାଁଇଥିଲେ। ପୋଲିସ ଟିମ୍ ପିଛା କରି କାବୁ କରିବାକୁ ଉଦ୍ୟମ କରିବାରୁ ସେ ଜୟଦେବ ବାଟିକା ନିକଟ ରାସ୍ତାରେ ଗୁଳି ଚଳାଇଥିଲେ। ଏପଟେ ଆତ୍ମରକ୍ଷା ପାଇଁ ପୋଲିସ ଟିମ୍ ଜାମସେଦ୍‌ଙ୍କୁ ଗୁଳିମାଡ଼ କରିଥିଲା। ଗୋଡ଼ରେ ଗୁଳି ବାଜିବା ପରେ ସେ ବାଇକ୍‌ରୁ ଖସି ତଳେ ପଡ଼ିଯିବାରୁ ପୋଲିସ ତାଙ୍କୁ କାବୁ କରିଥିଲା ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି।

# ଗାଁ ରାସ୍ତା ମଝିରେ ଯୁବକଙ୍କୁ ହତ୍ୟା, ବାପ ପୁଅ ଗିରଫ

ବଲାଙ୍ଗୀର,୧୧।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସରଗାଡ଼ ଗାଁରେ ଗୁରୁବାର ରାତିରେ ବଚସାକୁ କେନ୍ଦ୍ର କରି ବାପ ପୁଅ ଗାଁ ରାସ୍ତାରେ ଜଣେ ଯୁବକଙ୍କୁ କାଠପଟାରେ ପିଟି ପିଟି ହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ସେହି ଗାଁର ଅରୁଣ ସାଏ ପଟେଲ (୩୭)। ଅଭିଯୁକ୍ତଙ୍କ ଆକ୍ରମଣରେ ମୃତ ଯୁବକଙ୍କ ସାଙ୍ଗ ଯୁଗେଶ୍ୱର ସରାପ (୨୫) ଓ ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଦୁଇ ଅଭିଯୁକ୍ତ ପ୍ରେମାନନ୍ଦ ଓରଫ ଉମାକାନ୍ତ ନାଏକ (୩୨) ଓ ତାଙ୍କ ବାପା ଲିଙ୍ଗରାଜ ଓରଫ ପରସାଦୁ ନାଏକ (୬୧)ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅପରାହ୍ନର ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ସ୍ଥାନୀୟ ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଛନ୍ତି।



ହତ୍ୟାକାଣ୍ଡରେ ବ୍ୟବହୃତ କାଠପଟା, ବାଡି।

ଏସ୍‌ପିଙ୍କ ସୂଚନା ମୁତାବକ, ଦୁଇ ଅଭିଯୁକ୍ତ ପରସାଦୁ ଏବଂ ତାଙ୍କ ପୁଅ ପ୍ରେମାନନ୍ଦ ସରଗାଡ଼ ଗାଁ ନିକଟରେ ଏକ ଢାବା ଖୋଲିଛନ୍ତି। ଗୁରୁବାର ଅପରାହ୍ନ ୪ଟାରେ ଗାଁର ଅରୁଣ ଓ ତାଙ୍କ ସାଙ୍ଗ ଯୁଗେଶ୍ୱର ଉକ୍ତ ଢାବାକୁ ଯାଇ ମଦ ପିଇବା ସହ ସେଠାରେ ଟଙ୍କା ମାଗି ଗଣ୍ଡଗୋଳ କରି ଫେରି ଆସୁଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଯୁଗେଶ୍ୱର ଗାଁ ଦାଣ୍ଡରେ ଯାଉଥିବା ବେଳେ ଢାବା ମାଲିକ ପରସାଦୁ ତାଙ୍କୁ ଅଟକାଇ କାହିଁକି ଢାବାରେ ଗଣ୍ଡଗୋଳ କଲ କହି କାଠ ପଟାରେ ମାଡ ମାରିଥିଲେ । ଯୁଗେଶ୍ୱର ନିଜ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ମାଡ ଘଟଣା ସମ୍ପର୍କରେ କହିବାରୁ ଉଭୟ ସ୍ୱାମୀ-ସ୍ତ୍ରୀ ତାଙ୍କ ଘରୁ ବାହାରି ପରସାଦୁଙ୍କ ଘର ସମ୍ମୁଖକୁ ଆସି କାହିଁକି ମାଡ଼ ମାରିଲ ବୋଲି ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ପରସାଦୁ ଉତ୍ତ୍ୟକ୍ତ ହୋଇ କାଠପଟାରେ ପୁଣି ଥରେ ଯୁଗେଶ୍ୱର ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ଆହତ ହୋଇଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଅରୁଣ ସେଠାକୁ ଆସି ପରସାଦୁଙ୍କୁ ମାଡ ମାରିବାକୁ ମନା କରିଥିଲେ। ପରେ ପରସାଦୁଙ୍କ ପୁଅ ପ୍ରେମାନନ୍ଦ ସେଠାରେ ପହଞ୍ଚି ଯାଇଥିଲେ। ଉଭୟ ବାପପୁଅ କାଠପଟା ଓ ବାଉଁଶ ବାଡିରେ ଅରୁଣଙ୍କୁ ମାଡ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସଦର ଥାନା ପୋଲିସ ସରଗାଡ ଗାଁକୁ ଯାଇ ଅରୁଣଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରି ଭୀମଭୋଇ ମେଡିକାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ମଦ ପିଇ ଢାବାରେ ଗଣ୍ଡଗୋଳ କରିବା ଓ ଟଙ୍କା ମଗା ଘଟଣାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ଏସ୍‌ପି ଅଭିଲାଷ ଜି. ସୂଚନା ଦେଇଛନ୍ତି। ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା (ନଂ୧୪୩/୨୫) ରୁଜୁ ହୋଇଛି। ପୋଲିସ କାଠ ପଟା, ବାଉଁଶ ବାଡି, ଲୁଗାପଟା ଜବତ କରିଛି। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ସଦର ଏସଡିପିଓ ସରୋଜ ଉପାଧ୍ୟାୟ, ସଦର ଥାନାଧିକାରୀ ରାଜକୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

**ନାବାଳିକା ବଳାତ୍କାର ମାମଲା**

# ନାବାଳିକାଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୧।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା କୁଦାନଗରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲା (ନଂ. ୩୪୧/୨୩)ର ଫଇସଲା ଶୁକ୍ରବାର ହୋଇଛି। ଆଡିଶନାଲ ଡିଷ୍ଟ୍ରିକ୍ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ କମ୍ ସିଆଇସିଏଲ (ଚିଲ୍‌ଡ୍ରେନ ଇନ୍ କନ୍‌ଫ୍ଲିକ୍ଟ ୱିଥ୍ ଦ ଲ) ମାମଲାର ଶୁଣାଣି କରି ୧୮ ବର୍ଷୀୟା ନାବାଳିକାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା, ଅନାଦାୟେ ୧ ବର୍ଷ ଜେଲ ଅଧିକ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୭.୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପି.ପି. ଆଇନଜୀବୀ ମନୋଜ ସାହୁ କହିଛନ୍ତି, ୨୦୨୩ ଅକ୍ଟୋବର ୧୭ରେ ଏହି ଘଟଣା ଘଟିଥିଲା। ପୀଡ଼ିତା ଓ ଦୋଷୀ ନାବାଳିକା ଦୁହେଁ ପାଟକୁରା ଥାନା ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ପଢୁଥିଲେ। ଅକ୍ଟୋବର ୧୭ରେ ଦୋଷୀ ନାବାଳିକାଙ୍କ ଭାଇ ଜିଲା ବାହାରୁ ଆସୁଛି, ତାଙ୍କୁ ଆଣିବାକୁ ଯିବା କହି ସାଙ୍ଗରେ ପୀଡିତାଙ୍କୁ ନେବାକୁ ଅନୁରୋଧ କରିଥିଲେ। ପ୍ରଥମ ଥର ମନା କରିବା ପରେ ଦ୍ୱିତୀୟ ଅନୁରୋଧରେ ଦୁହେଁ ଏକ କାରରେ ଯାଇଥିଲେ। ବାଟରେ ଦୋକାନରୁ ଆଣିଥିବା ଥଣ୍ଡା ପାଣି ପିଇବା ପରେ ପୀଡ଼ିତା ବେହୋସ ହୋଇଥିଲେ। ଆଖି ଖୋଲିବା ପରେ ଏକ ବନ୍ଦ କୋଠରିରେ ପୀଡ଼ିତା ଥିବାବେଳେ ଦୋଷୀ ନାବାଳିକା ଓ ଅନ୍ୟ ୪ ଜଣ ଏହି ଘରେ ରହିଥିବା ସେ ଦେଖିଥିଲେ। ୪ ଜଣ ବଳାତ୍କାର କରିବା ସମୟରେ ପୀଡ଼ିତା ଗୋଡ଼ ବାଡେଇବାରୁ ସାଙ୍ଗ ନାବାଳିକା ଜଣକ ଜୋର୍ କରି ଧରିଥିଲେ। ଫଳରେ ୪ ଜଣଙ୍କୁ ବଳାତ୍କାର କରିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ସମୟରେ ବଳାତ୍କାରୀମାନେ ମାଡ଼ ମାରିବାରୁ ପୀଡ଼ିତା ପୁଣିଥରେ ବେହୋସ ହୋଇଯାଇଥିଲେ। ଏହି ବେହୋସ ଅବସ୍ଥାରେ ପୀଡ଼ିତାଙ୍କୁ ବଳାତ୍କାରୀମାନେ ପାଟକୁରା ଥାନା ଅଞ୍ଚଳର ନରେନ୍ଦ୍ରପୁର ବ୍ରିଜ ନିକଟରେ ଫୋପାଡି ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ପୀଡ଼ିତା ଘରେ କହିବା ସହ ୧୮ ତାରିଖରେ କୁଦାନଗରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ସମୟରେ ସାଙ୍ଗ ନାବାଳିକା ଦୋଷୀ ହୋଇଥିବାରୁ ଜୁଭେନାଇଲ କୋର୍ଟକୁ ବିଚାର ପାଇଁ ଯାଇଥିଲେ। ତେବେ ଅପରାଧ ଓ ବୟସ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଅନୁଧ୍ୟାନ ପରେ ପୋକ୍‌ସୋ କମ୍ ସିଆଇସିଏଲ୍ ବିଚାର ହୋଇଥିଲା ବୋଲି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

# ନାତୁଣୀଙ୍କ ଅଶ୍ଳୀଳ ଫଟୋ ପ୍ରଘଟ କରି ସମ୍ପର୍କୀୟ ଅଜା ଗିରଫ

ନୀଳଗିରି,୧୧।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅଶ୍ଳୀଳ ଫଟୋ ପ୍ରଘଟ କରିବା ଅଭିଯୋଗରେ ସମ୍ପର୍କୀୟ ଅଜାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ବ୍ୟକ୍ତି ହେଲେ ଅଯୋଧ୍ୟା ଫାଣ୍ଡି ଅଞ୍ଚଳର ନାରାୟଣ ଖମାରୀ (୫୦)। ଉକ୍ତ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ନାରାୟଣ ବଳପୂର୍ବକ ଅଶ୍ଳୀଳ ଆଚରଣ ସହ ମୋବାଇଲରେ ଅଶ୍ଳୀଳ ଫଟୋ ଉତ୍ତୋଳନ କରି ପ୍ରଘଟ କରିଥିଲେ। ବାରମ୍ବାର ଏଭଳି ଆଚରଣ କରିବା ସହ ଅଭିଯୁକ୍ତ ନାବାଳିକାଙ୍କୁ ମଧ୍ୟ ଧମକ ଚମକ ଦେଇଆସୁଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଜାଣିବା ପରେ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀମାଇନା ପରେ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ. ୧୨୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ୨୨ରେ କେନ୍ଦୁପତ୍ର କର୍ମଚାରୀ ସଂଘର ଧାରଣା




ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

**ସାମିଲ ହେବେ ତୋଳାଳି, କର୍ମଚାରୀ**

ସମ୍ବଲପୁର,୧୧।୪(ବି.ଶଙ୍କର): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଚଳିତ ମାସ ୨୨ତାରିଖରେ ସମ୍ବଲପୁରରେ ହେବାକୁ ଥିବା ବିକ୍ଷୋଭ ସମାବେଶ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମ୍ବାଦିକ ଭବନଠାରେ ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି ଦେଇଥିବା ଆହ୍ୱାନ କ୍ରମେ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ବାବଦରେ ଏପ୍ରିଲ ୧୫ ରୁ ୨୫ ତାରିଖ ମଧ୍ୟରେ ଓଡ଼ିଶାର ସମସ୍ତ ଡିଭିଜନରେ ଡି.ଏଫ.ଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସମାବେଶ କରିବା ପାଇଁ ସ୍ଥିରୀକୃତ କରାଯାଇଛି । ଏହିକ୍ରମରେ ଚଳିତ ମାସ ଏପ୍ରିଲ ୨୨ ତାରିଖ ଦିନ ସମ୍ବଲପୁର ଡିଭିଜନ ପକ୍ଷରୁ କେନ୍ଦୁଲିଭ ଡିଏଫଓ କାର୍ଯ୍ୟାଳୟରେ ଧାରଣା ଦିଆଯିବ । ଏଥିରେ ସମ୍ବଲପୁର ଡିଭିଜନର ସମସ୍ତ ରେଞ୍ଜରୁ ଶତାଧିକ ତୋଳାଳି କର୍ମଚାରୀ ଯୋଗଦାନ କରିବେ। ରାଜ୍ୟବ୍ୟାପି ହେବାକୁ ଥିବା ଏହି ଧାରଣା ସମାବେଶରେ ବିଭିନ୍ନ ଦାବିଗୁଡିକ ମଧ୍ୟରେ ସର୍ବନିମ୍ନ ମଜୁରୀ ଅନୁପାତରେ ସିଜନାଲ କର୍ମଚାରୀମାନଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ କର୍ମଚାରୀମାନଙ୍କ କନ୍ୟା ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା, ତ୍ରୁଟିପୂର୍ଣ୍ଣ କେ.ଏଲ.ଡି.ବି ଗଠନକୁ ସଂଶୋଧନ କରିବା, କେନ୍ଦୁପତ୍ର ସଂସ୍ଥା ପାଇଁ ରାଜ୍ୟ ବଜେଟରେ ଘୋଷିତ ୧୦୦ କୋଟି ଅର୍ଥକୁ ହ୍ରାସ କରି ମାତ୍ର ୫୦ କୋଟି ମଞ୍ଜୁର କରି କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ପ୍ରତି ହେଉଥିବା ଅବହେଳା ବିରୋଧରେ ଏବଂ କେନ୍ଦୁପତ୍ର ଉପରେ ସଂଗୃହୀତ ଜି.ଏସ.ଟି ଅର୍ଥକୁ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଖର୍ଚ୍ଚ କରିବା ଦାବି ବିଷୟରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏହିକ୍ରମରେ ଚଳିତ ମାସ ଏପ୍ରିଲ ୧୫ରେ ଝାରସୁଗୁଡା, ୧୬ରେ କୁଚିଣ୍ଡା, ୧୭ରେ ଦେବଗଡ ଓ ଫୁଲବାଣୀ, ୧୯ରେ ଜୟପୁର ଓ ନବରଙ୍ଗପୁର, ୨୧ରେ ଭେଡ଼ାଖୋଲ, ୨୪ରେ ରାଉରକେଲା, କେନ୍ଦୁଝରଠାରେ ଧାରଣା ସମାବେଶ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ସୁମନ ପ୍ରଧାନ, ରମେଶ ମହାର, ନାରାୟଣ ମହାପାତ୍ର, ହୃଦାନନ୍ଦ ଗୁରୁ, ଅନାଦି ମିର୍ଦ୍ଧା, ନେପାଳ ମେଣ୍ଡୁଲି, ସୁବାଷ ମିଶ୍ର, ହିମାଂଶୁ ପୁରୋହିତ, ଅଜିତ ଗାଇଗରିଆ, ଚୈତନ ହୋତା, ଟଙ୍କ ପ୍ରଧାନ, ସୁମନ ପ୍ରଧାନ, ଦିଲେଶ୍ୱର ପ୍ରଧାନ, ସୁବାଷ ମିଶ୍ର, ତ୍ରିନାଥ ରଣବେଡ଼ା, ଅଶ୍ୱିନୀ ମହାପାତ୍ର, ସୁରେନ୍ଦ୍ର ପତିଙ୍କ ସମେତ ବିଭିନ୍ନ ରେଞ୍ଜରୁ ଆସିଥିବା କର୍ମକର୍ତ୍ତାମାନେ ଆଲୋଚନାରେ ଭାଗ ନେଇଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ପବନା ହତ୍ୟା ମାମଲା**

ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ ଘମଣ୍ଡିଆପାଲି ଗ୍ରାମର ପବନା ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଓ ଦୌରାଜଜ୍ ଚଣ୍ଡୀ ମୋହନ ଆଚାର୍ଯ୍ୟ ଏହି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟରେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ୧୦।୦୬।୨୦୨୦ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘମଣ୍ଡିଆପାଲି ଗ୍ରାମର ପବନା ସେଠୀଙ୍କୁ ସେହି ଗ୍ରାମର ସମ୍ପର୍କୀୟ ପୁତୁରା ହିମାଂଶୁ ସେଠୀ(୪୩) ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଘଟଣାରେ ପବନାଙ୍କ ମୃତ୍ୟୁ ହୋଇଥିଲା। ପବନାଙ୍କ ସ୍ତ୍ରୀ ମିଥିଳି ସେଠୀ ଏହି ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ଥିଲେ। ଏନେଇ ମୃତ ପବନାଙ୍କ ପୁଅ ସଚ୍ଚିଦାନନ୍ଦ ସେଠୀଙ୍କ ଅଭିଯୋଗକ୍ରମେ ବୀରମହାରାଜପୁର ଥାନା ପୋଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ଏହି ମାମଲା ସୁବର୍ଣ୍ଣପୁର ଜିଲ୍ଲା ଓ ଦୌରାଜଜ୍ଙ୍କ ଅଦାଲତରେ ସେସନ୍ସ କେସ୍ ନଂ. ୩୦/୨୦ରେ ପଞ୍ଜୀକୃତ ହୋଇ ବିଚାର ପ୍ରକ୍ରିୟା ଚାଲିଥିଲା। ପୋଲିସ ପକ୍ଷରୁ ଦାଖଲ କାଗଜପତ୍ରର ତଦାରଖ ସହ ମାମଲାର ଶୁଣାଣି ବେଳେ ଉଭୟ ପକ୍ଷର ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଓ ଦୌରାଜଜ୍ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର କହ୍ନେୟାଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ପାଣିରେ ବୁଡ଼ି ଜଣେ ମୃତ

ବୀରମହାରାଜପୁର,୧୧।୪ (ଯୁଗଳ କିଶୋର ମିଶ୍ର)



ଜୟଦେବ ମେହେର।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉପ୍ଲା ପଞ୍ଚାୟତ କମଳପୁର ଗ୍ରାମରେ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ଜୟଦେବ ମେହେର(୩୫)। ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା କେସ୍ ନଂ. ୧୦/୨୫ ରୁଜୁ ହୋଇ ତଦନ୍ତ ଚାଲିଥିବା ଏସଏସଆଇ ଅରବିନ୍ଦ ସାହୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଜୟଦେବ ଶୁକ୍ରବାର ପୂର୍ବାହ୍ନରେ ବାଲିମୁଣ୍ଡା ବନ୍ଧକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ପାଣି ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରି ବୀରମହାରାଜପୁର ଡାକ୍ତର ଖାନାକୁ ଆଣିଥିଲେ। ଡାକ୍ତର ଜୟଦେବଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତର ଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

କୁଚିଣ୍ଡା,୧୧।୪(ବିରଞ୍ଚି ଦର୍ଶା) କୁଚିଣ୍ଡା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ କୁଚିଣ୍ଡା ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ହୋଇଥିବା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷା ସୁଭଦ୍ରା ଦାସ ସଭାପତିତ୍ୱ କରିଥିଲେ। ପ୍ରଶିକ୍ଷକ ଅଞ୍ଜନା କିଷାନ ଓ କ୍ରୀଡ଼ା ଅଧ୍ୟାପକ ବିଜୟ କୁମାର ଭୋଇ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିର ସଂଯୋଜିକା ମଞ୍ଜୁଶ୍ରୀ ଦାଶ ସଭା ପରିଚାଳନା କରିଥିଲେ। ଏହିଅବସରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅଧ୍ୟାପିକ ମମତା ସାହୁ, ସୁଶ୍ରୀ ବେଲମତି କୁମୁରା ଓ ଡେମନଷ୍ଟ୍ରେଟର ରୋମିପଟେଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସିଟି ଫଟୋ ଷ୍ଟୁଡିଓ
ପାଇଁ Photoshopରେ ଅଭିଜ୍ଞତା ଥିବା ଫଟୋଗ୍ରାଫର ଆବଶ୍ୟକ।
Mob:9337126712

WANTED
• MANAGER (MBA) • ACCOUNTANT (Tally) • DATA ENTRY OPERATOR (MS Office & Tally) • OFFICE ASSISTANT • SUPERVISOR
Contact: 9338554697

See Career Appointment on every Wednesday & Saturday

WANTED
PVC/HDPE Factory in Bhubaneswar having ISI Licence wish to recruit experienced (3 years above) Staff in Office/ Production/Sales (Part Time/ Commission Basis Welcome).
Contact: 9439008838
Email: konarkgroup583@gmail.com

A Reputed Garment Distribution House needs the following people:
• SENIOR MARKETING MANAGER - 1
• MARKETING EXECUTIVE - 2 • MASTER IN MIS & AI - CHAT GPT - 1 • PERSONAL SECRETARY - 1
• CRM EXECUTIVE - 1 • DRIVER - 1
Walk in Interview on 11th April, 12 P.M. to 6 P.M.
SUNCITY, PCH - C-01, Grand Bazar,
Beside Nayara Petrol Pump, Phulnakhara, Contact - 8328899459


## ରେଳ ଧାରଣାରେ ଯୁବକଙ୍କ ଆତ୍ମହତ୍ୟା

କୁଚିଣ୍ଡା,୧୧।୪(ବିରଞ୍ଚି ଦର୍ଶା): ସମ୍ବଲପୁର ଜିଲା ବାମରା ନିକଟସ୍ଥ ବାମରା-ଧାରୁଆଡିହି ମଝି କୁଅଁରମାଲ ନିକଟ ରେଳ ଧାରଣାରୁ ରେଳବାଇ ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତି ହେଲେ ସୁନ୍ଦରଗଡ଼ ଜିଲା କୁଲୁଟା ଗ୍ରାମର ଗଣେଷ କିଷାନ(୪୮)। ଏନେଇ ରାଜଗାଙ୍ଗପୁର ରେଳବାଇ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଜଣକ କୌଣସି କାରଣରୁ ଆତ୍ମହତ୍ୟା ଉଦ୍ଦେଶ୍ୟରେ ବାମରା-ଧୂରୁଆଡିହି ମଝିକୁଅଁରମାଲ ରେଳ ଧାରଣାରେ ଶୋଇ ପଡ଼ିଥିଲେ। ସେହି ସମୟରେ ସମଲେଶ୍ୱରୀ ଏକ୍ସପ୍ରେସ୍ ଦ୍ରୁତ ଗତିରେ ଆସି ତାଙ୍କ ଉପରେ ମାଡ଼ି ଯାଇଥିଲା। ଟ୍ରେନ ଚାଳକଙ୍କ ସୂଚନା କ୍ରମେ, ରାଜଗାଙ୍ଗପୁର ରେଳବାଇ ପୋଲିସ ଏଏସଆଇ ସୁଶାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଗୋବିନ୍ଦପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ବ୍ୟକ୍ତି ଜଣକ କିଛିଦିନ ହେଲା ଘରୋଇ କଳହକୁ ନେଇ ମାନସିକ ଚାପରେ ରହୁଥିଲେ। ତେଣୁ ଆତ୍ମହତ୍ୟା କରିଥିବା ତଦନ୍ତ ସମୟରେ ମୃତ ବ୍ୟକ୍ତିଙ୍କ ପରିବାରଙ୍କ ଠାରୁ ଜାଣିବାକୁ ପାଇଥିବା ଏଏସଆଇ ବେହେରା କହିଛନ୍ତି।

## ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ହେଉ

ସମ୍ବଲପୁର,୧୧।୪
(ଭବାନୀ ଶଙ୍କର ଭୋଇ)

ଆଦିବାସୀ ସମାଜ ପକ୍ଷରୁ ବୀର ବିର୍ସା ମୁଣ୍ଡାଙ୍କର ପ୍ରତିମୂର୍ତ୍ତୀ ଅଇଁଠାପାଲି ସ୍ଥିତ ବିର୍ସାମୁଣ୍ଡା ଛକରୁ ଉଚିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଶୁକ୍ରବାର ଆଦିବାସୀ ଦଳିତ ସେନା ଏବଂ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ତରଫରୁ ଜିଲା ପ୍ରଶାସନଠାରେ ଦାବି କରାଯାଇଛି। ୫୩ ନଂ. ଜାତୀୟ ରାଜପଥ (ଦେବଗଡ-ବରଗଡ ରାଜପଥ)ରେ ଅଇଁଠାପାଲି ବିର୍ସା ମୁଣ୍ଡା ଛକରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ଫ୍ଲାଇଓଭର ନିର୍ମାଣ କାମ ଚାଲିଛି। ନର୍ମାଣ କାର୍ଯ୍ୟ ସମୟରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ନିର୍ମାଣ ସାମଗ୍ରୀ ପଡିବା ଏବଂ କ୍ଷତି ହେବାର ଆଶଙ୍କା ରହିଛି। ପୁଣି ଫ୍ଲାଇ ଓଭର ନିର୍ମାଣ ହେବା ପରେ ପ୍ରତିମୂର୍ତ୍ତି ଫ୍ଲାଇ ଓଭର ତଳେ ରହିଲେ ମହାପୁରୁଷଙ୍କ ପ୍ରତି ଅସମ୍ମାନ ହେବ। ତେଣୁ ପ୍ରତିମୂର୍ତ୍ତିକୁ କେଉଁ ସ୍ଥାନକୁ ସ୍ଥାନାନ୍ତର କରାଯିବ ସେହି ବିଷୟରେ ଆଲୋଚନା କରିବା ପାଇଁ ଏକ ବୈଠକ ଡକାଯିବା ଜରୁରୀ ବୋଲି ଉଭୟ ସଂଗଠନ ଜିଲା ପ୍ରଶାସନଠାରେ ଦାବି କରିଛନ୍ତି। ଏହାସହିତ ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆରେ ଏକ ଆଦୀବାସୀ ସଂଗ୍ରହାଳୟ ସ୍ଥାପନ କରାଯିବାକୁ ମଧ୍ୟ ଦାବି କରାଯାଇଛି। ଖୁବ ଶୀଘ୍ର ଏ ସଂକ୍ରାନ୍ତରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ପ୍ରଶାସନକୁ ଭେଟିବା ଅବସରରେ ଆଦିବାସୀ ଦଳିତ ସେନାର ସଭାପତି ପ୍ରଦୀପ ପ୍ରଧାନ, ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ମୁଣ୍ଡା, ସଙ୍ଗୀତା ଖାଲକୋ, ସାବିତ୍ରୀ ପାତ୍ର, ବିଜୟାଲକ୍ଷ୍ମୀ ଯାଦବ, ଦୁତିୟା ଗଡିଆ, ଭାରତ ହଳଦିଆଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।


### ତହସିଲଦାରଙ୍କ କାର୍ଯ୍ୟାଳୟ, ଜୁନାଗଡ଼, ଜିଲ୍ଲା: କଳାହାଣ୍ଡି

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ତହସିଲ ଅନ୍ତର୍ଗତ ଆଟିଗାଁ ରାଜସ୍ୱ ମଣ୍ଡଳର ନିମ୍ନୋକ୍ତ କ୍ରମିକ ନମ୍ବର ଭୁକ୍ତ ଖଜଣାପାଉତି ହଜି ଯାଇଥିବାରୁ, ନିମ୍ନଲିଖିତ ଖଜଣାପାଉତିକୁ ରଦ୍ଦ କରାଗଲା। ଏଣୁ ଏହି କ୍ରମିକ ନମ୍ବରର ଖଜଣାପାଉତି ସବୁ ଅବୈଧ ଅଟେ।

**ଖଜଣାପାଉତିର କ୍ରମିକ ନମ୍ବର**

| | | | |
|---|---|---|---|
| 1. | AAB 4412851ରୁ 4412900 | 5. | AAB 4415801ରୁ 4415850 |
| 2. | AAB 4412901ରୁ 4412950 | 6. | AAB 4415851ରୁ 4415900 |
| 3. | AAB 4412951ରୁ 4413000 | 7. | AAB 4415901ରୁ 4415950 |
| 4. | AAB 4415751ରୁ 4415800 | 8. | AAB 4415951ରୁ 4416000 |

ସ୍ୱା./- ତହସିଲଦାର, ଜୁନାଗଡ଼

### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-05: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୫।୦୪।୨୦୨୫ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୧୧।୦୪।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0085/2425

### କେନରା ବୈଂକ Canara Bank | ସିଣ୍ଡିକେଟ Syndicate
 କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)**

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ରଣଗ୍ରହୀତା ରଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଭୁବନେଶ୍ୱର କିଟ୍ କ୍ୟାମ୍ପସ ଶାଖା (୪୯୧୫) /** **ରଣଗ୍ରହୀତା: ମେସର୍ସ ଜିପି ଟେଲିକମ୍ୟୁନିକେସନ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ୨୦୯, ଫାଲକନ ରେସିଡେନ୍ସି, କିଟ୍ ରୋଡ଼, ପଟିଆ, ଭୁବନେଶ୍ୱର-୭୫୧୦୨୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍ ନଂ.: ୨ଏଲବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ଼, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪ | କ) **ଶ୍ରୀ ଅଶୋକ କୁମାର ପାଣିଗ୍ରାହୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୩, ୪ର୍ଥ ମହଲା, ପରିମିତ ବିକ୍ରୟଯୋଗ୍ୟ କ୍ଷେତ୍ର: ୧୬୦୦ ବର୍ଗଫୁଟ୍ ସହିତ ବେସମେଣ୍ଟରେ ପାର୍କିଂ ନଂ.: ୪୦୩, ଏବଂ ମୋଟ କ୍ଷେତ୍ର: ଏକର ୦.୨୩୫ ଡ଼ିସିମିଲିରୁ ଅବିଭକ୍ତ ଜମିର ଅଂଶ କ୍ଷେତ୍ର: ଏକର ୦.୧୦ ଡ଼ିସିମିଲି, ଯାହାକି "ଗ୍ରୀନ୍ ହାଇ" ନାମକ ଆବାସିକ ଆପାର୍ଟମେଣ୍ଟରେ ଅବସ୍ଥିତ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ନିଉ କ୍ୟାପିଟାଲ, ଥାନା ନଂ.: ୪୯, ସବ୍ ରେଜିଷ୍ଟ୍ରଡ଼: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୨୪୩, ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୩, ଖାରବେଳନଗର, ମ୍ୟୁଟେସନ ଖାତା ନଂ.: ୪୬୦, ପ୍ଲଟ୍ ନଂ.: ୨୩୭, କ୍ଷେତ୍ର: ଏକର ୦.୨୩୫ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଜି.ଏ. ଡ୍ରଇଙ୍ଗ ନଂ.: ସି-୫୬୩୧, ଅନୁରୂପ ଜି.ଏ. ଡ୍ରଇଙ୍ଗ ପ୍ଲଟ ନଂ.: ୩୧୨, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରେଭିନ୍ୟୁ ପ୍ଲଟ୍: ୧୬୮୮ ଏବଂ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍: ୨୩୮ / ଖ) ୦୩.୦୨.୨୦୨୫ / ଗ) ୦୯.୦୪.୨୦୨୫ / ଘ) **ଟ.୮୧,୫୧,୬୧୦.୦୭ (ଏକାଅଶୀ ଲକ୍ଷ ଏକାବନ ହଜାର ଛଅଶହ ଦଶ ଟଙ୍କା ଏବଂ ସାତ ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |
| **ପୁରୀ ନବକଳେବର ରୋଡ୍ ଶାଖା (୧୮୦୬୮) /** **ରଣଗ୍ରହୀତା: ମେସର୍ସ ମା ମଙ୍ଗଳା ସିମେଣ୍ଟ ପ୍ରଡ଼କ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବୈଦେହୀ ପ୍ରଧାନ,** ସ୍ୱାମୀ: କୁଳମଣି ପ୍ରଧାନ, ଉଭୟଙ୍କ ଠିକଣା- ସା: ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ଥାନା: କୁମ୍ଭାରପଡ଼ା, ପୁରୀ-୭୫୨୦୦୨ | କ) **ଶ୍ରୀମତୀ ବୈଦେହୀ ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଜିଲ୍ଲା: ପୁରୀ, ଥାନା: ପୁରୀ ଟାଉନ୍, ଥାନା ନଂ.: ୩୨, ସବ୍-ରେଜିଷ୍ଟ୍ରଡ଼: ପୁରୀ, ତହସିଲ: ପୁରୀ, ତହସିଲ ନଂ.: ୬୭୪, ମୌଜା: ପୁରୀ ଟାଉନ୍ ୟୁନିଟ ନଂ.: ୩୨, କୁମୁଟିପାଟଣା, ମ୍ୟୁଟେସନ ଖାତା ନଂ.: ୨୦୦/୮୭, ପ୍ଲଟ୍ ନଂ.: ୬୭/୪୬୯, କ୍ଷେତ୍ର: ଏକର ୦.୦୨୦ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ସାବିକ୍ ଖାତା ନଂ.: ୬୧, ପ୍ଲଟ୍ ନଂ.: ୬୭, କ୍ଷେତ୍ର: ଏକର ୦.୯୨୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସୁଦର୍ଶନ ମହାନ୍ତି, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୨୫, ପୂର୍ବ: ଏନ୍ ମହାନ୍ତି, ପଶ୍ଚିମ: ରାସ୍ତା / ଖ) ୩୦.୦୧.୨୦୨୫ / ଗ) ୧୦.୦୪.୨୦୨୫ / ଘ) **ଟ.୭,୦୭,୯୦୫.୦୮ (ସାତ ଲକ୍ଷ ସାତ ହଜାର ନଅଶହପାଞ୍ଚ ଟଙ୍କା ଏବଂ ଆଠ ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |
| **ଭୁବନେଶ୍ୱର ଡ୍ରିଡ୍‌ସିଇ ବିଲ୍ଡିଂ ଶାଖା (୧୮୦୧୫) /** **ରଣଗ୍ରହୀତା: ମେସର୍ସ ୱେଲମାର୍କ, ସ୍ୱତ୍ତ୍ୱାଧିକାରୀ: ସଞ୍ଜୀବ କୁମାର ସାହୁ,** ଫ୍ଲାଟ୍ ନଂ.: ୨୦୦, ତଳ ମହଲା, ପ୍ରତିମା ଏନକ୍ଲେଭ, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩, **ଶ୍ରୀ ସଞ୍ଜୀବ କୁମାର ସାହୁ,** ପିତା: ଶ୍ରୀକାନ୍ତ ସାହୁ, ପ୍ଲଟ୍ ନଂ.: ୨୦୭, ସହୀଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସସ୍ମିତା ପାଇକରାୟ,** ସ୍ୱାମୀ: ଜ୍ୟୋତିରଞ୍ଜନ ପାଇକରାୟ, ପ୍ଲଟ୍ ନଂ.: ୧୭୦୨, ବରମୁଣ୍ଡା, ଡ୍ରେଲ୍ଲା ରୋଡ଼, ଭୁବନେଶ୍ୱର, ପିନ୍-୭୫୧୦୦୩ | କ) **ଶ୍ରୀମତୀ ସସ୍ମିତା ପାଇକରାୟଙ୍କ** ନାମରେ ଥିବା ଜମି ଯାହାର ଜିଲ୍ଲା:ଖୋର୍ଦ୍ଧା, ଥାନା: ନିଉ କ୍ୟାପିଟାଲ ଥାନା ନଂ.: ୩୮, ସବ-ରେଜିଷ୍ଟ୍ରଡ଼: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୨୩୫, ମୌଜା: ଭୁବନେଶ୍ୱର ସହର ୟୁନିଟ-୨୦, ଜାଗମରା, ହାଲ ମ୍ୟୁଟେସନ ଖାତା ନଂ.: ୧୧୩୩/୩୨୦୪, ପ୍ଲଟ୍ ନଂ.: ୧୧୨୪/୬୭୫୬, କ୍ଷେତ୍ର: ଏକର ୦.୦୪୮ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ବନ୍ଦୋବସ୍ତ ଖାତା ନଂ.: ୫୦୪, ପ୍ଲଟ୍ ନଂ.: ୧୧୨୪, କ୍ଷେତ୍ର: ଏକର ୦.୦୪୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଆପାର୍ଟମେଣ୍ଟ (ପ୍ଲଟ୍ ନଂ.: ୧୧୨୩ ଏବଂ ୧୧୧୯), ଉତ୍ତର: ପ୍ଲଟ୍ ନଂ.: ୧୧୧୭/୬୨୫୪ (ରମେଶ ଚନ୍ଦ୍ର ପଣ୍ଡା), ଦକ୍ଷିଣ: ପ୍ଲଟ୍ ନଂ.: ୧୧୨୪/୬୨୫୫ (ରଶ୍ମିତା ସ୍ୱାଇଁ) / ଖ) ୩୦.୦୧.୨୦୨୫ / ଗ) ୦୮.୦୪.୨୦୨୫ / ଘ) **ଟ.୪୮,୨୭,୮୮୬.୧୫ (ଅଠଚାଳିଶି ଲକ୍ଷ ସତେଇଶ ହଜାର ଆଠଶହ ଛୟାଅଶୀ ଟଙ୍କା ଏବଂ ପନ୍ଦର ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୦୪.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

### ଦ.ପୂ. ରେଳପଥ - ଟେଣ୍ଡର

Positively health benefited SPA by expert female therapist. 9114559860. D-76907

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Jatani, I, Pulumari Manga Raju, S/o- Pulamari Appel Naidu, At- Plot No.- 356, Khasmahal Colony, P.O./P.S.- Jatani, Dist.- Khordha, PIN- 752050, (Odisha) declared by this Affidavit No.- 72AA794932, Slno.- 8, dtd-02.04.2025, that in my daughter's Birth Certificate my name was wrongly mentioned as P.Mangaraju instead of actual name Pulumari Manga Raju and my wife name was wrongly mentioned as P. Nookalaksmi instead of actual name Pulumari Nooka Lakshmi in the Birth Certificate of daughter Pulumari Vishnupriya. By the above mentioned affidavit I have changed my name as Pulumari Manga Raju and my wife name has changed as Pulumari Nooka Lakshmi in the Birth Certificate of my daughter's Pulumari Vishnupriya. Henceforth, my daughter is known as Pulumari Vishnupriya, D/o- Pulumari Manga Raju and Pulumari Nooka Lakshmi for all future purposes. D-132

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Muniguda on dated 08.04.2025 (Sl no.- 491/25) I, Krushna Chandra Pusika of Village- Jamaraguda, P.O./M.- Patraguda, P.S.- Muniguda, Dist.- Rayagada, Date of Birth is 05.01.1988, declare that I have changed my name to Krushna Pusika. Henceforth, I shall be known as Krushna Chandra Pusika for all purpose and my date of birth is 05.01.1988. D-131

By virtue of an affidavit sworn before Executive Magistrate, Angul, on dated 10.04.2025. I, Puspalata Mohapatra wife of Birendra Nath Mohapatra. At- Susuda, P.O.- Ankula, Dist.- Angul, declare that I have changed my name from Puspa Mohapatra to Puspalata Mohapatra. Henceforth, she shall be known as Puspalata Mohapatra for all purposes.
Puspalata Mohapatra D-128

I, Kabita Patra, W/o-Late Basudeva Patra, resident of Nilanchal Bazar, Main Road, Semiliguda, Dist.- Koraput, PIN- 764036, Odisha declare by this affidavit No.- 15, dtd. 09.04.25 before the Notary, Semiliguda that now onwards I shall be known as KABITA PATRO for all future purposes. D-137

By the virtue of affidavit sworn before the Notary Magistrate, Nuapada, District- Nuapada, Odisha, dated 11.04.2025, I, Dilip Debnath, S/o- Hemachandra Debanath and resident of Village: At/P.O.- Kandetara, Via- Komna, Dist.- Nuapada declare that I have changed my name from Dilip Debnath to Dilip Debanath. Henceforth, I shall be known as Dilip Debanath to all purposes.
Dilip Debanath D-139

By the virtue of affidavit sworn before the Notary Magistrate, Nuapada, District- Nuapada, Odisha, dated 11.04.2025, I, Rina Debnath, D/o- Naresh Debanath, W/o- Dilip Debanath, and resident of Village: At/P.O.- Kandetara, Via- Komna, Dist.- Nuapada declare that I have changed my name from Rina Debnath to Rina Debanath. Henceforth I shall be known as Rina Debanath to all purposes.
Rina Debanath D- 138

By virtue of an affidavit sworn before the Executive Magistrate, Dharmasala, dated- 08.04.2025, I, Mahammad Jakir Hosen, At/P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha, declare that I have changed my son name from Mojakir Hosen to Mojakkir Hussain. Henceforth, he shall be known as Mojakkir Hussain for all future purposes. D-135

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମନ୍ମିକ୍ ଦାସ
ତିରୋଧାନ: ୨୩।୦୪।୨୦୨୪
(ଚୈତ୍ରମାସ, ପୂର୍ଣ୍ଣମୀ ତିଥି)
ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୋର ପବିତ୍ର ନିଷ୍କପଟ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆଜି ତୋର ଆତ୍ମା ଆରପାରିରେ ରହି ମଧ୍ୟ ଆମମାନଙ୍କ ହୃଦୟରେ ସଦା ସର୍ବଦା ଜୀବିତ ହୋଇ ରହିଛି ଓ ରହିବ।
ଧ-୧୨୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


"M.B.K."
Great Eastern® RETAIL
ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
ନୂତନ ବର୍ଷର ନୂତନ ଉପହାର
FREE OUTDOOR BRACKET*
FREE STANDARD INSTALLATION* ON MULTIPLE AC BRANDS
FREE ASSURED GIFT*
FREE EXPRESS DELIVERY* FOR AIR CONDITIONERS
upto 53% OFF
1.5 T 3* Inverter AC MRP ₹55990 EMI ₹2325*
1.5 T 5* Inverter AC MRP ₹67990 EMI ₹2830*
upto 49% OFF
1.5 T 3* Inverter AC MRP ₹45900 EMI ₹2042*
1.5 T 5* Inverter AC MRP ₹54900 EMI ₹2417*
upto 65% OFF
1.5 T 3* Inverter AC MRP ₹69490 EMI ₹2292*
1.5 T 5* Inverter AC MRP ₹77790 EMI ₹2833*
upto 66% OFF
1.5 T 3* Inverter AC MRP ₹78990 EMI ₹2542*
1.5 T 5* Inverter AC MRP ₹86990 EMI ₹3208*
upto 65% OFF
1.5 T 3* Inverter AC MRP ₹78990 EMI ₹2458*
1.5 T 5* Inverter AC MRP ₹78490 EMI ₹3042*
upto 57% OFF
1.5 T 3* Inverter AC MRP ₹64850 EMI ₹2458*
1.5 T 5* Inverter AC MRP ₹75850 EMI ₹3125*
upto 51% OFF
1.5 T 3* Inverter AC MRP ₹58400 EMI ₹2542*
1.5 T 5* Inverter AC MRP ₹67200 EMI ₹3292*
upto 56% OFF
1.5 T 3* Inverter AC MRP ₹59900 EMI ₹2333*
1.5 T 5* Inverter AC MRP ₹67900 EMI ₹3167*
upto 60% OFF
1.5 T 3* Inverter AC MRP ₹62200 EMI ₹2250*
1.5 T 5* Inverter AC MRP ₹71900 EMI ₹2500*
upto 20% OFF
1.5 T 3* Inverter AC MRP ₹55790 EMI ₹3750*
1.5 T 5* Inverter AC MRP ₹70520 EMI ₹4708*
upto 44% OFF
1.5 T 3* Window AC MRP ₹47990 EMI ₹2250*
upto 39% OFF
1.5 T 3* Window AC MRP ₹41900 EMI ₹2125*
upto 41% OFF
1.5 T 3* Window AC MRP ₹45090 EMI ₹2208*
upto 35% OFF
184 L Single Door MRP ₹17260 EMI ₹933*
upto 35% OFF
235 L Double Door MRP ₹30690 EMI ₹1650*
upto 48% OFF
596L Side By Side + 24L OTG MRP ₹101990 EMI ₹3295*
upto 40% OFF
HAVELLS Deseart Cooler MRP ₹22390 EMI ₹1124*
upto 36% OFF
USHA Air Cooler MRP ₹13190 EMI ₹708*
upto 27% OFF
230L Deep Freezer MRP ₹32890 EMI ₹1999*
BRING HOME THE GAME
75 (190.5cm) UHD TV upto 55% OFF MRP ₹199900 EMI ₹5333*
65 (165.1cm) Google TV upto 45% OFF MRP ₹101990 EMI ₹4858*
55 (139.7cm) UHD TV upto 49% OFF MRP ₹66990 EMI ₹3083*
43 (109.7cm) Smart TV upto 55% OFF MRP ₹50490 EMI ₹1874*
32 (81.28cm) Smart TV upto 65% OFF MRP ₹22990 EMI ₹666*
UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹3,500 per card; Also valid on EMI Trxns.; Validity: 15 Mar - 13 Apr 2025. T&C Apply.
SCAN FOR MORE OFFERS
Widest Range Of Products*
Extended Warranty*
Easy Finance Available
www.greateasternretail.com | Great Eastern Retail | HELPLINE 033 4037 2000
ରାଉରକେଲା ଜାମୁନାନାକି 8984831218
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice.
virtual frame

# ଇଷ୍ଟ ବେଙ୍ଗଲକୁ ପ୍ରଥମ ଟାଇଟଲ



ବିଜୟ ହାସଲ ପରେ ଉଲ୍ଲସିତ ଇଷ୍ଟ ବେଙ୍ଗଲ ଖେଳାଳି।

**କଲ୍ୟାଣୀ, ୧୧।୪ (ପି.ଟି.)**

ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସିକୁ ୧-୦ ଗୋଲ୍‌ରେ ପରାସ୍ତ କରି ଇଷ୍ଟବେଙ୍ଗଲ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଟ୍ରଫି ହାସଲ କରିଛି। ଫଳରେ ୨୧ବର୍ଷ ପରେ ଇଷ୍ଟ ବେଙ୍ଗଲର ଏକ ଦଳ ଭାରତୀୟ ଫୁଟ୍‌ବଲରେ ଏକ ଲିଗ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ସୌମ୍ୟ ଗୁଗୁଲୋଥ ବିଜୟସୂଚକ ଗୋଲ୍‌ଟିକୁ ୬୭ତମ ମିନିଟ୍‌ରେ ସ୍କୋର କରିଥିଲେ। ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଆଉ ଗୋଟିଏ ମ୍ୟାଚ ବାକିଥିବା ସତ୍ତ୍ୱେ ଦଳ ରିଲଗେଶନ ମୁହାଁ ହୋଇଛି। ଜାତୀୟ ଫୁଟ୍‌ବଲରେ ଏହା ପୂର୍ବରୁ ଇଷ୍ଟବେଙ୍ଗଲର ପୁରୁଷ ଦଳ ୨୦୦୩-୦୪ରେ ଆଇ-ଲିଗ୍‌ରେ ଟ୍ରଫି ହାସଲ କରିଥିଲା। ବିଗତବର୍ଷ ଗୁଡ଼ିକରେ ଅନ୍ୟ କେତେକ ଜାତୀୟ ଟାଇଟଲ ନକ୍ ଆଉଟ କିମ୍ବା ଲିଗ୍ କମ୍ ନକ୍‌ଆଉଟ ଟୁର୍ନାମେଣ୍ଟରେ ହାସଲ କରିପାରିଛି। ପୁରୁଷ ଦଳ ଆହୁରି ମଧ୍ୟ ୨୦୦୩ରେ ଏସିଆନ କ୍ଲବ ଚାମ୍ପିୟନଶିପ୍ ଜିତିପାରିଥିଲା। ମହିଳା ଟପ୍ ଡିଭିଜନର ୩ୟ ସିଜନରେ ଇଷ୍ଟବେଙ୍ଗଲ ମହିଳା

## ଆଇଡବ୍ଲ୍ୟୁଏଲ୍

ଦଳ ସମସ୍ତ ଚ୍ୟାଲେଞ୍ଜକୁ ଅତି ସହଜରେ ଅତିକ୍ରମ କରିଛି। ଗୋକୁଲମ କେରଳକୁ ଛାଡ଼ି ଦଳ ସିଜନରେ ଏହାର ସମସ୍ତ ମ୍ୟାଚରେ ବିଜୟ ଲାଭ କରିଛି। ଏଥର ସେମାନେ ଗୋଟିଏ ମ୍ୟାଚ ବାକିଥାଇ ଟାଇଟଲ ଜିତିପାରିଛନ୍ତି। ଦଳ ଏହାର ଶେଷ ମ୍ୟାଚ ଏପ୍ରିଲ ୧୮ରେ ଗୋକୁଲମକୁ ଭେଟିବ। ସେତେବେଳେ ଦଳକୁ ବିଧିବଦ୍ଧ ଭାବେ ଟ୍ରଫି ଦାଖଲ କରାଯିବ।

# କିସ୍ ଚାମ୍ପିୟନ, କେନ୍ଦୁଝର ରନରଅପ୍



ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ)**

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓର୍‌ଫା) ଆନୁକୂଲ୍ୟରେ ଆନ୍ତଃଜିଲା ସିନିୟର ମହିଳା ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟ ଓ ଚୟନ ଟ୍ରାଏଲ ସଫଳତାର ସହ ଆଇଆର୍‌ସି ଭିଲେଜସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୬ଟି ମହିଳା ଦଳ ଅଂଶଗ୍ରହଣ କରିଥିବାବେଳେ କିସ୍ ଚାମ୍ପିୟନ ଓ କେନ୍ଦୁଝର ରନରଅପ୍ ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲରେ କିସ୍ ୧୦-୫ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୧୦-୫ରେ ମୟୂରଭଞ୍ଜକୁ ହରାଇ ଦେଇଛି। ଉଦ୍‌ଯାପନୀ ସମାରୋହରେ ଓର୍‌ଫା ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ

## ଆନ୍ତଃଜିଲା ସିନିୟର ମହିଳା ରଗ୍‌ବୀ

ଶକ୍ତିରଞ୍ଜନ ମହାନ୍ତି, ଚୟନକର୍ତ୍ତା ସଂଗ୍ରାମ ମହାନ୍ତି, ସଦସ୍ୟ ଭାଗ୍ୟଲକ୍ଷ୍ମୀ ବାରିକ, ଆରପିଏଲ୍ କୋଚ୍ ରାଜୀବ କୁମାର ନାଥ ଓ ମ୍ୟାଚ ଅଫିସିଆଲ ଧୀରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆବଶ୍ୟକୀୟ ସମର୍ଥନ ଯୋଗାଇ ଦେଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଧନ୍ୟବାଦ ଜଣାଇଛନ୍ତି।









Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୨/୨୦୨୫ (୧୬+୪=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 12/2025 Page 20 ₹ 7.00 SAMBALPUR ପୃଷ୍ଠା-୧


## ସଂକ୍ଷେପରେ

### ମ୍ୟାନ୍ମାରରେ ସାଇବର ଦାସତ୍ୱରେ ଥିବା ୬୦ ଭାରତୀୟ ଉଦ୍ଧାର

ନୂଆଦିଲ୍ଲୀ,୧୧।୪

ମ୍ୟାନ୍ମାରରେ ସାଇବର ଦାସତ୍ୱରେ ରହିଥିବା ୬୦ ଜଣ ଭାରତୀୟଙ୍କୁ ସାଇବର କ୍ରାଇମ୍ ଅଧିକାରୀମାନେ ଉଦ୍ଧାର କରିଛନ୍ତି। ଏହି ଯୁବକମାନଙ୍କୁ ଲୋଭନୀୟ ନିଯୁକ୍ତି ପ୍ରଲୋଭନ ଦେଖାଇ ସେଠାକୁ ନେବା ପରେ ସାଇବର ଅପରାଧ କରିବା ପାଇଁ ବାଧ କରାଯାଉଥିଲା। ମହାରାଷ୍ଟ୍ର ପୋଲିସର ସାଇବର ଶାଖା ୫ ଜଣ ଏଜେଣ୍ଟଙ୍କୁ ଗିରଫ କରିଛି। ଏହି ଆପରାଧିକ କାର୍ଯ୍ୟରେ ସେମାନଙ୍କର ବିଦେଶୀଙ୍କ ସହ ସମ୍ପର୍କ ରହିଥିବା ଜଣେ ଅଧିକାରୀ କହିଛନ୍ତି। ଏଜେଣ୍ଟମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଥାଇଲାଣ୍ଡ ଏବଂ ଅନ୍ୟ ପୂର୍ବ ଏସୀୟ ଦେଶରେ ଆକର୍ଷଣୀୟ ବେତନରେ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଉଥିଲେ। ପ୍ରଲୋଭନରେ ପଡୁଥିବା ଯୁବକମାନଙ୍କ ପାଇଁ ସେମାନେ ପାସ୍‌ପୋର୍ଟ ବ୍ୟବସ୍ଥା ସହ ବିମାନ ଟିକେଟ ବୁକିଂ ଆଦି କରିଦେଇ ଟୁରିଷ୍ଟ ଭିଜାରେ ଥାଇଲାଣ୍ଡ ପଠାଉଥିଲେ। ସେଠାରୁ ସେମାନଙ୍କୁ ମ୍ୟାନ୍ମାର ସୀମାକୁ ନିଆଯାଇ ଛୋଟ ବୋଟ୍ ଦ୍ୱାରା ସୀମାପାର କରାଯାଉଥିଲା। ମ୍ୟାନ୍ମାରରେ ସଶସ୍ତ୍ର ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ଆବଦ୍ଧ ସ୍ଥାନକୁ ନିଆଯାଇ ଡିଜିଟାଲ ଆରେଷ୍ଟ ସମେତ ବଡ଼ ଧରଣର ସାଇବର ଜାଲିଆତି କରିବାକୁ ବାଧ କରାଯାଉଥିଲା।

### ଲୋକଙ୍କ ମୌଳିକ ଅଧିକାର କଥା ଚିନ୍ତାକରୁ ଇଡି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧।୪

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଯଦି ମୌଳିକ ଅଧିକାର ରହିଛି, ଏହା ମଧ ଜନସାଧାରଣଙ୍କ ମୌଳିକ ଅଧିକାର ବିଷୟରେ ଚିନ୍ତା କରିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଚଣ୍ଡିଗଡ଼ରୁ ନାଗରିକ ଆପୂର୍ତ୍ତି ନିଗମ (ଏନ୍‌ଏଏନ୍) ଦୁର୍ନୀତି ମାମଲାକୁ ନୂଆଦିଲ୍ଲୀ ନେବା ପାଇଁ ଇଡି ଆବେଦନ କରିଥିବାବେଳେ ସର୍ବୋଚ୍ଚ ଅଦାଲତ ଏଥିରେ ଅସହମତି ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ଅନୁଚ୍ଛେଦ ୩୨ ଅଧୀନରେ ଇଡି ରିଟ୍ ପିଟିଶନ ଦାଏର କଲା କିପରି ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୨ ନାଗରିକଙ୍କ ମୌଳିକ ଅଧିକାର ସୁରକ୍ଷାର ଗ୍ୟାରେଣ୍ଟି ଦେଇଥାଏ। ମୌଳିକ ଅଧିକାରର ଉଲ୍ଲଂଘନ ହେଲେ ଏହାର ସୁରକ୍ଷା ପାଇଁ ବ୍ୟକ୍ତିବିଶେଷଙ୍କୁ ସିଧାସଳଖ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ଉକ୍ତ ଅନୁଚ୍ଛେଦ କ୍ଷମତା ଦେଇଛି। ଖଣ୍ଡପୀଠଙ୍କ ଏହି ମନ୍ତବ୍ୟ ପରେ ପିଟିଶନ ପ୍ରତ୍ୟାହାର କରିନେବା ପାଇଁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଅଦାଲତଙ୍କ ଅନୁମତି ଚାହିଁଥିଲେ। ଇଡିର ମଧ ମୌଳିକ ଅଧିକାର ରହିଛି ବୋଲି ରାଜୁ କହିବାରୁ ଏହା ଲୋକଙ୍କ ମୌଳିକ ଅଧିକାର କଥା ଚିନ୍ତାକରୁ ବୋଲି ଖଣ୍ଡପୀଠ କହିଥିଲେ। ପରେ କୋର୍ଟ ଆବେଦନ ପ୍ରତ୍ୟାହାର କରିନେବାକୁ ଅତିରିକ୍ତ ସଲିସିଟର ଜେନେରାଲଙ୍କୁ ଅନୁମତି ଦେଇଥିଲେ।

# ଷ୍ଟାଲିନ୍‌ଙ୍କ ମୁକାବିଲା ପାଇଁ ଏକାଠି

## ତାମିଲନାଡୁକୁ ଫେରିଲା ଏଆଇଏଡିଏମ୍‌କେ-ଭାଜପା ମେଣ୍ଟ

**ତାମିଲନାଡୁର ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ଭାଜପା ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଇଡାପ୍ପଡି କେ. ପାଲାନିସ୍ୱାମୀ (ଇପିଏସ୍)ଙ୍କ ନେତୃତ୍ୱରେ ଲଢ଼ିବେ। ଚେନ୍ନାଇରେ ଶୁକ୍ରବାର ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱ ଏବଂ ସେ କେନ୍ଦ୍ର ସରକାରଙ୍କ ବିରୋଧରେ ଉଠାଉଥିବା ପ୍ରସଙ୍ଗଗୁଡ଼ିକୁ ଦେଖିଲେ ଆଗାମୀ ନିର୍ବାଚନରେ ବିରୋଧୀଙ୍କ ପ୍ରଦର୍ଶନରେ ବିଶେଷ ଉନ୍ନତି ଆସିବା ଭଳି ମନେହେଉ ନାହିଁ। ତେଣୁ ଦୁଇ ପୂର୍ବ ସହଯୋଗୀ ପୁନର୍ବାର ଏକାଠି ହୋଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ନାବକୁ କ୍ଷମତା କୂଳରେ ଲଗାଇବାକୁ ଅଣ୍ଟା ଭିଡ଼ିଥିବା କୁହାଯାଉଛି।**

ଚେନ୍ନାଇ/ନୂଆଦିଲ୍ଲୀ,୧୧।୪





ଚେନ୍ନାଇରେ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ବାମରୁ ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ଇ.କେ. ପାଲାନିସାମୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପାର ବିଦାୟୀ ରାଜ୍ୟ ସଭାପତି କେ. ଆନ୍ନାମଲାଇ ଏବଂ ପରବର୍ତ୍ତୀ ସଭାପତି ନୈନାର ନାଗେନ୍ଦ୍ରନ୍।

ତାମିଲନାଡୁ ବିଧାନସଭାର ଆସନ ସଂଖ୍ୟା ୨୩୪। ସରକାର ଗଢ଼ିବା ପାଇଁ ଜାଦୁଈ ସଂଖ୍ୟା ହେଉଛି ୧୧୮। ୨୦୨୧ ଏପ୍ରିଲ ୬ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜେ. ଜୟଲଳିତାଙ୍କ ଦଳ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନ୍ନେତ୍ରା କାଝାଗାମ୍ (ଏଆଇଏଡିଏମ୍‌କେ) ପୂର୍ବାପେକ୍ଷା ୭୦ ଆସନ ହରାଇ କ୍ଷମତାଚ୍ୟୁତ ହୋଇଥିଲା। ଏଆଇଏଡିଏମ୍‌କେ ୬୬ ଆସନରେ ସୀମିତ ହୋଇ ବିରୋଧୀ ଆସନରେ ବସିଥିଲା। ଅନ୍ୟପକ୍ଷେ ଏମ୍.କେ. ଷ୍ଟାଲିନ୍‌ଙ୍କ ଦ୍ରାବିଡ ମୁନ୍ନେତ୍ରା କାଝାଗାମ୍ (ଡିଏମ୍‌କେ) ପୂର୍ବ ନିର୍ବାଚନ ତୁଳନାରେ ୪୪ ଅଧିକ ଆସନ ପାଇ ମୋଟ ୧୩୩ ଆସନ ଦଖଲ କରିବାରେ ସକ୍ଷମ ହୋଇଥିଲା। ଏଲ୍. ମୁରୁଗାନ୍‌ଙ୍କ ନେତୃତ୍ୱରେ ୨୦ ଆସନରେ ନିର୍ବାଚନ ଲଢ଼ିଥିବା ଭାଜପା ମାତ୍ର ୨.୬% ଭୋଟ ହାର ସହ ୪ ଆସନରେ ସୀମିତ ରହିଥିଲା। ଇତିମଧ୍ୟରେ ୪ ବର୍ଷ ବିତିଗଲାଣି। ଆସନ୍ତା ବର୍ଷ ଠିକ୍ ଏଇ ସମୟ ବେଳକୁ ତାମିଲନାଡୁରେ ପୁଣି ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ସରକାର ନିଜ ଲୋକପ୍ରିୟତା ବଜାୟ ରଖିଛନ୍ତି। ଷ୍ଟାଲିନ୍ କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍), ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଅଧୀନ ୩ ଭାଷା ସୂତ୍ର ବଳରେ ହିନ୍ଦୀ ଭାଷାକୁ ଜବରଦସ୍ତି ଲଦି ଦିଆଯିବା ଏବଂ କେନ୍ଦ୍ରୀୟ ପାଣ୍ଠି ପ୍ରଦାନରେ ପାତରଅନ୍ତରକୁ ପ୍ରସଙ୍ଗକରି ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଆସିଛନ୍ତି। ବିଶେଷକରି ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଡିଏମ୍‌କେ ସୁପ୍ରିମୋ ଏହି ପ୍ରସଙ୍ଗଗୁଡ଼ିକ ଉପରେ ନିଜ ସ୍ୱରକୁ ଅଧିକ ଶାଣିତ କରୁଥିବା ଦେଖିବାକୁ ମିଳୁଛି। ଏଭଳି ସମୟରେ ଆଗାମୀ ନିର୍ବାଚନରେ କ୍ଷମତାକୁ ଫେରିବା ପାଇଁ ଅଣ୍ଟାଭିଡ଼ିଥିବା ଇପିଏସ୍ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟ ଭାଜପା ସଭାପତି କେ. ଆନ୍ନାମଲାଇ ଡିଏମ୍‌କେ ପରିବର୍ତ୍ତେ ଏଆଇଏଡିଏମ୍‌କେକୁ ଅଧିକ ସମାଲୋଚନା କରୁଥିବା ସେ ମୋଦିଙ୍କୁ ଜଣାଇଥିଲେ। ଆନ୍ନାମଲାଇଙ୍କୁ ଭାଜପା ସଭାପତି ପଦରୁ ହଟାଇଲେ ତାମିଲନାଡୁରେ ପୁଣି ମେଣ୍ଟ ସମ୍ଭବ ବୋଲି ସେ ସର୍ତ୍ତ ବାଢ଼ିଥିବା ସୂତ୍ରରୁ ପ୍ରକାଶ। ଏଥିଯୋଗୁ ଆନ୍ନାମଲାଇଙ୍କୁ କୁଆଡ଼େ ଇସ୍ତଫା ଦେବାକୁ କୁହାଯାଇଥିଲା। ପୂର୍ବତନ ଆଇପିଏସ୍ ଅଧିକାରୀ ତଥା ଫାୟାରବ୍ରାଣ୍ଡ ନେତା ଆନ୍ନାମଲାଇଙ୍କ ସ୍ଥାନରେ ଏଆଇଏଡିଏମ୍‌କେ ଛାଡ଼ି ଭାଜପାରେ ସାମିଲ ହୋଇଥିବା ନୈନାର ନାଗେନ୍ଦ୍ରନ୍‌ଙ୍କୁ ଦଳ ରାଜ୍ୟ ସଭାପତି ନିଯୁକ୍ତ କରିଛି। ନାଗେନ୍ଦ୍ରନ୍ ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ଏଆଇଏଡିଏମ୍‌କେ ସରକାରରେ ଜୟଲଳିତାଙ୍କ କ୍ୟାବିନେଟ୍‌ରେ ଶକ୍ତି, ଶିଳ୍ପ ଓ ପରିବହନ ମନ୍ତ୍ରୀ ଥିଲେ।

ଶୁକ୍ରବାର ମିଳିତ ଖବରଦାତା ସମ୍ମିଳନୀରେ ଶାହା କହିଛନ୍ତି, ୨୦୨୬ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ଭଲ ପ୍ରଦର୍ଶନ କରିବ ଏବଂ ଜିତିବ। ଯଦି ଆବଶ୍ୟକ ହୁଏ ଆମେ ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବୁ। ୧୯୯୮ ଲୋକ ସଭା ନିର୍ବାଚନରେ ଭାଜପା-ଏଆଇଏଡିଏମ୍‌କେ ମେଣ୍ଟ ତାମିଲନାଡୁର ୩୯ରୁ ୩୦ ଆସନ ଦାଖଲ କରିବାରେ ସଫଳ ହୋଇଥିଲା। ମେଣ୍ଟ କିଭଳି କାର୍ଯ୍ୟ କରିବ ବୋଲି ପ୍ରଶ୍ନ କରାଯିବାରୁ ଶାହା କହିଛନ୍ତି, ଏଆଇଏଡିଏମ୍‌କେର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଭାଜପା ହସ୍ତକ୍ଷେପ କରିବ ନାହିଁ ବୋଲି ଶାହା ସ୍ପଷ୍ଟ କରିଛନ୍ତି।

### ବିଧାନସଭା ନିର୍ବାଚନର ବର୍ଷକ ପୂର୍ବରୁ ବଳିପଡ଼ିଲେ ଆନ୍ନାମଲାଇ



ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

### ନିଃସର୍ତ୍ତ, ଦାବିହୀନ ମେଣ୍ଟ: ଶାହା

ବିନା କୌଣସି ସର୍ତ୍ତ ଓ ଦାବିରେ ଏଆଇଏଡିଏମ୍‌କେ ଏବଂ ଭାଜପା ମେଣ୍ଟ ଗଢ଼ାଯାଇଛି। ଦୁଇଦଳ ସ୍ୱାଭାବିକ ସହଯୋଗୀ। ଏହି ମେଣ୍ଟ ୨୦୨୬ ନିର୍ବାଚନରେ ବିଜୟୀ ହେଲେ ଇ.କେ. ପାଲାନିସ୍ୱାମୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ବରିଷ୍ଠ ଭାଜପା ନେତା ଅମିତ୍ ଶାହା କହିଛନ୍ତି। ଖବରଦାତା ସମ୍ମିଳନୀରେ ଶାହା ଆହୁରି କହିଛନ୍ତି, ଦୁଇ ଦଳ ପରସ୍ପରକୁ ସମ୍ମାନ ଦେବେ। କେହି କାହାର ଦଳୀୟ ବ୍ୟାପାରରେ ମୁଣ୍ଡ ଖେଳାଇବେ ନାହିଁ। ଏନ୍‌ଡିଏ ଏବଂ ଏଆଇଏଡିଏମ୍‌କେକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଯିବ।

ଉଲ୍ଲେଖଯୋଗ୍ୟ, ଗତ ଲୋକ ସଭା ନିର୍ବାଚନର କିଛି ମାସ ପୂର୍ବରୁ ୨୦୨୩ ସେପ୍ଟେମ୍ବରରେ ଏଆଇଏଡିଏମ୍‌କେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଓହରିଯାଇଥିଲା। ରାଜ୍ୟର ଭାଜପା ସଭାପତି କେ. ଆନ୍ନାମଲାଇ ଏଆଇଏଡିଏମ୍‌କେର ପୂର୍ବ ସୁପ୍ରିମୋ ଜୟଲଳିଥା ଏବଂ ବର୍ତ୍ତମାନର ନେତା ଇପିଏସ୍‌ଙ୍କୁ ଲଗାତର ସମାଲୋଚନା କରୁଥିବାରୁ ପଦରୁ ତାଙ୍କୁ ହଟାଇବା ପାଇଁ ଦାବି ହୋଇଥିଲା। କିନ୍ତୁ ସେତେବେଳେ ସହଯୋଗୀ ଏଆଇଡିଏମ୍‌କେର ଦାବିକୁ ଭାଜପା ଅଗ୍ରାହ୍ୟ କରିଦେଇଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ଦୁଇ ଦଳ ଅଲଗା ଲଢ଼ି ଗୋଟିଏ ହେଲେ ଆସନ ପାଇପାରି ନ ଥିଲେ। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍ ସମସ୍ତ ୩୯ ଆସନ ଦଖଲ କରିଥିଲା। ତେଣୁ ଆନ୍ନାମଲାଇଙ୍କୁ ହଟାଇବା ପାଇଁ ଭାଜପା ରାଜି ହୋଇଥିବା କୁହାଯାଉଛି।

### ତାମିଲନାଡୁ ମନ୍ତ୍ରୀ ପୋନ୍‌ମୁଡ଼ି ଦଳୀୟ ପଦବୀରୁ ବହିଷ୍କୃତ

ଚେନ୍ନାଇ,୧୧।୪

ହିନ୍ଦୁ ଧର୍ମ ସମ୍ପର୍କରେ ତାମିଲନାଡୁର ଡିଏମ୍‌କେ ମନ୍ତ୍ରୀ କେ. ପୋନ୍‌ମୁଡ଼ିଙ୍କ ବିବାଦୀୟ ମନ୍ତବ୍ୟ ପରେ ସାଧାରଣରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ପୋନ୍‌ମୁଡ଼ିଙ୍କୁ ଡିଏମ୍‌କେ ଉପସାଧାରଣ ସମ୍ପାଦକ ପଦବୀରୁ ବହିଷ୍କାର କରାଯାଇଛି। ଜଙ୍ଗଲ ବିଭାଗ ମନ୍ତ୍ରୀ ଥିବା ପୋନ୍‌ମୁଡ଼ି ଏକ ସାଧାରଣ ସଭାରେ ହିନ୍ଦୁ ଧର୍ମର ପରିଚୟ ତିଳକକୁ ଯୌନମୁଦ୍ରା ସହ ତୁଳନା କରି ବିବାଦ ଘେରକୁ ଆସିଥିଲେ। ତାଙ୍କ ମନ୍ତବ୍ୟକୁ ଡିଏମ୍‌କେ ଏମ୍‌ପି କାନିମୋଝି ନିନ୍ଦା କରିବା ସହ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଭାଜପା ତାମିଲନାଡୁ ସଭାପତି କେ. ଆନ୍ନାମଲାଇ ଡିଏମ୍‌କେକୁ ନିନ୍ଦା କରିଥିଲେ।



କେ. ପୋନ୍‌ମୁଡ଼ି

## ରାଣାଙ୍କୁ ୧୮ ଦିନ ପାଇଁ ହାଜତକୁ ନେଲା ଏନ୍‌ଆଇଏ

ନୂଆଦିଲ୍ଲୀ,୧୧।୪

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହଉର ହୁସେନ୍ ରାଣାଙ୍କୁ ଶୁକ୍ରବାର ୧୮ ଦିନ ପାଇଁ ହାଜତକୁ ନେଇଛି। ହାଜତ ମିଆଦ ସମୟରେ ତଦନ୍ତକାରୀ ସଂସ୍ଥା ରାଣାଙ୍କୁ ଜେରା କରି ମୁମ୍ବାଇ ଆକ୍ରମଣ ପଛର ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ସମ୍ପର୍କିତ ତଥ୍ୟ ଉନ୍ମୋଚନ କରିବାକୁ ଉଦ୍ୟମ କରିବ। ରାଣା ଆମେରିକାରୁ ପ୍ରତ୍ୟର୍ପିତ ହୋଇ ଗୁରୁବାର ସନ୍ଧ୍ୟାରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାଙ୍କୁ ଗିରଫ କରି ପଟିଆଲା ହାଉସ୍‌ରେ ଥିବା ଏନ୍‌ଆଇଏ ସ୍ପେଶାଲ କୋର୍ଟରେ ହାଜର କରାଇଥିଲା। ଶୁକ୍ରବାର ଅଦାଲତ ତାଙ୍କୁ ୧୮ ଦିନିଆ ଏନ୍‌ଆଇଏ ରିମାଣ୍ଡରେ ପଠାଇଛନ୍ତି। ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଏନ୍‌ଆଇଏ ମୁଖ୍ୟାଳୟକୁ ନିଆଯାଇଛି। ସେଠାରେ ସବୁଠୁ ସୁରକ୍ଷିତ ସେଲ୍‌ରେ ତାଙ୍କୁ ରଖାଯିବ।

୨୬/୧୧ ଭଳି ଏକାଧିକ ଆତଙ୍କବାଦୀ ଆକ୍ରମଣ ଭାରତର ବିଭିନ୍ନ ସହରରେ କରାଇବାକୁ ରାଣା ଯୋଜନା ରଖିଥିଲେ ବୋଲି ଏନ୍‌ଆଇଏ ଅଦାଲତଙ୍କୁ ଜଣାଇଛି।

### ଅନ୍ୟ ସହରରେ ୨୬/୧୧ ଭଳି ଆକ୍ରମଣ ଯୋଜନା କରିଥିଲେ



ତହଉର ହୁସେନ୍ ରାଣା

## ବିହାର: ବଜ୍ରପାତ, କୁଆପଥର ବର୍ଷାରେ ୬୧ ମୃତ

ପାଟନା,୧୧।୪

ବିହାରର ବିଭିନ୍ନ ଜିଲାରେ ଗତ ୪୮ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ କୁଆପଥର ବର୍ଷାରେ ଅନ୍ୟୂନ ୬୧ ଜଣଙ୍କ ମୃତ୍ୟୁ ଘଟିଛି। ନାଳନ୍ଦା ଜିଲାରେ ସର୍ବାଧିକ ଲୋକ ପ୍ରାଣ ହରାଇଛନ୍ତି। ଗୁରୁବାର ଏହି ଜିଲାରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହା ବ୍ୟତୀତ ପାଟନା, ଭୋଜପୁର, ସିୱାନ ଏବଂ ଗୟା ଜିଲାରେ ବଜ୍ରପାତରେ ୪ ଜଣ ଲେଖାଏ, ଗୋପାଳଗଞ୍ଜ ଏବଂ ଜାମୁଇରେ ୩ ଜଣ ଲେଖାଏ, ମୁଜାଫରପୁର, ଜେହାନାବାଦ, ସରନ ଏବଂ ଅରୱାଲରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ବେଗୁସରାଇ, ଦରଭଙ୍ଗା, ସହର୍ସା, କଟିହାର, ମୁଙ୍ଗେର୍, ମାଧେପୁରା, ଅରାରିଆ ଏବଂ ଭାଗଲପୁରରେ ବଜ୍ରପାତ ଜଣେ ଲେଖାଏ ଲୋକଙ୍କ ଜୀବନ ନେଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

## ନଦୀରେ ଖସିଲା ହେଲିକପ୍ଟର



ପର୍ଯ୍ୟଟକଙ୍କୁ ନେଇ ଯାଇଥିବା ହେଲିକପ୍ଟରଟି ହଡ୍‌ସନ ନଦୀରେ ଖସିପଡିଛି।

ନ୍ୟୁୟର୍କ,୧୧।୪

ନ୍ୟୁୟର୍କ ସିଟିର ହଡ୍‌ସନ ନଦୀରେ ଏକ ହେଲିକପ୍ଟର ଖସିପଡ଼ିବାରୁ ଏଥିରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ପେନ୍‌ର ଟେକ୍‌ନୋଲୋଜି କମ୍ପାନୀ ସିମେନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଗଷ୍ଟାଇନ୍ ଏସ୍‌କୋବାର, ତାଙ୍କ ସ୍ତ୍ରୀ ମେର୍ସେ କାମ୍ପରୁବି ମୋଣ୍ଟାଲ ଏବଂ ସେମାନଙ୍କର ୩ ପିଲା। ସେମାନେ ଆମେରିକାକୁ ପର୍ଯ୍ୟଟନରେ ଆସିଥିଲେ। ଷଷ୍ଠ ବ୍ୟକ୍ତି ଜଣକ ହେଲିକପ୍ଟରର ପାଇଲଟ୍ ବୋଲି ନ୍ୟୁୟର୍କ ସିଟି ମେୟର ଏରିକ୍ ଆଡାମ୍ସ ଗଣମାଧ୍ୟମକୁ କହିଛନ୍ତି । ଗୁରୁବାର ହେଲିକପ୍ଟରଟି ମାନହାଟନରୁ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ଓଲଟିପଡ଼ି ଅଧିକାଂଶ ଭାଗ ପାଣିରେ ବୁଡ଼ିରହିଥିବା ଭିଡିଓରୁ ଦେଖିବାକୁ ମିଳିଛି। ଅଗ୍ନିଶମ ବିଭାଗ ଓ ରେସ୍କ୍ୟୁ ବୋଟ୍‌ଗୁଡ଼ିକ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୨ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲେ ହେଁ ହସ୍ପିଟାଲରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ମାନହାଟନର ଆକାଶ ବିମାନ ଏବଂ ହେଲିକପ୍ଟର ଚଳାଚଳ ଯୋଗୁ ସବୁବେଳେ ଗହଳି ରହିଥାଏ। ସେଠାରେ ଘରୋଇ ଏବଂ ବ୍ୟବସାୟିକ ବିମାନ, ହେଲିକପ୍ଟର, ରିକ୍ରିଏଶନାଲ ଏୟାରକ୍ରାଫ୍ଟ ଓ ଟୁରିଷ୍ଟ ବିମାନ ଚଳାଚଳ କରିଥାଏ। ମାନହାଟନରେ ଅନେକ ହେଲିପ୍ୟାଡ୍ ରହିଛି। ତେଣୁ ସେଠାରେ ଅନେକ ସମୟରେ ବିମାନ ଦୁର୍ଘଟଣା ଘଟିଥାଏ।

### ସିମେନ୍ସ କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ୬ ମୃତ



ଅଗଷ୍ଟାଇନ୍ ଏସ୍‌କୋବାର

## ହରିୟାଣାରେ ବଢୁଛି କନ୍ୟାଭ୍ରୂଣ ହତ୍ୟା

### ୧୦୦୦ ପୁଅରେ ୯୧୦ ଝିଅ

ଚଣ୍ଡୀଗଡ଼,୧୧।୪

ହରିୟାଣାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଇଚାଲିଛି। ୨୦୨୪ର ତଥ୍ୟ ଅନୁଯାୟୀ ପ୍ରତି ୧୦୦୦ ପୁଅରେ ଝିଅ ସଂଖ୍ୟା ୯୧୦କୁ ହ୍ରାସ ପାଇଛି। ରାଜ୍ୟରେ କନ୍ୟାଭ୍ରୂଣ ହତ୍ୟା ର୍‍ୟାକେଟ ବଢ଼ିଚାଲିଥିବା ଏକ ତଦନ୍ତରୁ ଜଣାପଡ଼ିବା ପରେ ବେଆଇନ ଗର୍ଭପାତ ରୋକିବା ପାଇଁ ସରକାର ଟାସ୍କଫୋର୍ସ ଗଠନ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଫଳରେ ହରିୟାଣାରେ ୧,୫୦୦ ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍ନାନ୍ସି (ଏମ୍‌ଟିପି) ସେଣ୍ଟର ମଧ୍ୟରୁ ୩୦୦ର ଲାଇସେନ୍ସ ରଦ୍ଦ କରାଯାଇଛି କିମ୍ବା ସେମାନେ ସ୍ୱଇଚ୍ଛାରେ ଲାଇସେନ୍ସ ଫେରାଇ ଦେଇଛନ୍ତି।

## ୩୦୦ ଗର୍ଭପାତ କେନ୍ଦ୍ରର ଲାଇସେନ୍ସ ରଦ୍ଦ

ଟାସ୍କଫୋର୍ସରେ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ନିଶା ନିବାରଣ ଏବଂ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ହରିୟାଣାର ନିର୍ଦ୍ଦେଶକ ଡ. ବୀରେନ୍ଦ୍ର ଯାଦବ ଏହାର ମୁଖ୍ୟ ରହିଛନ୍ତି। ଟାସ୍କଫୋର୍ସକୁ ପ୍ରତି ମଙ୍ଗଳବାର ସାପ୍ତାହିକ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରିବାକୁ କୁହାଯାଇଛି। ୨୦୧୯ରେ ପ୍ରତି ୧,୦୦୦ ପୁଅରେ ଝିଅ ସଂଖ୍ୟା ୯୨୩ ଥିବାବେଳେ ୨୦୨୪ରେ ଏହା ୯୧୦କୁ ହ୍ରାସ ପାଇଥିବା ଜଣାପଡ଼ିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୨୩ଟି ଗର୍ଭପାତ କେନ୍ଦ୍ରକୁ ନୋଟିସ୍ ଜାରି ହେବା ସହ ଅନ୍‌ଲାଇନରେ ଏମ୍‌ଟିପି କିଟ୍ସ ବିକ୍ରି କରୁଥିବା ୧୭ଟି ସଂସ୍ଥା ବିରୋଧରେ ଏତଲା ଦାଏର ହୋଇଛି। ପ୍ରି-କନ୍‌ସେପ୍‌ଶନ ଆଣ୍ଡ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ୍ ଟେକ୍‌ନିକ୍ (ପିସିପିଏନ୍‌ଡିଟି) ଆଇନର କାର୍ଯ୍ୟକାରିତାକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ କେନ୍ଦ୍ର ଉପରେ ୨୩ ଥର ଚଢ଼ାଉ କରାଗଲାଣି। ହସାର ଜିଲାର ପିଏନ୍‌ଡିଟି ନୋଡାଲ ଅଫିସରଙ୍କୁ ନିଲମ୍ବନ କରାଯିବା ସହ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ମେଡିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପୁଅ-ଝିଅ ଅନୁପାତ ସବୁଠୁ ଖରାପ ଥିବା ୩ଟି ସିଏଚ୍‌ସିର ମେଡିକାଲ ଅଫିସରଙ୍କ ନାଁରେ ଚାର୍ଜଶିଟ୍ ହୋଇଛି। ସେହିପରି କମ୍ ସେକ୍ସ ରେସିଓ ଥିବା ୫ ଜିଲାର ପିଏନ୍‌ଡିଟି ନୋଡାଲ ଅଫିସରଙ୍କୁ ବଦଳି କରାଯାଇଛି।

## ସଂକ୍ଷେପରେ

### ୧୦ ମାସର ଶିଶୁ ପାଇଁ ଦେଲେ ଏକ୍ସପାଏରି ମେଡିସିନ

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**

ବଲାଙ୍ଗୀର,୧୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରସ୍ଥ ନିରାମୟ କେନ୍ଦ୍ରରୁ ଏକ୍ସପାଏରି ମେଡିସିନ ଦିଆଯାଇଥିବା ନେଇ ଜଣେ ଯୁବକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର ସୁଦପଡ଼ାଠାରେ ରହୁଥିବା ସୌରଭ ପଟେଲ ତାଙ୍କ ସ୍ତ୍ରୀଙ୍କ ସହ ୧୦ ମାସର ଶିଶୁକନ୍ୟାକୁ ଧରି ଭୀମ ଭୋଇ ମେଡିକାଲ କଲେଜର ଏମ୍‌ସିଏଚ୍‌କୁ ଯାଇଥିଲେ। ଶିଶୁକନ୍ୟା ଅସୁସ୍ଥ ଥିବାରୁ ତାଙ୍କୁ ଡାକ୍ତରଙ୍କୁ ଦେଖାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଓପିଡିରେ ବସିଥିବା ଡାକ୍ତର ଜଣକ ପ୍ରେସ୍କ୍ରିପସନ୍ ଲେଖିଦେଇ ନିରାମୟ କେନ୍ଦ୍ରରୁ ଔଷଧ ନେଇ ଯିବାକୁ ପରାମର୍ଶ ଦେଇଥିଲେ। ଉଭୟ ଦମ୍ପତି ଶିଶୁକନ୍ୟାକୁ ଧରି ନିରାମୟ କେନ୍ଦ୍ରରୁ ଔଷଧ ନେଇଥିଲେ। ତେବେ ନିରାମୟ କେନ୍ଦ୍ରରେ ଦେଇଥିବା ଔଷଧର ଏକ୍ସପାଏରି ଡେଟ୍ କେବେଠୁ ଚାଲିଯାଇଥିବା ଦେଖି ପ୍ରଥମେ ନିରାମୟ କେନ୍ଦ୍ରରେ ଅଭିଯୋଗ କରିବା ପରେ ହସ୍ପିଟାଲ ଅଧୀକ୍ଷିକାଙ୍କ ପାଖକୁ ଯାଇଥିଲେ। ଅଫିସରେ ଅଧୀକ୍ଷିକା ନ ଥିବାରୁ ସିଡିଏମ୍‌ଓ ଅଫିସକୁ ଯାଇଥିଲେ। ସିଡିଏମ୍‌ଓ ତାଙ୍କ ଅଫିସରେ ନ ଥିବା ଦେଖି ଟାଉନ ଥାନାକୁ ଆସି ଅଭିଯୋଗ କରିଥିବା ସୌରଭ ଗଣମାଧ୍ୟମକୁ କହିଛନ୍ତି। ଏକ୍ସପାଏରି ମେଡିସିନ ଜାଣିବା ପରେ ଝିଅକୁ ସେ ଔଷଧ ଖୁଆଇ ନ ଥିଲେ। ସରକାରୀ ମେଡିକାଲ କଲେଜ ହସ୍ପିଟାଲର ନିରାମୟ କେନ୍ଦ୍ରରେ ଏଭଳି ମେଡିସିନ ଦେବା ଘଟଣାକୁ ଗୁରୁତର କହି ଏହା ଲୋକଙ୍କ ଜୀବନ ସହ ଖେଳ ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷିକା ମାନସୀ ପଣ୍ଡାଙ୍କୁ ପଚାରିବାରୁ ନିରାମୟ କେନ୍ଦ୍ରରେ ଏକ୍ସପାଏରି ମେଡିସିନ ଦିଆଯିବା ଅଭିଯୋଗର ସେ ତଦନ୍ତ କରିବେ ବୋଲି କହିଛନ୍ତି।

### ସଚେତନତା କାର୍ଯ୍ୟକ୍ରମ ତୁଷୁରାରେ ଫେଲ୍

ଗୁଡଭେଲା,୧୧।୪(ମନୋଜ କୁମାର ଜୈନ)

ତୁଷୁରା ସହରସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ନୂଆ ଏକକ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ବହୁତ କମ ଲୋକ ଉପସ୍ଥିତ ଥିଲେ। ଏହି ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ରାଜ୍ୟ ସରକାର ପ୍ରତି ବ୍ଲକକୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରିଥିଲେ । ତେବେ ଗୁଡଭେଲା ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଫେଲ ମାରିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହି କାର୍ଯ୍ୟକ୍ରମରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟସ୍ୱାଲ, ଗୁଡଭେଲା ବ୍ଲକ ଉପାଧ୍ୟକ୍ଷ ଗୁରୁରାମ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ଗୁଡଭେଲା ବିଡିଓ ରାମଦତ୍ତ ଭୋଇ, ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାର୍ଟିଙ୍କ ସମେତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏଏନଏମ, ବ୍ଲକ ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। କମ ସଂଖ୍ୟକ ଲୋକ ଉପସ୍ଥିତ ଥିବା ନେଇ ବିଡିଓ ରାମଦତ୍ତ ଭୋଇଙ୍କୁ ପଚାରିବାରେ ସବୁ ବର୍ଗର ଲୋକ ଆସିଛନ୍ତି ବୋଲି ସଫେଇ ଦେଇଥିଲେ।

# ୧୩୮୦ ବୋତଲ କଫ୍ ସିରପ୍ ଜବତ, ୪ ଅଭିଯୁକ୍ତ ଗିରଫ

- ଭୁବନେଶ୍ୱରରୁ ବଲାଙ୍ଗୀର ବେଆଇନ ଚାଲାଣ ହେଉଥିଲା କଫ୍ ସିରପ
- ସୁଦପଡ଼ା ନିକଟରେ ୨ କାର୍‌କୁ ଜବତକଲା ପୋଲିସ

ବଲାଙ୍ଗୀର,୧୧।୪(ବୀରେନ୍ଦ୍ର କୁମାର ଝାଙ୍କର)


ଜବତ କଫ୍ ସିରପ୍, ଗାଡ଼ି ସହ ଗିରଫ ଅଭିଯୁକ୍ତ।

ଭୁବନେଶ୍ୱରରୁ ବଲାଙ୍ଗୀର ସହରକୁ ବେଆଇନ ଭାବେ ଚାଲାଣ ହେଉଥିବା ୧୩୮୦ ବୋତଲ କଫ୍ ସିରପ୍‌କୁ ବଲାଙ୍ଗୀର ପୋଲିସ ଜବତକରିବା ସହ ଏହି ବେଆଇନ ନିଶା କାରବାରରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସହର ବରପାଲିପଡ଼ାର ମଣ୍ଟୁ ଓରଫ ଧବଳେଶ୍ୱର ଜେନା (୨୬), ସୁମନ ସ୍ୱାଇଁ (୨୯), ସାଲେପାଲିର ଅବିନାଶ ଦାଶ (୨୩) ଓ ମାଲପଡ଼ାର ଶୁଭମ୍ ଗୁରୁ (୨୧)। ଅଭିଯୁକ୍ତମାନଙ୍କଠାରୁ ପୋଲିସ ଟିମ୍ ଏକ ମାରୁତି ସୁଜୁକି ଏକ୍ସଏଲ କାର୍ (ନଂ. ଓଡି୦୨ଏଲ୍ ସିଏଲ୍ ୬୯୦୦) ଏବଂ ଏକ ସୁଜୁକି ଡିଜାର କାର୍ (ନଂ. ଓଡି୦୩ୟୁ ୪୭୩୦), ୧୩୬୦ ଟଙ୍କା, ତିନୋଟି ମୋବାଇଲ ଫୋନ ଜବତ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା (୨୬୩/୨୫) ରୁଜୁ ହୋଇଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ସ୍ଥାନୀୟ ଟାଉନ ଥାନାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରି ବେଆଇନ କଫ୍ ସିରପ୍ ଧରପଗଡର ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ, ନିର୍ଭରଯୋଗ୍ୟ ସୂତ୍ରରୁ ଭୁବନେଶ୍ୱରରୁ ବଲାଙ୍ଗୀର ସହରକୁ କଫ୍ ସିରପ୍ ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟଙ୍କ ନେତୃତ୍ୱରେ ଟାଉନ ଥାନା ଆଇଆଇସି ଅବନୀ ସାହୁ, ଅନିତାରାଣୀ ପଟ୍ଟନିଆ ଓ ଷ୍ଟାଫ୍ ବଲାଙ୍ଗୀର ସହର ସୁଦପଡ଼ାଠାରେ ନାକାବନ୍ଦୀ କରିଥିଲେ। ଭୁବନେଶ୍ୱର ପଟରୁ ଆସୁଥିବା ୨ କାରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୯୦୦ ବୋତଲ ଏସ କଫ୍ ସିରପ ଓ ୪୮୦ ବୋତଲ ୱିନ୍‌ସେରେକ୍ସ କଫ୍ ସିରପ୍ ଏଭଳି ସମୁଦାୟ ୧୩୮୦ ବୋତଲ କଫ୍ ସିରପ୍ ମିଳିଥିଲା। ଏସ୍‌ପି ଅଭିଲାଷ କହିଛନ୍ତି , ଗିରଫ ୪ ଜଣଙ୍କ ମଧ୍ୟରୁ ଅଭିଯୁକ୍ତ ମଣ୍ଟୁ ଓରଫ ଧବଳେଶ୍ୱର ହେଉଛନ୍ତି ବଲାଙ୍ଗୀର ଆଖପାଖ ଅଞ୍ଚଳରେ କଫ୍ ସିରପ୍ ବେଆଇନ କାରବାରର ମାଷ୍ଟର ମାଇଣ୍ଡ। ୨୦୧୯ ମସିହାରୁ ସେ ଏହି କାରବାରରେ ସମ୍ପୃକ୍ତ ଅଛନ୍ତି। ତାଙ୍କ ନାଁରେ ୧୪ଟି ଆପରାଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତ ସୁମନ ମଧ୍ୟ ପୂର୍ବରୁ ପୁଇଁତଲା ଥାନାରେ ଧରାପଡିଥିବା କଫ୍ ସିରପ ମାମଲାରେ ସମ୍ପୃକ୍ତ ଥିବା ସୂଚନା ଦେଇଥିଲେ। ମୁଖ୍ୟ ଅଭିଯୁକ୍ତ ମଣ୍ଟୁ ଧରାପଡିବା ପରେ କଫ୍ ସିରପ କାରବାରରେ ସମ୍ପୃକ୍ତ ଆହୁରି ଅନେକ ଲୋକ ଧରାପଡିବେ ଏବଂ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇ ସହରରେ କଫ୍ ସିରପ୍ କାରବାର ଦମନ କରାଯିବ ବୋଲି କହିଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଆଇଆଇସି ଅବନୀ ସାହୁ ଉପସ୍ଥିତ ଥିଲେ।

## ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ଯୋଜନା ଶୁଭାରମ୍ଭ


ଅର୍ଜ୍ଜୁନପୁର ପିଏଚସି ପରିସରରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଦେଓଗାଁ,୧୧।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନପୁର, ବନ୍ଧପଡା ଓ ରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଭାସୀ ମାଧ୍ୟମରେ ଆୟୁଷ୍ମାନ ଭାରତ ଯୋଜନା କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ବ୍ଲକ ପ୍ରଶାସନ ତଥା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଅର୍ଜ୍ଜୁନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାଜପା ନେତା ଅମିତ କୁମାର ସିଂ ନିନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ତହସିଲଦାର ନର୍ମଦା ନାୟକ, ଡା. ଶଶୀଭୂଷଣ ସାହୁ, କର୍ତ୍ତାର ସିଂ ଯୋଗଦେଇଥିଲେ। ଅତିଥିମାନେ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ସେହିପରି ବନ୍ଧପଡାରେ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ , ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର,ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଭାଜପା ନେତା ବାସୁଦେବ ସିଂ ନିନା ପ୍ରମୁଖ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାୟତସ୍ତରୀୟ ସମସ୍ତ କର୍ମଚାରୀ,ଚିକିତ୍ସାଳୟ କର୍ମଚାରୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ବିଏଲସି ସବ୍ୟାରାଣୀ ମହାଲିଙ୍ଗ ତଥା ଏମବିକେ, ସିଆରପିସିଏମ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ବିକ୍ରି ଅଭିଯୋଗର ତଦନ୍ତ ହେବ: ଏସ୍‌ପି

ବଲାଙ୍ଗୀର,୧୧।୪(ବୀରେନ୍ଦ୍ର କୁମାର ଝାଙ୍କର)


ଶିଶୁବିକ୍ରି ଘଟଣା ଉପରେ ଏଡିଏମ୍ ପବିତ୍ର ବେହେରାଙ୍କ ସହ ସିଡବ୍ଲୁସି ଓ ଡିସିପିୟୁ ସଦସ୍ୟ ଆଲୋଚନା କରୁଛନ୍ତି।

**ମେଡିକାଲରୁ ଶିଶୁ ବିକ୍ରି ଘଟଣା**
- ହସ୍ପିଟାଲ ଷ୍ଟାଫ୍ ଓ ଅନ୍ୟମାନଙ୍କୁ ତଦନ୍ତ ପରିସରକୁ ଅଣାଯିବ
- ଟଙ୍କା କାରବାର ଘଟଣାର ମଧ୍ୟ ଯାଞ୍ଚ କରାଯିବ
- କଳାହାଣ୍ଡି ଜିଲାର ନର୍ଲା ଚାଲାଣ ହେଉଥିଲା ନବଜାତ ଶିଶୁ

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ନବଜାତ ଶିଶୁପୁତ୍ର ବିକ୍ରି ଘଟଣାର ସବୁ ଦିଗକୁ ତଦନ୍ତ ପରିସରକୁ ନିଆଯିବ। ଏଥିରେ ଯେଉଁମାନେ ବି ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଅଭିଲାଷ ଜି ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି।

ଗୁରୁବାର ରାତିରେ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି) ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଶିଶୁ ବିକ୍ରି ମାମଲାରେ କୁନି ପଶାୟତ, ଶୋଭାକର ପଶାୟତ ଏବଂ ଭାଗ୍ୟ ବାରିକ ନାମକ ତିନିଜଣ ବ୍ୟକ୍ତି ସାମିଲ ଥିବା ଅଭିଯୋଗ କରାଯାଇ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି କରାଯାଇଥିଲା। ଏସପି ଅଭିଲାଷ କହିଛନ୍ତି, ଟାଉନ ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି ଓ ତଦନ୍ତ ଆରମ୍ଭ ହୋଇଛି। ନବଜାତ ଶିଶୁଙ୍କ ମା' ତାଙ୍କ ବୟାନରେ ଜଣେ ବ୍ୟକ୍ତିଙ୍କ ଠାରୁ ୫ ହଜାର ଟଙ୍କା ନେଇ ତାଙ୍କ ନବଜାତ ଶିଶୁପୁତ୍ରକୁ ଦେଇଥିବା ସ୍ୱୀକାର କରିଛନ୍ତି। ଏହା ଶିଶୁବିକ୍ରି ନୁହେଁ ବୋଲି ଏସପି କହିଥିଲେ। ତେବେ ଶିଶୁ କିଭଳି ପରିସ୍ଥିତିରେ ହସ୍ପିଟାଲରୁ ଟିଟିଲାଗଡ ଗଲା ଏହାର ତଦନ୍ତ କରାଯିବ। କାହା ମାଧ୍ୟମରେ ଟଙ୍କା କାରବାର ହୋଇଛି ଓ ଏହା ବାସ୍ତବରେ ଶିଶୁ ବିକ୍ରି ମାମଲା ଥିଲା କି ନ ଥିଲା ତାର ସବିଶେଷ ତଦନ୍ତ କରାଯିବ ବୋଲି କହିଥିଲେ। ଗତ ୯ ତାରିଖ ରାତିରେ ଟିଟିଲାଗଡରୁ ଶିଶୁକୁ କଳାହାଣ୍ଡି ଜିଲା ନର୍ଲାକୁ ନିଆଯାଉଥିବା ଜଣାପଡିଥିଲା। ପୋଲିସ ଟିମ୍ ବଲାଙ୍ଗୀର-କଳାହାଣ୍ଡି ସୀମାରୁ ଶିଶୁକୁ ଉଦ୍ଧାର କରିଥିଲେ ବୋଲି ଏସପି କହିଥିଲେ। ଅନ୍ୟପଟେ ସିଡବ୍ଲୁସି ଅଧ୍ୟକ୍ଷ ଲମ୍ବୋଦର ଦୀପ, ସଦସ୍ୟା ଏସ ଲତାଶ୍ରୀ, ଡିସିପିୟୁର ସାମାଜିକ କର୍ମୀ ଅରୁଣ ଖୁଆସ ଶୁକ୍ରବାର ଏଡିଏମ୍ ପବିତ୍ର ବେହେରାଙ୍କ ଅଫିସକୁ ଆସି ଶିଶୁ ବିକ୍ରି ଘଟଣାରେ ସିଡବ୍ଲୁସି ପକ୍ଷରୁ ଥାନାରେ ଅଭିଯୋଗ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଏହି ଶିଶୁବିକ୍ରି ଘଟଣାର ସବୁଦିଗକୁ ତଦନ୍ତ କରାଯିବ ବୋଲି ଏଡିଏମ୍ ବେହେରା କହିଛନ୍ତି। ଅନ୍ୟପଟେ ସିଡବ୍ଲୁସି ଅଧ୍ୟକ୍ଷ ଦୀପ ଓ ସଦସ୍ୟା ଲତାଶ୍ରୀ ଜିଲାରେ ଶିଶୁବିକ୍ରି ଅଭିଯୋଗ ଏବଂ ଅଲୋଡା ସନ୍ତାନ ପିଙ୍ଗା ଯିବା ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଯୁବ ଲେଖକ ସମ୍ମିଳନୀ

**ପୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ**

ପୁରିବାହାଲ,୧୧।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ପୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଗତ ୧ ତାରିଖଠାରୁ ଚାଲିଥିବା ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ବିଭିନ୍ନ ଅଞ୍ଚଳର ଯୁବ ଲେଖକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭାଜପାର ଜିଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଆ ଅସ୍ମିତା, ମାତୃଭାଷା ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଡିଏଭି ମହାବିଦ୍ୟାଳୟର ଅଧ୍ୟାପକ ବନ୍ଦନା କର, ବେଲପଡା ମହାବିଦ୍ୟାଳୟ ଅଧ୍ୟାପକ ବ୍ରଜମୋହନ ମେହେର, ଲେଖକ ଯଶୋବନ୍ତ ସାହୁ, ଲିଲୁମୋହନ ପଧାନ ଯୋଗ ଦେଇଥିଲେ । ଗତ ୧ ତାରିଖଠାରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ଆସ ବହିଟିଏ କିଣିବା ତଥା ଓଡିଶା ଭାଷା ଓଡ଼ିଆର ପରିଚୟ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଓଡ଼ିଆ ଅଧ୍ୟାପକ ଦିଲୀପ କୁମାର ପଶାୟତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ଅଧ୍ୟାପକ ଭୀଙ୍ଗରାଜ ରଣା ପରିଚାଳନା କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଯୁବ ଲେଖକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୬ ଜଣ ଲେଖକ ଉପସ୍ଥିତ ରହି ନିଜସ୍ୱ କବିତା, ଗଳ୍ପ ପାଠ କରିବା ସହ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଗୁଣସାଗର ମେହେର, ପୂର୍ଣ୍ଣ ପଧାନ, ଘନଶ୍ୟାମ ଖମାରି, ଅଭୟାନନ୍ଦ ଦାସ, ମୀରାବାଇ ଗଡ଼ତ୍ୟା, ସରିତା ରଣା, ଫାଲଗୁନୀ ଦାସ, ସୋମେଶ ଦତ୍ତ ହୋତା, ପ୍ରେମଚାନ୍ଦ ତାଣ୍ଡି, ଶୈଳିକା ନାୟକ, ଯଶସ୍ୱିନୀ ବେହେରା ସହଯୋଗ କରିଥିଲେ।

## ତୁରେକେଲାରେ ଆୟୁଷ୍ମାନ ଭାରତ ଯୋଜନା

କଣ୍ଟାବାଞ୍ଜି,୧୧।୪(ଗୁରୁଦୟାଲ ହଂସ)

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଗୋପବନ୍ଧୁ ଜନ ଆରୋଗ୍ୟ ଓ ବୟୋବନ୍ଦନା ଯୋଜନା ଶୁକ୍ରବାର ଅପରାହ୍ନରେ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଭାସି ଜରିଆରେ ତୁରେକେଲା ବ୍ଲକରେ ଯୋଜନାର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସରକାରୀ ହାଇସ୍କୁଲ ପଡିଆରେ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଛନ୍ତି। ସଭାରେ ବ୍ଲକ ଉପାଧ୍ୟକ୍ଷା ଧନମତୀ ଖୁରା, ସଦର ପଞ୍ଚାୟତ ସରପଞ୍ଚ ଜଲନ୍ଧର ମହାକୁଡ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ କୁମାର ମେହେର, ବ୍ଲକ ଭାଜପା ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ ଏବଂ ତୁରେକେଲା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ସ୍ୱାଗତ ଖମାରୀ, ସିଡିପିଓ ରତ୍ନାମଣି ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୧୫ ଜଣଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା । ବ୍ଲକର ୧୯ ଗୋଟି ପଞ୍ଚାୟତର ସମସ୍ତ ଏମବିକେ, ସିଆରପି, ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ସଭାକୁ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଜାନନ ନାୟକ ପରିଚାଳନା କରଥିଲେ।

## ଲୋଇସିଂହାର ୩ଟି ସ୍ଥାନରେ କାର୍ଯ୍ୟକ୍ରମ


ଲୋଇସିଂହାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଲୋଇସିଂହା,୧୧।୪(ସୁଶାନ୍ତ ବାରିକ)

ଶୁକ୍ରବାର ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ନୂଆ ଏକକ କାର୍ଡ ବିତରଣ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି କ୍ରମରେ ଲୋଇସିଂହା ବ୍ଲକର ଲୋଇସିଂହା, ଝାରମୁଣ୍ଡା ଓ ଉପରବାହାଲ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲୋଇସିଂହାରେ ଜିଲା ପ୍ରଶାସନ ପକ୍ଷରୁ ଉପ ଜିଲାପାଳ ଆଲୋକ ପଟେଲ, ଡା. ଚିନ୍ମୟୀ ସୁବୁଦ୍ଧି, ଡା. ସଞ୍ଜୀବ ବିଶ୍ୱାଳ, ଡା. ଆର. ଶ୍ରୀକଳାଙ୍କ ସମେତ ଲୋଇସିଂହା, ବୁର୍ଡା, ବୁଢୀପଦର ସରପଞ୍ଚ ଉପସ୍ଥିତ ଥିଲେ। ସେହିପରି ଝାରମୁଣ୍ଡାରେ ଲୋଇସିଂହା ତହସିଲଦାର ସଂଘମିତ୍ରା କଲୋ, ଡା. ଶୁଭ୍ରାଂଶୁ ରଞ୍ଜନ ମିଶ୍ର, ଡା. ଯଶୋବନ୍ତ ପାଢ଼ୀଙ୍କ ସମେତ ଏମ୍‌ପି ପ୍ରତିନିଧି ସ୍ଥାନୀୟ ସରପଞ୍ଚ ବନିତା ମେହେର ଉପସ୍ଥିତ ଥିଲେ। ଉପରବାହାଲରେ ଡା. ଶୋଭରାଜ ଶତପଥୀ, ଡା. ଶୁଭେନ୍ଦୁ ପଧାନ . ବିପିଏମ ସୁଧାଞ୍ଜଳୀ ମିଶ୍ରଙ୍କ ସମେତ ଉପରବାହାଲ ସରପଞ୍ଚ ଉପସ୍ଥିତ ରହି କାର୍ଡ ବଣ୍ଟନ କରିବା ସହ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଦେଖିଥିଲେ। ଏହିସବୁ କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡା. ଶେଖରଲାଲ ପଧାନ ଓ ବ୍ଲକ ଜିପିଓ କିଶୋର ମାନସିଂ ତଦାରଖ କରୁଥିଲେ।

## ଖପ୍ରାଖୋଲରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ

ଖପ୍ରାଖୋଲ,୧୧।୪(ଅଭୟ ତ୍ରିପାଠୀ)

ସାରା ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିବା ବେଳେ ଖପ୍ରାଖୋଲ ବ୍ଲକର ଧଣ୍ଡାମୁଣ୍ଡା ଖେଳପଡିଆ, ଲାଠୋର ରାଧାକୃଷ୍ଣ ମନ୍ଦିର, ନାନ୍ଦୁପଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଓ ଲୁହାସିଂହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଲାଠୋର୍ ରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସରପଞ୍ଚ ଜୟଶ୍ରୀ ଭାଇସାଲ, ଧଣ୍ଡାମୁଣ୍ଡାରେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର,ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ,ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗ ଦେଇଥିଲେ । ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ସୁରଜ କୁମାର ଦୀପ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ,ନାନ୍ଦୁପଲାରେ ଜିପିଡିଓ ପରମେଶ୍ୱର ନାଏକ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ସରପଞ୍ଚ ନିଲେନ୍ଦ୍ରୀ ପୁଝାରୀ, ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ଲୁହାସିଂହାଠାରେ ସରପଞ୍ଚ ସୀମାଞ୍ଚଳ ପୁରୋହିତ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୧୫ ଜଣଙ୍କୁ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କରାଯାଇଥିଲା।

## ଶିଶୁବାଟିକା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଲାଠୋର,୧୧।୪(ଭୁବନେଶ୍ୱର ବାରିକ)


ସରପଞ୍ଚ ଜୟଶ୍ରୀ ଭଇଁଷାଲ ଜଣେ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ୫ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଶିଶୁବାଟିକା ପ୍ରଶିକ୍ଷଣ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମ୍ପିତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟଙ୍କପାଣି କେନ୍ଦ୍ର ସଂଯୋଜକ ସୁନୀଲ ମହାନନ୍ଦ ଓ ଲାଠୋର କେନ୍ଦ୍ର ସଂଯୋଜକ ଚକ୍ରଧର ଭୋଇ ଯୋଗ ଦେଇଥିଲେ। ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକ ଶିଶୁବାଟିକା ଶିଶୁମାନଙ୍କୁ ପାଠ ପଢେଇବେ ସେମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ ଅଧୀନ ଲଠୋର, ଜାମତୁଆଁ, ଫୁଲକିମୁଣ୍ଡା, ରେଙ୍ଗାଲି ଏବଂ ଟଙ୍କପାଣି କ୍ଲଷ୍ଟରରୁ ତାଲିମ ପାଇଁ ଆସିଥିବା ୫୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶିଶୁବାଟିକା ପ୍ରସ୍ତୁତି ଭାଗ ଉପରେ ମାଷ୍ଟର ଟ୍ରେନର ପୂର୍ଣ୍ଣଚନ୍ଦ୍ର ଭଇଁଷାଲ, ବସନ୍ତ ମେହେର, ଅଶ୍ୱିନୀ କୁମାର ସାହୁ ଏବଂ ଶଙ୍ଖଧର ମାଝି ତାଲିମ ପ୍ରଦାନ କରିଥିଲେ। ପର୍ଯ୍ୟବେକ୍ଷକ ଭାବରେ ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହା ଯୋଗଦେଇ ଅନୁଧ୍ୟାନ କରିଥିଲେ। ଶିଶୁବାଟିକାର ପ୍ରଚାର ପ୍ରସାର ପାଇଁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ନାଟକ ପରିବେଷଣ କରିଥିଲେ। ଏହି ଅବସରରେ ତାଲିମ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସତ୍ୟବାନ ସାହୁ, ପୂର୍ଣ୍ଣଚନ୍ଦ୍ର ବୁଡ଼େକ, ଅଙ୍କିତା ମହାକୁଡ଼, କାହ୍ନା ମେହେର,ତେଜସ୍ୱିନୀ ପାଢୀ, ପୁଷ୍ପଲତା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଆରମ୍ଭ ହେଲା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା

**ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ**

ବଲାଙ୍ଗୀର,୧୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ସ୍ଥାନୀୟ ମିଶନ ପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ଜିଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନାଙ୍କ ସମେତ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ଦିନେଶ ଶର୍ମା ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାରେ ଏହି ଯୋଜନା କିଭଳି ସଫଳ ଓ ସୂଚାର ରୂପେ କାର୍ଯ୍ୟକାରୀ କରାଯିବ ସେ ଦିଗରେ ଜିଲା ପ୍ରଶାସନ ପ୍ରସ୍ତୁତ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲା ମୁଖ୍ୟାଳୟକୁ ଛାଡି ୪୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଭାସି ଜରିଆରେ କରାଯାଇଥିଲା।

ଏହି ଯୋଜନାରେ ଲୋକଙ୍କୁ ନୂଆ ଏକକ କାର୍ଡ ବଣ୍ଟନ କରାଯିବ। ହିତାଧିକାରୀମାନେ ସମ୍ପୃକ୍ତ ଅଞ୍ଚଳର ଆଶାକର୍ମୀ, ଜନସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ନିଜ ଗ୍ରାମରେ କାର୍ଡ ପାଇବେ। ନୂତନ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ହିତାଧିକାରୀମାନେ ଆଧାର କାର୍ଡ/ ବର୍ତ୍ତମାନ ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ସେବା ପାଇପାରିବେ ବୋଲି ସୂଚନା ଦିଆଯାଇଥିଲା। ଇ-କେୱାଇସି ସହ କାର୍ଡ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ବୋଲି କୁହାଯାଇଥିଲା। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇବେ। ସେହିପରି ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିତ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ହିତାଧିକାରୀଙ୍କୁ ମିଳିବ । ଏହି ଯୋଜନା ଦ୍ୱାରା ରାଜ୍ୟର ୩.୫ କୋଟି ଲୋକ ମାଗଣା ଚିକିତ୍ସା ସେବା ସୁବିଧା ପାଇପାରିବେ। ସମଗ୍ର ଦେଶର ୨୯,୦୦୦ରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ସ୍ୱାସ୍ଥ୍ୟକାର୍ଡ ଜରିଆରେ ଚିକିତ୍ସାର ସୁବିଧା ଉପଲବ୍ଧ ଅଛି ବୋଲି କୁହାଯାଇଥିଲା।


ପୁରିବାହାଲ ବ୍ଲକର ଲେବଡାଠାରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

## ସଂକ୍ଷେପରେ

### ଟ୍ରକ୍ ସହ ଗଞ୍ଜେଇ ଜବତ, ୨ ଗିରଫ

କନ୍ଧମାଳ,୧୧।୪(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ଏକ ଟ୍ରକ୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ.୧୪୦/୨୫) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ମନମୁଣ୍ଡା ପୋଲିସ କନ୍ଧମାଳ ମନମୁଣ୍ଡା ରାଜ୍ୟ ରାଜପଥ ନଂ.୪୧ର ପଲସାଗୋରା ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରକ୍‌କୁ ଯାଞ୍ଚ କରିବାରୁ ୧ କୁଇଣ୍ଟାଲ ୪୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ମହାରାଷ୍ଟ୍ରର ୨ ଜଣଙ୍କୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି।

### ୱାଇସିଡିଏର ବାର୍ଷିକୋତ୍ସବ

ବାଉଁଶୁଣୀ,୧୧।୪(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏର ବାର୍ଷିକ ଉତ୍ସବ 'ସମନ୍ୱୟ' ବାଉଁଶୁଣୀଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୬ ଜିଲାର ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୧୭୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ତଥା ବୋର୍ଡର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ଅବସରରେ ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଥିଲା। ଏହାସହ ଆଗାମୀ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି ହୋଇଥିଲା।

### ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ବୀରମହାରାଜପୁର,୧୧।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କଳାପଥର ଯୁକ୍ତ ୨ କଲେଜ ପାଖରେ ଥିବା ଏକ କ୍ଷେତ ଆଡିରେ ୪ ଦିନ ହେବ ନିଖୋଜ ବୃନ୍ଦାବନ ଭୋଇଙ୍କ (୮୧)ଙ୍କ ମୃତଦେହ ଜବତ କରାଯାଇଛି। ମିଳିଥିବା ସୁଚନା ଅନୁସାରେ ବୀରମହାରାଜପୁର ଥାନା ଡାହାଣୀପାଲି ଗ୍ରାମର ବୃନ୍ଦାବନ ଗତ ୮ ତାରିଖରୁ ଘରୁ କୁଆଡେ ଚାଲି ଯାଇଥିଲେ। ଏ ନେଇ ବୀରମହାରାଜପୁର ଥାନାରେ ବୃନ୍ଦାବନଙ୍କ ପୁଅ ଦୟା ସାଗର ଭୋଇ ଅଭିଯୋଗ କରିଥିଲେ। ଶୁକ୍ରବାର ଅପରାହ୍ନ ୩ଟାରେ ବୃନ୍ଦାବନଙ୍କ ମୃତଦେହ କଳାପଥର ଯୁକ୍ତ ୨ କଲେଜ ପାଖରେ ଏକ କ୍ଷେତ ଆଡିରେ ପଡ଼ିଥିବା ସ୍ଥାନୀୟ କେତେଜଣ ଲୋକ ଦେଖିବାକୁ ପାଇଥିଲେ। ପରେ ବୃନ୍ଦାବନଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରିବାର ଲୋକଙ୍କଠାରୁ ଖବର ପାଇ ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ବୀରମହାରାଜପୁର ଡାକ୍ତର ଖାନାକୁ ଆଣିଥିଲା। ସନ୍ଧ୍ୟା ହୋଇ ଯିବାରୁ ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି। ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୫) ମାମଲା ରୁଜୁ କରି ଏସ୍ଆଇ ଅବିନାଶ ପ୍ରଧାନ ଅଧିକ ତଦନ୍ତ ଚଳାଇଛନ୍ତି।

# ଅସମ୍ଭାଳ ତାତି, ଜନଜୀବନ ଅସ୍ତବ୍ୟସ୍ତ

ବୀରମହାରାଜପୁର,୧୧।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲାରେ ଅସମ୍ଭାଳ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ସକାଳ ୯ଟାରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଅନୁଭୂତ ହେଉଛି। ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ନିହାତି ଆବଶ୍ୟକ ନ ହେଲେ ଲୋକେ ଘରୁ ବାହାରକୁ ବାହାରୁ ନାହାନ୍ତି। ନିତି ମୂଲମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ଶ୍ରମଜୀବୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଚଳିତ ବର୍ଷ ନୁହେଁ, ବିଗତ କିଛି ବର୍ଷ ହେବ ଜିଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଥିବା ପରିଲକ୍ଷିତ ହେଉଛି। ଏହା ସାଙ୍ଗକୁ ଜଳସ୍ତର ଦିନକୁ ଦିନ କମିବାରେ ଲାଗିଛି। ଏହାର ପ୍ରଭାବ ମହାନଦୀ କୂଳରେ ଅବସ୍ଥିତ ସୁବର୍ଣ୍ଣପୁର ଜିଲାରେ ଜଳାଭାବ ଉତ୍କଟ ହେବାରେ ଲାଗିଲାଣି। ବେପରୁଆ ଜଙ୍ଗଲ କ୍ଷୟ ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଉଛି। ଖୁବଶୀଘ୍ର ନୂଆ ଜଙ୍ଗଲ ସୃଷ୍ଟି ନ କଲେ ଆଗକୁ ସ୍ଥିତି ବିଷମ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ନେଇ ଜିଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କୁ ପଚାରିବାରୁ କହିଛନ୍ତି ନୂତନ ରାସ୍ତା ନିର୍ମାଣ ଅଥବା ରାସ୍ତା ପ୍ରଶସ୍ତୀକରଣ, ଆମ ବିଭାଗ ତରଫରୁ କିପରି କମ୍ ଜଙ୍ଗଲ ନଷ୍ଟ ହେବ ସେଥିପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିସହିତ ଏଥିପାଇଁ ଯେତିକି ଜଙ୍ଗଲ ନଷ୍ଟ ହେଉଛି ତାର ଦୁଇଗୁଣ ବୃକ୍ଷ ରୋପଣ କରାଯାଇଥାଏ। ମହାନଦୀ ମିଶନ ମାଧ୍ୟମରେ ସୋନପୁର ଅଞ୍ଚଳରେ ନୂତନ ବୃକ୍ଷ ରୋପଣ କରାଯାଇଛି। ୨୦୨୫-୨୬ ବର୍ଷ ପାଇଁ ସୋନପୁର ସହିତ ବିନିକା ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବିଭାଗ ତରଫରୁ ପଦକ୍ଷେପ ଆରମ୍ଭ ହୋଇଛି।

**ସେ ମାନେ ଯାହା କହନ୍ତି...**



"ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି ଜଙ୍ଗଲ ଅବକ୍ଷୟ, ଜଙ୍ଗଲ ପୋଡ଼ି ଓ ରାସ୍ତା ପ୍ରଶସ୍ତୀକରଣ ନାମରେ ବ୍ୟାପକ ଗଛ କାଟିବା। ପକ୍କା ଘର ଓ ପକ୍କା ରାସ୍ତା ନିର୍ମାଣ ଆବଶ୍ୟକ। ହେଲେ ଏଥିପାଇଁ ବ୍ୟାପକ ବୃକ୍ଷ ରୋପଣ ଜରୁରୀ। ବିଭିନ୍ନ ନଦୀ ଓ ନାଳରେ ବହିଯାଉଥିବା ଜଳକୁ ଚେକ ଡ୍ୟାମ ଓ ଆନିକଟ କରି ସଂରକ୍ଷଣ କରିପାରିଲେ ଭୂତଳ ଜଳ ବୃଦ୍ଧି ହେବା ସହିତ ଗରମ ନିୟନ୍ତ୍ରଣ ହୋଇପାରିବ।

**ରାଧେଶ୍ୟାମ ପୁରୋହିତ, ପରିବେଶବିତ୍**



"ମହାନଦୀର ଉଭୟ ପାର୍ଶ୍ୱରେ ଜଙ୍ଗଲ ସୃଷ୍ଟି ପାଇଁ ମହାନଦୀ ମିଶନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଜଙ୍ଗଲ ସୃଷ୍ଟି ହୋଇ ପାରିଲା ନାହିଁ। ଅର୍ଥାତ୍ ରାଜ୍ୟ ସରକାର ନୂତନ ଜଙ୍ଗଲ ସୃଷ୍ଟି କରିବାରେ ସଫଳ ହେଉନାହାନ୍ତି। ଜିଲାରେ ଆଜି ପର୍ଯ୍ୟନ୍ତ ମଧ୍ୟମ ଜଳସେଚନ ପ୍ରକଳ୍ପ ହୋଇପାରିଲ ନାହିଁ। ମହାନଦୀ, ତେଲ, ସୁକତେଲ, ଅଙ୍ଗ, ହରହର ଯୋଗର ଉପରେ ଚେକଡ୍ୟାମ ଓ ଆଡ଼ିବନ୍ଧ ନିର୍ମାଣ କଲେ ଜଳସେଚନ ସହିତ ଜଙ୍ଗଲ ସୃଷ୍ଟି ହୋଇପାରିବ। ଏହା ତାପମାତ୍ରା ବୃଦ୍ଧିକୁ ନିୟନ୍ତ୍ରଣ କରି ପାରିବ।

**ଲବ କୁମାର ସାହୁ, ଜିଲା ପରିଷଦ ସଭ୍ୟ**



"ସୁବର୍ଣ୍ଣପୁର ଜିଲାରେ ୯୦କିଲୋମିଟର ମହାନଦୀ ପ୍ରବାହିତ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ମହାନଦୀରେ ଜଳ ସଂରକ୍ଷଣ ବ୍ୟବସ୍ଥା ହୋଇପାରିନାହିଁ। ଛୋଟ ନାଳ ଯୋର୍ ଉପରେ ଚେକଡ୍ୟାମ ମଧ୍ୟ ହୋଇନି। ଯାହା ଫଳରେ ଗରମ ସାଙ୍ଗକୁ ଭୂତଳ ଜଳ ହ୍ରାସ ପାଉଛି। ମୁଁ ବ୍ୟକ୍ତିଗତ ଭାବେ ବିଧାନସଭାରେ ଏ ନେଇ ପ୍ରଶ୍ନ କରିଛି। ସ୍ୱହରିହର ଯୋର୍ ଉପରେ ଚେକଡ୍ୟାମ, ସୁରବାଲି ଯୋର୍ ଉପରେ ଏକ ଜଳ ସେଚନ ପ୍ରକଳ୍ପ ହେଲେ ଭୂତଳ ଜଳ ହ୍ରାସ କମିବା ସହିତ କୃଷି କ୍ଷେତ୍ରରେ ସୁଧାର ଅଣାଯାଇ ପାରିବ। ନୂତନ ଜଙ୍ଗଲ ସୃଷ୍ଟି କରିବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

**ଇଂ. ରଘୁନାଥ ଜଗଦଲା, ବିଧାୟକ, ବୀରମହାରାଜପୁର**

### ଲୋକକଳା ପାଇଁ ଦିନଟିଏ

ବିନିକା,୧୧।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଲୋକକଳା ଗ୍ରାମ କର୍ଡଙ୍ଗ ହାଇସ୍କୁଲ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାଦେବପାଲି ସରପଞ୍ଚ ପ୍ରଣତି ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ବିନିକା ବିଡିଓ ମଣ୍ଟୁ ଖମାରୀ, ବିନିକା ବ୍ଲକ କଳାକାର ସଂଘ ଉପ ସଭାପତି ଶାଶ୍ୱତ କୁମାର ତ୍ରିପାଠୀ, କର୍ଡଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ହୋତା ମଞ୍ଚାସୀନ ହୋଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୧୨ ଜଣ ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାଦେବପାଲି ପିଇଓ ଶିବରାମ ମିଶ୍ର ପରିଚାଳନା କରିଥିବାବେଳେ ସ୍କୁଲର ପ୍ରଧାନଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସକମା ଗ୍ରାମର ସଂଚାର, ବାଉଁଶୁଣୀର କରମା ସଂସାମୁରା ଶିଶୁ ବିକାଶ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ୨୧ ସ୍ଥାନରେ ନୂଆ ଏକକ କାର୍ଡ ବଣ୍ଟନ



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶାରେ ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁକ୍ରବାର ଶୁଭାରମ୍ଭ ହୋଇଛି। କଟକ ବାଲିଯାତ୍ରା ପଡିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ୍ଡାଙ୍କ ଦ୍ୱାରା ଆୟୁଷ୍ମାନ ଯୋଜନା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଲୋକାର୍ପଣ ହୋଇଛି । ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରେ ସମସ୍ତ ୬ ବ୍ଲକ ଓ ସୁବର୍ଣ୍ଣପୁର ସହରର ମୋଟ ୨୧ଟି ସ୍ଥାନରେ ଏହି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋନପୁର ବ୍ଲକ ହରଡ଼ଖୋଲ ନିକଟ ସାହାଜପିଟା ପଥପ୍ରାନ୍ତ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ।

**ସୁବର୍ଣ୍ଣପୁରରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ**

ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଦୀପ କୁମାର ଗୁରୁ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ସୁବର୍ଣ୍ଣପୁର ସହର ସ୍ଥିତ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଏବଂ ଅବକାରୀ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ପୌରପରିଷଦ ଅଧ୍ୟକ୍ଷା ତାମସି ତମସ୍ୱିତା ନାୟକ, କାଉନସିଲର ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଜିଲାର ଅନ୍ୟ ସ୍ଥାନ ଗୁଡିକରେ ସ୍ଥାନୀୟ ଲୋକ ପ୍ରତିନିଧି ସହ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟରେ ୨୫ଟି ଲେଖାଏଁ କାର୍ଡ ବଣ୍ଟନ କରିଥିଲେ। ଆୟୁଷ୍ମାନ ଭାରତ ଯୋଜନାର ଠିକ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅନ୍ୟା ଦାସ ଏଥିରେ ଯୋଗଦେଇ ଜିଲାର ୫ ଲକ୍ଷ ୩୯ ହଜାର ୬୯୦ ଜଣ ଏହି ଯୋଜନାରେ ସାମିଲ ହେବେ ବୋଲି କହିଥିଲେ। ଏହା ଦ୍ୱାରା ରାଜ୍ୟ ଓ ବାହାରେ ରହୁଥିବା ଲୋକେ ଓ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ଲାଭ ପାଇବେ। ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ସିଡିଏମଓ ଡ. ପ୍ରଦୀପ କୁମାର ଗୁରୁ, ଏଡିଏମଓ ଡ. ଦୈତ୍ୟ ନାରାୟଣ ପାଢ଼ୀ, ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂହ, ରମେଶ ଚନ୍ଦ୍ର ଗୋଛି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଉଲୁଣ୍ଡାରେ ଚାରି ଶମ୍ଭୁଙ୍କ ମହାମିଳନ

ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଗଣ୍ଡାବାହାଲ ଛକଠାରେ ଚାରି ଶମ୍ଭୁଙ୍କ ମିଳନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗଣ୍ଡବାହାଲ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ନାକଡେଇଁର ନାଗେଶର ବାବା, ଉଲୁଣ୍ଡାର ଭୁବନେଶ୍ୱର ବାବା, ଯାଲୋଏର ଜମ୍ବେଶର ବାବା ଓ ମନମୁଣ୍ଡାର ଚନ୍ଦ୍ରଶେଖର ବାବା ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ଗଣ୍ଡାବାହାଲ ଛକଠାରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯିବା ସହ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଚାରିଶମ୍ଭୁଙ୍କ ମହା ମିଳନ ହୋଇଥିଲା।

### ଖଣ୍ଡହଥାରେ ପୂଜା ମଣ୍ଡପ ଉଦ୍‌ଘାଟିତ

ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମର ହରିଜନପଡ଼ାରେ ନୂତନ ପୂଜା ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଡ଼ଗାଁ ସମବାୟ ସେବା ସମିତିର ସଭାପତି ଅଶ୍ୱିନୀ ତ୍ରିପାଠୀ, ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ, ଜିଲା ପରିଷଦ ସଭ୍ୟା ମୀନାକ୍ଷୀ ପାଣ୍ଡେ, ସମିତି ସଭ୍ୟା ରିଙ୍କି ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୂଜା ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ହରିଜନପଡ଼ା ବାସିନ୍ଦା ଏବଂ ରାତ୍ର ପ୍ରଧାନ, ହେମାଞ୍ଚଳ ସାହୁ, ମାଧବ ସାହୁ, ନିର୍ମଳ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡର ଶୁଭାରମ୍ଭ




ହରଭଙ୍ଗା: କାର୍ଯ୍ୟକ୍ରମରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

ବୌଦ୍ଧ/ହରଭଙ୍ଗା,୧୧।୪(ଅଜିତ କୁମାର ବାରିକ/ ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ବ୍ଲକ୍ ଜହ୍ନାପଙ୍କ ମେଡିକାଲ ପଡିଆରେ ଶୁକ୍ରବାର ଜିଲାସ୍ତରୀୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନାର କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକରୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡା ଓ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଜହ୍ନାପଙ୍କଠାରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଗ୍ରାମପୁର, ତେଲିବନ୍ଧ, ଜହ୍ନାପଙ୍କ ଓ ବଲାସିଙ୍ଗା ଗ୍ରାମର ୨୫ ହିତାଧିକାରୀଙ୍କୁ ଆୟୁଷ୍ମାନ ଏକକ କାର୍ଡ ବଣ୍ଟନ କରାଯାଇଥିଲା। ଶେଷରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବାଉଁଶୁଣୀ ମେଡିକାଲ ଅଫିସର ଡ଼ ଅନ୍ତର୍ଯାମୀ ବେହେରା ଓ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡ଼ ଦିବ୍ୟଲୋଚନ ମେହେରଙ୍କ ସମେତ ସମସ୍ତ କର୍ମଚାରୀ, ଅଙ୍ଗନୱାଡି ଏବଂ ଆଶା ଦିଦି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ହିତାଧିକାରୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସେହିପରି ମୁଣ୍ଡାପଡା ପଞ୍ଚାୟତରେ ସରପଞ୍ଚ ସୁମନ୍ତ ନାଏକ, ବଘିଆପଡା ଓ ଆମ୍ଭଝିର ପଞ୍ଚାୟତରେ ପ୍ରେମାନନ୍ଦ ବାଘ ଆୟୁଷ୍ମାନ ଏକକ କାର୍ଡ ବଣ୍ଟନ କରିଥିଲେ।

ସେହିପରି ହରଭଙ୍ଗା ବ୍ଲକରେ ମଧ୍ୟ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ହରଭଙ୍ଗା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହରଭଙ୍ଗା, ପୁରୁଣାକଟକ, ଧଳପୁର ଓ ତଳଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୩ ହଜାର ୯୩୮ ଜଣଙ୍କୁ କାର୍ଡ ବଣ୍ଟନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହରଭଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲା ପରିଷଦ ଅଧ୍ୟ ପ୍ରଭାସିନୀ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୌଦ୍ଧ ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ହରଭଙ୍ଗା ବିଡିଓ ଶରତ କୁମାର ସେଠୀ, ମେଡିକାଲ ଅଫିସର ଡ. ଶ୍ରୀମନ୍ତ ସ୍ୱାଇଁ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ପଞ୍ଚମ ଦିନ ଫୁଟ୍‌ବଲ ମ୍ୟାଚ୍‌ର ଦୃଶ୍ୟ।

# ରାମଜୀ କ୍ଲବ ନିମ୍ନା, ନାରାୟଣପୁର ବିଜୟୀ

ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ)

**ମୁଖ୍ୟମନ୍ତ୍ରୀ ଆନ୍ତଃ କ୍ଲବ ଫୁଟବଲ ଚାମ୍ପିୟନଶିପ୍**

ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଆନ୍ତଃ କ୍ଲବ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍‌ର ଶୁକ୍ରବାର ପଞ୍ଚମ ଦିବସରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଲୁଣ୍ଡା ବ୍ଲକର ରାମଜୀ କ୍ଲବ ନିମ୍ନା ଓ ସୋନପୁର ବ୍ଲକର ନାରାୟଣପୁର ଦଳ ବିଜୟୀ ହୋଇଛନ୍ତି। ସୋନପୁର ବ୍ଲକର କଙ୍କାଳି ଏଫସି ଜନମୁରା ଓ ରାମଧୁନ କ୍ଲବ ଡି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ଟି ଅମିମାଂସିତ ରହିଥିଲା। ଦ୍ୱିତୀୟ ମ୍ୟାଚ୍ ବିନିକା ବ୍ଲକ ଚରଦାର ମା' ଚରଦେଇ କ୍ଲବ ଓ ରାମଜୀ କ୍ଲବ ନିମ୍ନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାମଜୀ କ୍ଲବ ନିମ୍ନା ୧-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ନାରାୟଣପୁର ଦଳ ଓ ବୀରମହାରାଜପୁର ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାରାୟଣପୁର ଦଳ ୩-୦ଗୋଲରେ ବିଜୟୀ ହୋଇଥିଲା। ରେଫେରୀ ଅନିଲ ଭୋଇ, ସଞ୍ଜୀବ ସାହୁ, ନରେଶ ମାଝୀ, ଅନିତା ମହାକୁଡ ଓ ପ୍ରଶାନ୍ତ ସେଠୀ ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଓଡ଼ିଶା ଫୁଟବଲ ସଂଘ, ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ଓ କ୍ରୀଡା ଏବଂ ଯୁବ ସେବା ବିଭାଗ ପକ୍ଷରୁ ଏହି ଚାମ୍ପିୟନଶିପ୍ ଆୟୋଜିତ ହେଉଛି। ଜିଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା କ୍ରୀଡା ସଂଘ ଉପଦେଷ୍ଟା ନନ୍ଦ କିଶୋର ତ୍ରିପାଠୀ, କାଉନସିଲର ଗଙ୍ଗାଧର ତରିଆ ଓ ପ୍ରାକ୍ତନ ଫୁଟବଲ ଖେଳାଳି ତ୍ରିଲୋଚନ ଷାଣ୍ଢ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ବିକାଶ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ପୀୟୁଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ମ୍ୟାଚ୍ ଆୟୋଜିତ ହୋଇଥିଲା।



ଅତିଥି, ରେଫେରି ଓ କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ: ଡିଷ୍ଟ୍ରିକ୍ଟ ସ୍ପୋର୍ଟିଙ୍ଗ ବିଜୟୀ

ବୌଦ୍ଧ,୧୧।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଷ୍ଟାଡିୟମଠାରେ ଚାଲିଥିବା ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ପଞ୍ଚମ ଦିନ ଖେଳ ଜେଡି ହାଇସ୍କୁଲ ବୌଦ୍ଧ ଓ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଙ୍ଗ ଦଳ ୩-୧ ଗୋଲ୍‌ରେ ବିଜୟୀ ହୋଇଛି। ସେହିପରି ଅପରାହ୍ନରେ ଦ୍ୱିତୀୟ ଖେଳ ବିଏସ୍ଏସ୍ଏ ବୌଦ୍ଧ ଓ ବିଏସ୍ଏସ୍ଏ ହରଭଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳଟି ସଂଘର୍ଷପୂର୍ଣ୍ଣ ଥିବାବେଳେ ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ଦିଆଯାଇଥିଲା। ମ୍ୟାଚ୍‌ରେ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଭେଟେରାନ ଫୁଟବଲ ଖେଳାଳି ଗୌତମ ସରକାର, ଜିଲା କ୍ରୀଡ଼ା ଅଧିକାରୀ ସୁଦାମ କୁମାର ସ୍ୱାଇଁ, ଫୁଟବଲ ସଂଘ ସମ୍ପାଦକ ଯୁଗଳ କିଶୋର ସାମଲ, ମ୍ୟାଚ୍ କମିଶନର ଲମ୍ବୋଦର ପୁରୋହିତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଚନ୍ଦନ ମହାରଣା ଖେଳ ପରିଚାଳନା କରିଥିବାବେଳେ ଲାଇନରେ ସୂର୍ଯ୍ୟକାନ୍ତ ବେହେରା ଓ ବଳରାମ ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ଅମିତ ନାଏକ ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ

**ଖଡ଼ିଆଲ,୧୧।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ଆଦର୍ଶ ହୋମିଓ ହୋମଠାରେ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚିକିତ୍ସକମାନେ ହୋମିଓପ୍ୟାଥିର ପ୍ରତିଷ୍ଠାତା ହାନିମ୍ୟାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ନୂଆପଡ଼ା ସମେତ କଳାହାଣ୍ଡି, ବଲାଙ୍ଗୀର ଜିଲାରେ ହୋମିଓପ୍ୟାଥି ଚିକିତ୍ସା ଶିବିର ଆୟୋଜନ ପାଇଁ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ହୋମିଓପ୍ୟାଥି ମେଡିକାଲ ଅଫିସର ଡା. ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡା. ବିଦ୍ୟାଭୂଷଣ ବାରିକ, ରାଖାଲ ଚନ୍ଦ୍ର ମାଝୀ, ଡା. ଲିପିକା ନିଆଲ, ଡା. ସୁନିତା ସୋରେନ ପ୍ରମୁଖ ଯୋଗଦେଇ ଲୋକେ କିପରି ହୋମିଓପାଥି ଚିକିତ୍ସାସେବା ଦ୍ୱାରା ଉପକୃତ ହୋଇପାରିବେ ତାହା ବୁଝାଇଥିଲେ। ଏହି ଅବସରରେ ହୋମିଓପ୍ୟାଥି ସେବା ସମିତି ନାମରେ ସଙ୍ଗଠନ ଗଠନ କରାଯାଇ ଏହାର କାର୍ଯ୍ୟପନ୍ଥା ନିରୂପଣ କରାଯାଇଥିଲା। ଆଗାମୀ ମେ ୧୫ରେ ହୋମିଓପ୍ୟାଥି ଉପରେ ଆଲୋଚନାଚକ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

### ୩୦ ଚୋରି ମୋବାଇଲ ଜବତ

**ଭବାନୀପାଟଣା,୧୧।୪(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ପୋଲିସ ଶୁକ୍ରବାର ବିଭିନ୍ନ କମ୍ପାନୀର ୩୦ ଚୋରି ମୋବାଇଲ ସହ ନଗଦ ୭୧ଶହ ଟଙ୍କା ଜବତ କରିଛି। ଏହି ଘଟଣାରେ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହର ଗାନ୍ଧୀ ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ଗତ ଏପ୍ରିଲ ୮ ରାତିରେ ଚୋରି ହୋଇଥିଲା। ଦୋକାନ ମାଲିକ ରମେଶ ଅଗ୍ରୱାଲ ପରଦିନ ଅର୍ଥାତ୍ ୯ ତାରିଖ ସକାଳେ ଦୋକାନ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନ ଭିତରକୁ ପଶିବା ପରେ ଦୋକାନରେ ଥିବା ମୋବାଇଲ, ପାର୍ଟ୍ସ ସମେତ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ସେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ଭବାନୀପାଟଣା ଡିଏଚ୍ଏଚ୍ ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ମଧ୍ୟ ଚୋରି ହୋଇଥିଲା। ଏହାକୁ ନେଇ ଦୋକାନ ମାଲିକ ଦୀପକ ଗୌଡ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉପରୋକ୍ତ ଘଟଣାକୁ ନେଇ ଟାଉନ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଥିଲା।



ବଡ଼ଗାଁ କାର୍ଯ୍ୟକ୍ରମରେ ଉପସ୍ଥିତ ଯୋଜନାର ଲାଭାର୍ଥୀ ଓ ଗ୍ରାମବାସୀ।



କୁଆଁରମୁଣ୍ଡା ବ୍ଲକ ରାଏବୋଗରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

# ଏବିପିଏମ୍‌ଜେଏୱାଇର ନୂଆ ଏକକ କାର୍ଡ ବିତରଣ

**ସୁନ୍ଦରଗଡ଼,୧୧।୪(ଜୟ ନାରାୟଣ ମେଣ୍ଟୁଲି)**

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏ.ବି.ପିଏମ୍.ଜେ.ଏ.ୱାଇ)ର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା (ଏ.ଭି.ଭି.ୱାଇ)ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ସ୍ଥିତ ଲୁହୁରାଡିପା ଅନ୍ତର୍ଗତ ୟୁପିଏଚ୍‌ସି ଏବଂ ଜିଲାର ସମସ୍ତ ପି.ଏଚ.ସି ଏବଂ ୟୁପିଏଚ୍‌ସି ଗୁଡ଼ିକରେ ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ପୌରପାଳିକାର ଅଧକ୍ଷା ତନୟା ମିଶ୍ର ଯୋଗ ଦେଇ 'ଏହି ଆୟୁଷ୍ମାନ ଭାରତ ଯୋଜନା ଏକ ଯୁଗାନ୍ତକାରି ଯୋଜନା। ରୋଗ ଧନୀ ଗରିବ ଦେଖି ନଥାଏ। ଗରିବ ଲୋକମାନେ ରୋଗର ଚିକିତ୍ସା କରିବାକୁ ଯାଇ ସର୍ବସ୍ୱାନ୍ତ ହୋଇଥାନ୍ତି। ଏହି ଯୋଜନାରେ ସେହି ବର୍ଗର ବ୍ୟକ୍ତି ବିଶେଷ ଭାବେ ଉପକୃତ ହେବେ' ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଆୟୁଷ୍ମାନ ଭାରତ ଯୋଜନା ଲୋକମାନଙ୍କୁ ମାଗଣାରେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇବ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମ ଜିଲା ମୁଖ୍ୟାଳୟ ସହିତ ସମସ୍ତ ୭୩ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲାପାଳ ରବି ରାୟଣ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଗୁରୁ ପ୍ରସାଦ ମହାନ୍ତ, ଟାଙ୍ଗରପାଲି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୁଣ୍ଡୁକେଲା କେନ୍ଦ୍ରଠାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ ବଡ଼ଗାଁ, ସଦର ଉପଜିଲାପାଳ ଦାଶରଥି ସରାବୁ ଲେଫ୍ରିପଡ଼ା, ପିଏ, ଆ ଇ ଟି ଡି ଏ ଧିରେନ୍ଦ୍ର ସେଠୀ ହେମଗିର, ଡିଇଓ ଅମୁଲ୍ୟ କୁମାର ପଧାନ କୁତ୍ରା, ଯୋଜନା ବିଭାଗର ଉପ ନିର୍ଦ୍ଦେଶକ ବିଭୂତି ରାଉଳ ବାଲିଶଙ୍କରା, ଲୁହୁରାଡିପା ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ସମସ୍ତ କାଉନସିଲର ଯୋଗ ଦେଇଥିଲେ । ଏହି ଅବସରରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ସାଧାରଣ ଜନ ସେବା କେନ୍ଦ୍ର ଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ଆଶାକର୍ମୀ/ ବହୁମୁଖୀ ଜନସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ଗ୍ରାମ ସ୍ତରରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। ଜିଲାରେ ବର୍ତ୍ତମାନ ୨୨ ଗୋଟି ଘରୋଇ ହସ୍ପିଟାଲ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏ. ବି. ପିଏମ. ଜେ. ଏ. ୱାଇ, ଜି. ଜେ. ଏ. ୱାଇ) ଯୋଜନାରେ ଅନୁବନ୍ଧିତ ଅଛନ୍ତି। ଏହାସହିତ ସାରା ଦେଶରେ ୨୯୦୦୦ ଘରୋଇ ଏବଂ ସରକାରୀ ହସ୍ପିଟାଲ ଏହି ଯୋଜନାରେ ତାଲିକାଭୁକ୍ତ ଅଛନ୍ତି। ନୂଆ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲରେ ନିଜର ଆଧାର କାର୍ଡ ସହିତ ବର୍ତ୍ତମାନର ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ ପରିବାର ବର୍ଗମାନଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ହିତାଧିକାରୀମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଯୋଜନାକୁ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ଜିଲାରେ ୭୩ ଗୋଟି ସଚେତନତା ରଥ ନିଜ ଅଞ୍ଚଳ ଭ୍ରମଣ କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।



ଲହୁଣୀପଡ଼ାରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।



ରାଜଗାଙ୍ଗପୁରରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

**ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଶୁଭାରମ୍ଭ**

**ରାଜଗାଙ୍ଗପୁର(ଅଶୋକ ପାଣି):** ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ଏକ ସଭାକାର୍ଯ୍ୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପନଗରପାଳ ମହମ୍ମଦ ଇରଫାନ, ସମ୍ମାନିତ ଅତିଥି ଭାବେ ଏକ୍‌ଜିକ୍ୟୁଟିଭ ଅଫିସର ଭିକ୍ଟର ସରେଙ୍ଗ, ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ କେନ୍ଦ୍ର ର ମୁଖ୍ୟ ଡା.ଜଗଦିଶ ଟପ୍ପୋ, ଜିଲା ନୋଡାଲ ଅଧିକାରୀ ମୈତ୍ରୀ ପରିଜା ପ୍ରମୁଖ ଯୋଗ ଦେଇ ଏ.ବି.ପି.ଏମ୍.ଜେ.ଏ.ୱାଇର ଶୁଭାରମ୍ଭ କରିଥିଲେ। ଅତିଥିମାନଙ୍କ ଦ୍ୱାରା ୩୦ ଜଣଙ୍କୁ ଆୟୁଷ୍ମାନ ଡେମୋ କାର୍ଡ ବଣ୍ଟନ କରାଯାଇଥିଲା।

**କୁଆଁରମୁଣ୍ଡା(ମହେନ୍ଦ୍ର କୁମାର ସାହୁ):** ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକର ୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପଡ଼ିଆରେ ହେବାକୁ ସ୍ଥିର ହୋଇଥିଲା ବ୍ଲକ ପରିସରରେ ସ୍ୱତନ୍ତ୍ରଭାବେ କାର୍ଯ୍ୟକ୍ରମ କରିବା ପାଇଁ ପୂର୍ବତନ ବିଧାୟକ ଶଙ୍କର ଓରାମଙ୍କ ଅନୁରୋଧକୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ସୁପାରିଶ କରାଇବା ପରେ ମୋଟ ୪ଟି ସ୍ଥାନରେ ସୁଚାରୁରୂପେ ସ୍ୱାସ୍ଥ୍ୟ କାର୍ଡ ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି। କୁଆଁରମୁଣ୍ଡା ବ୍ଲକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୧୦୦ ଜଣଙ୍କୁ କାର୍ଡ ଅତିଥିମାନେ ପ୍ରଦାନ କରିଛନ୍ତି। ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ଓ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ଼ା ଶ୍ରୀମନ୍ତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବଡ଼ଗାଁ,(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ, ବରଙ୍ଗାକଛାର ଓ ରୁନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏ.ବି.ପିଏମ୍.ଜେ.ଏ.ୱାଇ, ଜେ.ଜେ.ଏ.ୱାଇର ନୂତନ ଏକକ କାର୍ଡ ବିତରଣ କାର୍ଯ୍ୟକ୍ରମ ଏବଂ ଏ.ଭି.ଭି.ୱାଇ ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଉତ୍ସବରେ ୨୫ ଜଣ ହିତାଧିକାରୀଙ୍କୁ ଏହି ନୂତନ ଆୟୁଷ୍ମାନ ଭାରତ କାର୍ଡ ପ୍ରଦାନ କରାଯାଇଛି।

**ଲହୁଣୀପଡ଼ା,୧୧।୪(ଦାଶରଥି ପଣ୍ଡା):** ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଏହି କାର୍ଡ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବଣେଇ ଉପ ଜିଲାପାଳ ଅକ୍ଷୟ ପିଲ୍ଲେ, ବିଡିଓ ଅନୁରାଗ ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା, ସଞ୍ଜୟ କୁମାର, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ମୁଣ୍ଡା, ଏମ୍‌ପି ପ୍ରତିନିଧି ପୂର୍ଣ୍ଣ ଓରାମ, ଜିଲା ପରିଷଦ (ଖ) ଶୁଶିଳା ନାଏକ, ସରପଞ୍ଚ ସୁମିତ୍ରା ଚାରଡ଼ିଆ ଏପିଓ ବିଷ୍ଣୁ ମୋହନ ନାୟକ ଉପସ୍ଥିତ ଥିଲେ। ଆଭାସି ମାଧ୍ୟମରେ ଆୟୁଷ୍ମାନ କାର୍ଡ ଉଦ୍‌ଘାଟିତ ହେବା ପରେ ଖୁଣ୍ଟଗାଁ କେନ୍ଦ୍ରଠାରେ ୨୫ ଜଣଙ୍କୁ ପ୍ରଦାନ କରାଯାଇଥିଲା। ସେହିଭଳି ଫୁଲଝର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ବାବୁଲ ପେରେଇ ଫୁଲଝର ସରପଞ୍ଚ ରାଇବାରି ମୁଣ୍ଡା, ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା ଉପସ୍ଥିତ ରହି ୨୫ ଜଣଙ୍କୁ କାର୍ଡ ବଣ୍ଟନ କରିଛନ୍ତି, ଏବଂ ରେଙ୍ଗାଲୀ ବିଦ୍ୟାଳୟ ଖେଳ ପଡିଆ ଠାରେ ଆୟୋଜିତ ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ୨୫ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା।

## ଯୁବପିଢ଼ିର ଲେଖନୀ ସମାଜକୁ ଆଲୋକୀକରଣ କରିବ

**ସୁନ୍ଦରଗଡ଼, ୧୧।୪(ଜୟ ନାରାୟଣ ମେଣ୍ଟୁଲି)**

ଓଡ଼ିଆ ପକ୍ଷ ପାଳନର ୧୧ତମ ଦିବସରେ ଶୁକ୍ରବାର 'ଯୁବ ଲେଖକ ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ଜିଲା ପ୍ରଶାସନ, ସୁନ୍ଦରଗଡ଼ର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ପରିଷଦର ଅଧକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ଯୋଜନା ବିଭାଗର ସହାୟକ ନିର୍ଦ୍ଦେଶକ ପ୍ରଦୀପ ତିର୍କୀ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଯୁବ ଲେଖକମାନଙ୍କ ଲେଖନୀକୁ ଆହୁରି ସମୃଦ୍ଧ କରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଜିର ଏହି ଯୁବ ଲେଖିକା ଲଖକମାନେ ଆସନ୍ତା କାଲି ପ୍ରସିଦ୍ଧ ଲେଖକ ଭାବେ ପରିଗଣିତ ହେବେ ଏବଂ ସେମାନଙ୍କ ମହାନ ଲେଖନୀ ଦ୍ୱାରା ସମଗ୍ର ସମାଜକୁ ମଧ୍ୟ ଅଲୋକିକରଣ କରିବେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଇନ୍ଦିରା ଗଡ଼ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସରକାରୀ ମହାବିଦ୍ୟାଳୟର ସୁନ୍ଦରଗଡ଼ ସହକାରୀ ପ୍ରଫେସର ନୂତନ ଖମାରୀ ପ୍ରମୁଖ ଯୁବ ଲେଖିକା ଏବଂ ଲେଖକମାନେ ଯୋଗ ଦେଇଥିଲେ। ପରେ ଯୁବ ଲେଖକ ଲେଖିକା ଲେଖକମାନଙ୍କ ମଧ୍ୟରେ ଓଡ଼ିଆ ଗଳ୍ପ, କବିତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପ କୃଷ୍ଣ ନାୟକ, ଗଣେଶ ତ୍ରିପାଠୀ ଏବଂ ସଞ୍ଚିତା ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ହମଲତା ପାତ୍ର,ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ବର୍ଷା ବସୁନ୍ଧରା ବାଘ,ଭେଷଜ ପଟେଲ ସ୍ନାତକ ମହାବିଦ୍ୟାଳୟ, ଡୁଡୁକା, ହେମଗିର ଦ୍ୱିତୀୟ ଏବଂ ଚନ୍ଦନ ନାଏକ ଆଞ୍ଚଳିକ ସହଯୋଗ ସ୍ନାତକ ମହାବିଦ୍ୟାଳୟ, ସବଡେଗା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଗଳ୍ପ ପ୍ରତିଯୋଗିତାରେ ଟେଷ୍ଟି ପ୍ରିୟା ସାହୁ, ସରକାରୀ ମହିଳା ମାବିଦ୍ୟାଳୟର, ସୁନ୍ଦରଗଡ଼ ପ୍ରଥମ, ସ୍ନେହା କେରକେଟା, ଆଞ୍ଚଳିକ ସହଯୋଗ ସ୍ନାତକ ମହାବିଦ୍ୟାଳୟ, ସବଡେଗା ଦ୍ୱିତୀୟ ଏବଂ ଇଭାଞ୍ଜଳି ବାର୍ଲା, ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟ, ରାଉରକେଲା ତୃତୀୟ ସ୍ଥାନରେ ରହିଥିଲେ। କବିତା ପ୍ରତିଯୋଗିତାରେ ଦିପେଶ ସାହୁ, ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ଅନୁଶ୍ରୀ ରାଉତ, ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼ ଦ୍ୱିତୀୟ ଏବଂ ସୁଶ୍ରୀ ପୁନମ ମହାନ୍ତି, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଶଙ୍କରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ସମସ୍ତ ପ୍ରତିଯୋଗୀମାନଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ମହୁମାଛି ପାଳନ ଶୀର୍ଷକ ଦକ୍ଷତା ବିକାଶ ତାଲିମ ଶିବିର

**ସୁନ୍ଦରଗଡ଼,୧୧।୪(ଜୟ ନାରାୟଣ ମେଣ୍ଟୁଲି)**

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ ଦ୍ୱାରା ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି) ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଗତ ୭ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୨୦ ଜଣ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଉପରେ ତାଲିମ ଦିଆଯାଇଥିଲା। ପ୍ରଶୀକ୍ଷାର୍ଥୀମାନଙ୍କୁ ମହୁଚାଷ ପାଇଁ ବ୍ୟବହୃତ ବିଭିନ୍ନ ଉପକରଣ, ମହୁମାଛିର ପ୍ରକାର, ଜୀବନଚକ୍ର, ଋତୁ ଅନୁଯାୟୀ ମହୁମାଛି ପାଳନ, ଦଳ ବିଭାଜନ, ରୋଗ-ପୋକ ପରିଚାଳନା, ଅମଳ, ବିକ୍ରିବଟା, ପ୍ରସ୍ତୁତି ପ୍ରଣାଳୀ ତଥା ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ଦକ୍ଷତା ମୂଳକ ତାଲିମ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା।

ପ୍ରଶିକ୍ଷାର୍ଥୀମାନଙ୍କୁ ଓ.ୟୁ.ଏ.ଟିସ୍ଥିତ ସର୍ବଭାରତୀୟ ସମନ୍ୱୟ ଗବେଷଣା ପ୍ରକଳ୍ପର ମୁଖ୍ୟ ଡ଼ଃ. ପ୍ରଭାସିନୀ ବେହେରା, ଅନୁଭବୀ ମହୁଚାଷୀ ଉଦ୍ୟୋଗୀ ଶତ୍ରୁଘ୍ନ ମିଶ୍ର, ବିରଞ୍ଚି ନାୟକ, ଦୀପକ କୁମାର ମୁଦୁଲି(କେନ୍ଦ୍ରାପଡ଼ା) ପ୍ରମୁଖ ତାଲିମ ପ୍ରଦାନ କରିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ସେମାନଙ୍କୁ ଚାଷ କୌଶଳ ବୁଝାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଡ଼ଃ. ମନୋଜ କୁମାର ଜେନା, ଡେଭିଡ ଜେମସ ବାଗେ, ବିଷୟବସ୍ତୁ ବିଶେଷଜ୍ଞ ଡଃ. ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଗୁଡ୍ଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଆଞ୍ଚଳିକ ଗବେଷଣା ଉପ-କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ. ସଜୀବ କୁମାର ବିଶ୍ୱାସୀ ପ୍ରମୁଖ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ଜିଲାରେ କିପରି ବହୁ ମହୁଚାଷ ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ତାଲିମ କାର୍ଯ୍ୟକ୍ରମ ସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ଟାଙ୍ଗରପାଲି ବ୍ଲକସ୍ଥିତ ରଙ୍ଗିଆମୁଣ୍ଡା ଗ୍ରାମରେ ହୋଇଥିବା ମହୁଚାଷକୁ ପରିଭ୍ରମଣରେ ନିଆଯାଇ ପ୍ରାକୃତିକ ଦଳ ସଂଗ୍ରହ, ଦଳ ବିଭାଜନର କୌଶଳ ଶିଖିଥିଲେ। ଶେଷ ଦିବସରେ ଜିଲା ଉଦ୍ୟାନକୃଷି ଉପ-ନିର୍ଦ୍ଦେଶକ ସୁକାନ୍ତ ନାଏକ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ବିଷୟରେ ଅବଗତ କରିଥିଲେ। ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କୁ ପରୀକ୍ଷା କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା ଏବଂ ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଏନ୍‌ଫୋର୍ସମେଣ୍ଟ ଟିମ୍ ଚୋରା କୋଇଲା ଖଣି ତଦନ୍ତ କରୁଛି।

## ଲଳିତା ଭାଟି ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ନିର୍ବାଚିତ

**ଗୋଲାମୁଣ୍ଡା, ୧୧।୪ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମାନଝରି ଗ୍ରାମ ପଞ୍ଚାୟତର ନାଏବ (ମହିଳା) ସରପଞ୍ଚ ପଦବୀ ନିମନ୍ତେ ଶୁକ୍ରବାର ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ପଞ୍ଚାୟତର ୧୪ ନମ୍ବର ୱାର୍ଡ ସଭ୍ୟା ଲଳିତା ଭାଟି ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟରେ ଆଉ କୌଣସି ୱାର୍ଡ ସଭ୍ୟା ନାମାଙ୍କନ ଦାଖଲ କରି ନ ଥିବାରୁ ଲଳିତା ନିର୍ଦ୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ପଦ ହାସଲ କରିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ବାଚନ ଅଧିକାରୀ ଭାବେ ବିଶ୍ୱରଞ୍ଜନ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ସରପଞ୍ଚ ଜଗୁଜିବନ ଅଗ୍ରିଆ ନୂତନ ନାଏବ ସରପଞ୍ଚଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ତଦନ୍ତ କଲା ଖଣି ବିଭାଗର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍

**ସୁନ୍ଦରଗଡ଼,୧୧।୪(ଜୟ ନାରାୟଣ ମେଣ୍ଟୁଲି)**



ଏନ୍‌ଫୋର୍ସମେଣ୍ଟ ଟିମ୍ ଚୋରା କୋଇଲା ଖଣି ତଦନ୍ତ କରୁଛି।

**ସୁନ୍ଦରଗଡ଼ରେ ଚୋରା କୋଇଲା ଖଣି ଠାବ ଘଟଣା**

ସୁନ୍ଦରଗଡ଼ ଜିଲା ହେମଗିର ତହସିଲ ଅଞ୍ଚଳରେ ଠାବ ହୋଇଥିବା ଚୋରା କୋଇଲା ଖଣିର ତଦନ୍ତ ପାଇଁ ଶୁକ୍ରବାର ଖଣି ବିଭାଗର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ସୁନ୍ଦରଗଡ଼ରେ ପହଞ୍ଚିଛି। ଏହି ୧୦ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍ ହେମଗିର ତହସିଲର ତେଲେନଡିହି, କୁଲାପଡ଼ା, ରତନସରା ଓ ଭୋଗରାକଛାର ଜଙ୍ଗଲରେ ଠାବ ହୋଇଥିବା ଏହି ବେଆଇନ କୋଇଲା ଖଣି ଅଞ୍ଚଳ ପରିଦର୍ଶନ କରିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ନେତୃତ୍ୱରେ ପୋଲିସ, ଜଙ୍ଗଲ ଓ ରାଜସ୍ୱ ବିଭାଗକୁ ନେଇ ଗଠିତ ଟିମ ଗତ ୪ତାରିଖରେ ପ୍ରଥମେ ତେଲେନଡିହି ଓ କୁଲାପଡ଼ା ଜଙ୍ଗଲରେ ଚଢ଼ାଉ କରି ଏହି ଚୋରା କୋଇଲା ଖଣି ଠାବ କରିଥିଲା। ପୁଣି ୮ ତାରିଖରେ ରତନସରା ଓ ଭୋଗରାକଛାର ଜଙ୍ଗଲରେ ଅନେକ ଚୋରା ଖଣି ଠାବ କରିଥିଲା। ଏଥିସହିତ ଚାଲାଣ ପାଇଁ ଗଚ୍ଛିତ ଥିବା ୨୫୦ରୁ ଊର୍ଦ୍ଧ୍ୱ ଟନ୍ କୋଇଲା ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲା। ଏହାପରେ ରାଉରକେଲା ଖଣି ଉପନିର୍ଦ୍ଦେଶକ ବିଦ୍ୟାଧର ସେଠୀ ଏହାର ତଦନ୍ତ କରୁଥିବା ବେଳେ ଶୁକ୍ରବାର ଖଣି ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏହି ଟିମ୍ ସହିତ ହେମଗିର ତହସିଲଦାର ସାରିକା ଡମେଲ ଓ ଆରଆଇ ମଧ୍ୟ ସାମିଲ ହୋଇଛନ୍ତି। ଏହି ଖଣି ଚୋରି ସମ୍ପର୍କରେ ବନବିଭାଗ ପକ୍ଷରୁ ଗତବର୍ଷ ହେମଗିର ତତ୍କାଳୀନ ତହସିଲଦାରଙ୍କୁ ଚିଠି କରି ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଫଳରେ ମାଫିଆମାନେ ଏହାର ସୁଯୋଗ ନେଇ ଏହି ସ୍ଥାନଗୁଡିକରୁ ବିପୁଳ ପରିମାଣରେ କୋଇଲା ଚୋରି କରି ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟାଇଥିଲେ। ଏନେଇ ଜିଲାପାଳ ହେମଗିର ତହସିଲର ତତ୍କାଳୀନ ତହସିଲଦାର ଲବଣେନ୍ଦୁ ମହାନ୍ତିଙ୍କୁ କାରଣ ଦର୍ଶାଅ ରିପୋର୍ଟ ତଲବ କରିଥିଲେ। ବର୍ତ୍ତମାନ ଗଜପତି ଜିଲାରେ କାର୍ଯ୍ୟରତ ତତ୍କାଳୀନ ତହସିଲଦାର ମହାନ୍ତି ଜିଲାପାଳଙ୍କ ରିପୋର୍ଟର ଏବେ ଉତ୍ତର ପଠାଇନ୍ତି। ସେ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ସେତେବେଳେ ସେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହିଥିବାରୁ ଏଦିଗରେ କାର୍ଯ୍ୟାନୁଷ୍ଠାନ ନେଇପାରି ନ ଥିଲେ ଓ ପରେ ସେଠାରୁ ସେ ବଦଳି ହୋଇ ଚାଲିଆସିଥିଲେ।

# ୯୦୦ ହିତାଧିକାରୀ ପାଇଲେ ଡମି ସ୍ୱାସ୍ଥ୍ୟକାର୍ଡ

ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)

ରାଜ୍ୟରେ ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅପରାହ୍ନରେ ଆଭାସୀ ମାଧ୍ୟମରେ ଏହି ଯୋଜନାକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହାସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଏକକ କାର୍ଡ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରରେ ମଧ୍ୟ ହିତାଧିକାରୀଙ୍କୁ ଏହି ଯୋଜନା ଅନ୍ତର୍ଗତ ଏକକ କାର୍ଡ ବିତରଣର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଶୁକ୍ରବାର ଅପରାହ୍ନରେ ଆୟୋଜିତ ଏକକ କାର୍ଡ ବିତରଣ ଉତ୍ସବରେ ଯୋଗଦେଇ ସାଂସଦ ପ୍ରତିନିଧି ଗିରିଜା ଶଙ୍କର ସାହୁ, ବିଧାୟକ ପ୍ରତିନିଧି ଶମ୍ଭୁ ବରେଲିଆ, ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଏକକ କାର୍ଡ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମଞ୍ଚରେ ମା'ସମଲେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟାଳୟ ବ୍ୟତିତ ଜିଲାର ଆହୁରି ୩୬ଟି ପ୍ରାଥମିକ, ଗୋଷ୍ଠୀ ଓ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଜିଲା ମୁଖ୍ୟାଳୟରେ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ପାଇଁ ଯୋଗ୍ୟ ବିଭିନ୍ନ ବର୍ଗର ମୋଟ ୯ଶହ ହିତାଧିକାରୀଙ୍କୁ ଡମି ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ଏହି ଯୋଜନାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ଜିଲାପାଳ ଓ ଅନ୍ୟାନ୍ୟ ଅତିଥିମାନେ ପତକା ଦେଖାଇ ୩ଟି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମ୍ବଲପୁର


ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସଚେତନାତା ରଥକୁ ପତାକା ଦେଖାଇ ଅତିଥି ଶୁଭାରମ୍ଭ କରୁଛନ୍ତି ।

## ଆୟୁଷ୍ମାନ ଭାରତ ଯୋଜନାର ସଚେତନତା ରଥ ବୁଲିଲା

ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯେ, ସମ୍ବଲପୁର ଜିଲାରେ ୬ ଲକ୍ଷ ୪୨ ହଜାର ହିତାଧିକାରୀ ରହିଛନ୍ତି। ଶନିବାରଠାରୁ ସାଧାରଣ ଜନସେବା କେନ୍ଦ୍ର, ସ୍ଥାନୀୟ ଆଶାକର୍ମୀ, ବହୁମୁଖୀ ଜନସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ସମସ୍ତ ହିତାଧିକାରୀଙ୍କୁ ଏହି ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିବେ। ଆଗାମୀ ଏକ ମାସ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବିତରଣ କାର୍ଯ୍ୟକ୍ରମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାର ୮୦ ପ୍ରତିଶତରୁ ଅଧିକ ଲୋକ ଏହି ଯୋଜନାରେ ଉପକୃତ ହେବେ। ସେହିପରି ନିଜର ଆଧାରକାର୍ଡ ଜରିଆରେ ମଧ୍ୟ ଲୋକେ ଏହି ଯୋଜନାରେ ସାମିଲ ହୋଇ ପାରିବେ। ଏହା ବ୍ୟତିତ ୭୦ବର୍ଷରୁ ସମସ୍ତ ମହିଳା ଓ ପୁରୁଷ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ଲାଭ ପାଇ ପାରବେ ବୋଲି ଜିଲାପାଳ ବୋନ୍ଦର କହିଛନ୍ତି।

# ଦଳ ସମାଜ ପକ୍ଷରୁ ଚୈତ୍ର ମହୋତ୍ସବ ଉଦ୍‌ଘାଟିତ


ଚୈତ୍ର ମହୋତ୍ସବରେ ସାମିଲ ହୋଇଥିବା ଦଳ ସମାଜ ସଦସ୍ୟ।

ସମ୍ବଲପୁର,୧୧।୪(ଭବାନୀ ଶଙ୍କର ଭୋଇ)

ଅଠରଗଡ଼ ଷାଠିଏ ଘର ଦଳ ସମାଜ ସମ୍ବଲପୁର ଶାଖା ପକ୍ଷରୁ ସିନ୍ଦୁରପଙ୍କ ଠାରେ ୨ଦିନିଆ ଚୈତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚୈତ୍ର ମହୋତ୍ସବରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଜିଲା ସମେତ ଛତିଶଗଡ଼ ରାଜ୍ୟରୁ ବହୁ ସଂଖ୍ୟାରେ ଦଳ ସମାଜର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ସିନ୍ଦୁରପଙ୍କ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜର ଇଷ୍ଟଦେବୀ ମା'ସମଲେଇ ଓ ହନୁଆପାଟ ଲଣ୍ଡାବୀରଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସମାଜର ଜିଲା ସଭାପତି ଦଳପତି ଭୋଇଙ୍କ ସଭାପତିତ୍ୱରେ ଚୈତ୍ର ମହୋତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଦଳ ସମାଜର ଲୋକେ ଉଭୟ ପଶ୍ଚିମ ଓଡ଼ିଶା ଏବଂ ଛତିଶଗଡରେ ବହୁ ସଂଖ୍ୟାରେ ବସବାସ କରୁଛନ୍ତି। ତଥାପି ଦଳ ସମାଜର ସମାଜିକ ଏବଂ ଆର୍ଥିକ ସ୍ଥିତି ସହ ସାଂସ୍କୃତିକ ଅବଦାନ ବିଷୟରେ ଅନ୍ୟମାନେ ଜାଣିପାରୁନଥିବା ସଭାପତି ମତ ଦେଇଥିଲେ। ଅନ୍ୟ ପକ୍ଷରେ ଦଳ ସମାଜ ଅଧିକ ସଂଗଠିତ ହୋଇପାରିନଥିବାରୁ ଅଠରଗଡ ଷାଠିଏ ଘର ଦଳ ସମାଜର ଲେକେ ଆଜିବି ଅବହେଳିତ ହୋଇ ରହିଯାଇଛନ୍ତି। ସେଥିପାଇଁ ଅଠରଗଠ ଅଞ୍ଚଳରେ ରହିଥିବା ସମସ୍ତ ଦଳ ସମାଜର ବ୍ୟକ୍ତି ବିଶେଷଙ୍କୁ ସଂଗଠିତ କରି ସମାଜର ଉନ୍ନତି ଦିଗରେ ବିଭିନ୍ନ ପଦକ୍ଷେପ ନିଆଯିବା ଜରୁରୀ ବୋଲି ଦଳ ସମାଜର ଉପସଭାପତି ଶଙ୍କର ଭୋଇ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଠରଗଡ ଅଞ୍ଚଳରେ ସମାଜର ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା। ଚୈତ୍ର ମହୋତ୍ସବ ଅବସରରେ ଅଠରଗଡ ଷାଠିଏ ଘର ଦଳ ସମାଜର ସମ୍ପାଦକ କିଶୋର ଭୋଇ ଓ ଶାନ୍ତି କମିଟି ସଭାପତି ରୁପଧର ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଏସ୍‌ଟି,ଏସ୍‌ସି କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୧।୪(ବି.ଶଙ୍କର)

ସମ୍ବଲପୁର ସାମ୍ବାଦିକ ଭବନଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସୟୁ)ର ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘର ୩୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ରାତି ୮ଟାରେ ପାଳିତ ହୋଇଯାଇଛି। ଏଥିସହ ମହାତ୍ମା ଜ୍ୟୋତିବା ଫୁଲେଙ୍କ ୧୯୮ତମ ଜୟନ୍ତୀ ମଧ୍ୟ ପାଳନ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘର ସଭାପତି ନିହାଲ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତ୍ରିବିକ୍ରମ ସାହୁ ଯୋଗଦେଇ ଥିଲେ। ସଂପ୍ରତି ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏସ୍‌ଟି/ଏସ୍‌ସି କର୍ମଚାରୀମାନଙ୍କ ମଧ୍ୟରେ ଏକତା ରହିବା ଜରୁରୀ ଅଟେ। ଏକତା ହିଁ ଏସ୍‌ଟି/ଏସ୍‌ସି କର୍ମଚାରୀମାନଙ୍କ ବଳ ହେବା ଉଚିତ। ଯାହାଦ୍ୱାରା ବିଭିନ୍ନ କ୍ଷେତ୍ରରେ ସେମାନେ ଅତ୍ୟାଚାର ଓ ଦୁର୍ନିତି ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ ବୋଲି ମୁଖ୍ୟ ଅତିଥି ସାହୁ ମତବ୍ୟକ୍ତ କରିଥିଲେ । ମହମ୍ମଦ ମୁସ୍ତକିମ ସମ୍ମାନିତ ଅତିଥି, ପ୍ରସିଦ୍ଧ ହାସ୍ୟ ଅଭିନେତା ବିନ୍ଦୁ ସମ୍ମାନୀତ ବକ୍ତାଭାବେ ଯୋଗଦେଇ ଏସ୍‌ଟି/ଏସ୍‌ସି କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସମସ୍ତ ଏସ୍‌ଟି/ଏସସି କର୍ମଚାରୀଙ୍କ ପାଇଁ ଗତ ୩୫ ବର୍ଷ ମଧ୍ୟରେ ସଂଘର କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋକପାତ କରାଯାଇଥିଲା। ଏଥିସହ ମହାତ୍ମା ଜ୍ୟୋତିବା ଫୁଲେ, ବାବା ସାହେବ ଡ.ଭୀମରାଓ ଆମ୍ବେଡକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଶେଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗୋପାଳ ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଏସୟୁ ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘର ୩୫ତମ ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥି ଓ କର୍ମକର୍ତ୍ତାମାନେ।

# କୁଚିଣ୍ଡାରେ ଆୟୁଷ୍ମାନ କାର୍ଡ ବଣ୍ଟନ ଶୁଭାରମ୍ଭ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁଚିଣ୍ଡା,୧୧।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୭ଟି ପଞ୍ଚାୟତ ଓ କୁଚିଣ୍ଡା ଏନଏସିରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଯାଇଛି। କୁଚିଣ୍ଡା ବ୍ଲକ ଓ ଏନଏସି ୪୨୫ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ସମସ୍ତଙ୍କୁ ଏହି ଯୋଜନାରେ ସାମିଲ କରାଯିବାର କାର୍ଯ୍ୟକ୍ରମ ରହିଥିବା କୁଚିଣ୍ଡା ବିଡିଓ ଜୟନ୍ତ ସାହୁ କହିଛନ୍ତି। ବକ୍ସମା,ଚନ୍ଦନୀମାଲ, କୁଲେଇଗଡ, କୁଟୁରାଚୁଆଁ,ହାଡିପାଲି,କୁଟୁରାଚୁଆଁ ଓ କୁଚିଣ୍ଡା ଏନଏସିକୁ ନେଇ କୁଟୁରାଚୁଆଁରେ ହୋଇଥିବା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାଏକ,ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଡିଓ ସାହୁ, କୁନ୍ତରା ମେଡିକାଲ ଅଫିସର ଡା. ଈଶର ମୁଣ୍ଡା, ତହସିଲଦାର ମିତାଲି ମଧୁସ୍ମିତା ଦଳେଇ,ବିଧାୟକ ପ୍ରତିନିଧି ଶୁଶିଳ କର, ଏମପି ପ୍ରତିନିଧି ଲୋରିନା ପଟେଲ, ସିପି ସୁଦୀପ୍ତ ଲାକ୍ରା, ବିପିଏମ ବିଳାସିନୀ ଖାଲକୋ,ସରପଞ୍ଚ ରଞ୍ଜିତା ପ୍ରଧାନ, କୁନି କିଷାନ, ନଳିନୀ କିଷାନ, ପଦ୍ମାବତୀ ପ୍ରଧାନ, ମନ୍ଦାକିନୀ ନାଏକ, ସମିତି ସଭ୍ୟା ରଶ୍ମି କୁସୁମ, କୁନି କିଷାନ, ଯଶୋବନ୍ତି ଭୋଇ, ଭାଜପା ମଣ୍ଡଳ ସଭାପତି ରାଜକୁମାର ରକ୍ସା ପ୍ରମୁଖ ଯୋଗ ଦେଇଥିଲେ। ଅର୍ଡାବାହାଲ, ପାରୁଆଭାଡି,ଗୋଛରା ଓ ତେଲିଟିଲେଇମାଲ ପଞ୍ଚାୟତକୁ ନେଇ ଗୋଛରାରେ ହୋଇଥିବା କାର୍ଯ୍ୟକ୍ରମରେ ଏମପି ପ୍ରତିନିଧି ରୁଦ୍ର ପ୍ରତାପ ଦେଓ, ବିଧାୟକ ପ୍ରତିନିଧି କିଶୋର ମହାକୁଳ, ଅତିରିକ୍ତ ବିଡିଓ ସହଦେବ ନନ୍ଦ, ଗୋଛରା ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ଆଦର୍ଶ କୁମାର ସ୍ୱାଇଁ, ସରପଞ୍ଚ ଥାନେଶ୍ୱର ନାଏକ, ପ୍ରମୋଦ କିଷାନ, ଗୋବର୍ଦ୍ଧନ ବାଘ, ସୁବାସିନୀ ଧାନ, ସୁଲେଶ୍ୱରୀ ନାଏକ ସମିତି ସଭ୍ୟ ଧ୍ରୁବଚରଣ ବେହେରା, ଚମ୍ପାବତୀ ବେହେରା, ସ୍ୱର୍ଣ୍ଣଲତା ଅଡା,ସୁକାନ୍ତି ସେଠ, ଭାଜପା ମଣ୍ଡଳ ସଭାପତି ଚୂଡାମଣି ମାକର, ଉଦିତ ପ୍ରତାପ ଦେଓ ପ୍ରମୁଖ ଯୋଗଦେଇଥିଲେ। କୁନ୍ତରା,ବାଙ୍କେ,ଟାଇଁସର ପଞ୍ଚାୟତକୁ ନେଇ ତୁରେଇକିଲିମାଲରେ ହୋଇଥିବା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ,ସରପଞ୍ଚ ସୁନିତା କିଷାନ,ରାଜେନ୍ଦ୍ର କିଷାନ,ପିଙ୍କି ନାଏକ,ସମିତିସଭ୍ୟ ସମୀର କଉଡି,ଖଗେଶ୍ୱର କିଷାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି କୁ.ଜମନକିରା,କୁସୁମୀ ଓ ସାଲେଭାଡି ପଞ୍ଚାୟତକୁ ନେଇ କୁସୁମୀରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ଆକାଉଣ୍ଟ ଅଫିସର ଅଜୟ ବାଗେ,ସରପଞ୍ଚ ସଂକୀର୍ତ୍ତନ କିଷାନ, ଧନୁର୍ଜୟ ନାଏକ, ପବିତ୍ର କିଷାନ, କନିଷ୍ଠ ଯନ୍ତ୍ରୀ ରୁଦ୍ର ନାରାୟଣ ନାୟକ, ସମିତିସଭ୍ୟ ସନ୍ତୋଷ ନାଏକ, ଧ୍ରୁବଚରଣ ନାଏକ, ଭାନୁମତିକିଷାନପ୍ରମୁଖଯୋଗଦେଇଥିଲେ। କାର୍ଯ୍ୟକ୍ରମ ଗୁଡିକରେ ସମସ୍ତ ପଞ୍ଚାୟତର ପିଇଓ,ଏଡିଇଓ, ଆଶା ଓ ଅଙ୍ଗନୱାଡି କର୍ମୀ,ଏଏନଏମ,ସିଏଚଓ,ଏମବିକେ ଓ ସିଆରପିଙ୍କସହସ୍ୱାସ୍ଥ୍ୟକର୍ମୀଉପସ୍ଥିତଥିଲେ।

# ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣଙ୍କ ଜୟନ୍ତୀ


ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ସମ୍ବଲପୁର,୧୧।୪(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସକାଳ ୮ଟାରେ ସମ୍ବଲପୁର ସହର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ଛକ ସ୍ଥିତ ଲକ୍ଷ୍ମୀନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀନାରାୟଣ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସାଂସ୍କୃତିକ ସମାଜ ଡ. ପରେଶ ଚନ୍ଦ୍ର ଦାନୀ, ସମ୍ପାଦକ ଦୀନବନ୍ଧୁ ପଣ୍ଡା, ସହ ସମ୍ପାଦକ ଲଳିତ ମୋହନ ବେବର୍ତ୍ତା, ପୂର୍ବତନ ସଭାପତି ଅଶୋକ କୁମାର ମିଶ୍ର, ଅଖିଳ ରଞ୍ଜନ ପଟ୍ଟନାୟକ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଶିବଶଙ୍କର ଷଡଙ୍ଗୀ, ଲଳିତ ବେବର୍ତ୍ତା, ଦୀନବନ୍ଧୁ ପଣ୍ଡା ଓ ପରେଶ ଚନ୍ଦ୍ର ଦାନୀ ଯୋଗ ଦେଇଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମ ପରେ ଓଡ଼ିଶା ସାଂସ୍କୃତିକ ସମାଜ ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ ଝାରସୁଗୁଡ଼ା ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ହୋଇଥିଲା। ଅପରପକ୍ଷେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ସମବେତ ହୋଇ ପଣ୍ଡିତ ଲକ୍ଷ୍ମୀନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୃଥକ ଭାବେ ଜୟନ୍ତୀ ପାଳନ କରାଯାଇଥିଲା।

# ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗୃହୀତ

ସମ୍ବଲପୁର,୧୧।୪(ଭବାନୀ ଶଙ୍କର ଭୋଇ)

ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଭିମସାର୍ ରକ୍ତ ଭଣ୍ଡାର ସହଯୋଗରେ ହେଇଥିବା ଏହି ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଯୁକ୍ତ ୩ ତଥା ପିଜି ବର୍ଗରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକମାନେ ସ୍ୱେଚ୍ଛାରେ ରକ୍ତଦାନ କରିଥିଲେ। ମୋଟ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିର ପରିଚାଳନାରେ ଏନଏସଏସ ସ୍ୱେଚ୍ଛାସେବୀ ମାସୁଦ ଆଲମ, ସୁବ୍ରତ କୁମାର, ସୁଶାନ୍ତ କୁମାର, ରବିରାଜ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଏନଏସଏସ ଅଧିକାରୀ ସୁରେଶ ଏକ୍କା, ରୋଜାଲୀନ ସେଠ, ଡ. ମିଲି ସାହୁ ଏବଂ ଦେବେନ୍ଦ୍ର ଭୁଏ ପରିଚାଳନା କରିଥିଲେ।


ଶିବିରରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନେ।

## ଆନ୍ତଃ ଜିଲା ପେନ୍‌ସନ ଅଦାଲତ

# ଭାଗନେଲେ ୫୦୦ ଅବସରପ୍ରାପ୍ତ କର୍ମଚାରୀ

ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)

ଓଡ଼ିଶା ପ୍ରଧାନ ମହାଲେଖାକାର(ଏଜି) କାର୍ଯ୍ୟାଳୟ, ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସହଯୋଗରେ ଶୁକ୍ରବାର ସମ୍ବଲପୁରଠାରେ ଆନ୍ତଃ ଜିଲା ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ସକାଳ ୮ଟାରୁ ଅଦାଲତ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠିତ ପେନ୍‌ସନ ଅଦାଲତରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ଅବସରକାଳୀନ ବକେୟା ପ୍ରାପ୍ୟ ବାବଦ ପେନସନ, ଗ୍ରାଚୁଇଟି, ଭବିଷ୍ୟନିଧି ଆଦିର ଅଭିଯୋଗ ଶୁଣାଣି ଓ ସମାଧାନ କରାଯାଇଥିଲା। ଏଥିରେ ସମ୍ବଲପୁର ସହିତ ଝାରସୁଗୁଡ଼ା, ବରଗଡ଼ ଓ ଦେଓଗଡ଼ ଜିଲାରୁ ୫ ଶହରୁ ଅଧିକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭାଗନେଇ ସେମାନଙ୍କ ଅଭିଯୋଗ ଦାଖଲ କରିଛନ୍ତି। ପେନସନ ଅଦାଲତରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ନିହାର ରଞ୍ଜନ ଦାସ, ପେନସନ ଓ ଭବିଷ୍ୟନିଧି ଉପ ମହାଲେଖାକାର ସଞ୍ଜୟ କୁମାର, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ଅତିରିକ୍ତ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ(ରାଜସ୍ୱ) ଓ ଅଶୋକ କୁମାର ଭୋଇ(ସାଧାରଣ), ଉପଲେଖା ନିୟନ୍ତ୍ରକ ମନୋରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ଲେଖା ଅଧିକାରୀ ସୁଧାଂଶୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ବୋନ୍ଦାର ସମ୍ବଲପୁର ଜିଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ଅବସରକାଳୀନ ବକେୟା ପ୍ରାପ୍ୟ ଯେପରି ତୁରନ୍ତ ସମାଧାନ ହୋଇ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ମହାଲେଖାକାର ସଞ୍ଜୟ କୁମାର ଅବସର ନେବାକୁ ଥିବା କର୍ମଚାରୀଙ୍କ ଅବସରକାଳୀନ ପ୍ରାପ୍ୟ ଆବେଦନପତ୍ର ଏଜି କାର୍ଯ୍ୟାଳୟକୁ ଅବସର ପୂର୍ବରୁ ପଠାଇବାକୁ ସବୁ ଜିଲାର ପେନସନ ମଞ୍ଜୁର କର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କୁ ତାଙ୍କ ଅବସର ଦିବସରେ ହିଁ ପେନସନ, ଗ୍ରାଚୁଇଟି ଓ ଭବିଷ୍ୟନିଧି ଆଦି ଅବସରକାଳୀନ ପ୍ରାପ୍ୟ ଆଦି ପ୍ରଦାନ କରାଯାଇ ପାରିବ ବୋଲି ସେ ଅଶା ପ୍ରକଟ କରିଥିଲେ। ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ଦାସ ରାଜ୍ୟ ସରକାର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଅବସରକାଳୀନ ଦେୟ ଆଦି ଅଭିଯୋଗର ଯେପରି ତୁରନ୍ତ ଫଇସଲା ହୋଇପାରିବ ସେଥିପ୍ରତି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ବ୍ୟତିକ୍ରମ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ପ୍ରାରମ୍ଭରେ ଏଜି କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କାରଣରୁ ଏଠାରେ ଯୋଗ ଦେଇଥିବା ଉକ୍ତ ୪ଟି ଜିଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ଅଟକି ଥିବା ପେନସନ, ଗ୍ରାଚୁଇଟି ଓ ଭବିଷ୍ୟନିଧି ଆଦି ପ୍ରାପ୍ୟର ସମାଧାନ ପିପିଟି ମାଧ୍ୟମରେ ଦର୍ଶାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଲେଖା ଅଧିକାରୀ ମନୀଷ କୁମାର, ସୌମ୍ୟ ରଞ୍ଜନ ମହାରଣା, ପୁରୁଷୋତ୍ତମ ବଳ, ଜାମି ସଞ୍ଜୟ କୁମାର, କୌଶିକ କୁମାର କବି ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପରିଚାଳନା କରିଥିଲେ। ଏହି ଅବସରରେ ଓଡ଼ିଶା ଲେଖା ନିୟନ୍ତ୍ରକ କାର୍ଯ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ପେନସନ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରାଯାଇଥିଲା।


ଆନ୍ତଃ ଜିଲା ପେନ୍‌ସନ୍ ଅଦାଲତରେ ଭାଗନେଇଥିବା ୪ ଜିଲାର ବହୁ ସଂଖ୍ୟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ।

**ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା**

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡିଆଳ ଏନ୍ଏସି ପକ୍ଷରୁ ସହରରେ ବୁଲୁଥିବା ଗୃହପାଳିତ ପଶୁ ଓ ପକ୍ଷୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରାଯାଇଛି। ପ୍ରଚଣ୍ଡ ଖରାରେ ଜଳଉତ୍ସ ଶୁଖିଯାଉଥିବାବେଳେ ବୁଲୁଥିବା ପଶୁପକ୍ଷୀ ଅନେକ ସମୟରେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଏନ୍ଏସି ପକ୍ଷରୁ ସହରର ବିଭିନ୍ନ ଛକରେ ପାଣି କୁଣ୍ଡ ବସାଇ ମଧ୍ୟାହ୍ନ ଓ ଦିନ ଦ୍ୱିପ୍ରହରରେ ପାଣି ମହଜୁଦ ରଖିବା ବ୍ୟବସ୍ଥା କରାଯାଇଛି।

# ଜିଲାର ୧୪ଲକ୍ଷ ହିତାଧିକାରୀ ପାଇବେ କାର୍ଡ

**ଭବାନୀପାଟଣା,୧୧।୪(ଉତ୍ତମ କୁମାର ଦାଶ)**



ଭବାନୀପାଟଣାରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ହିତାଧିକାରୀମାନେ।

ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ବିଶ୍ୱ ବିଦ୍ୟାଳୟ ଛକସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ପାୱାର ସଚିନ ପ୍ରକାଶ ସଭାପତିତ୍ୱ କରି କହିଥିଲେ, ଜିଲାରେ ଏହି କାର୍ଯ୍ୟକ୍ରମ କିଭଳି ସଫଳ ଓ ସୁଚାରରୂପେ କରାଯିବ ସେ ଦିଗରେ ଜିଲା ପ୍ରଶାସନ ତତ୍ପର ଅଛି। ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ ତୁଲାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିଲା ମୁଖ୍ୟାଳୟକୁ ଛାଡି ୪୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କରାଯାଇଛି। ଜିଲା ମୁଖ୍ୟାଳୟରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଯୋଜନାରେ କଳାହାଣ୍ଡି ଜିଲାର ୧୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। ବର୍ତ୍ତମାନ ସୁଦ୍ଧା ଜିଲାରେ ୬ ଲକ୍ଷ ୭୪ହଜାର ୯୯୫ କାର୍ଡ ପହଞ୍ଚିଛି। ପର୍ଯ୍ୟାୟ କ୍ରମେ ବଳକା କାର୍ଡ ଉପଲବ୍ଧ ହେବ। ଜନସେବା କେନ୍ଦ୍ର ସମ୍ପୃକ୍ତ ଅଞ୍ଚଳର ଆଶାକର୍ମୀ, ବହୁମୁଖୀ ଜନସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ଗ୍ରାମ ସ୍ତରରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। କଳାହାଣ୍ଡି ଜିଲାରେ ୧୦ଟି ଘରୋଇ ହସ୍ପିଟାଲ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ.ଜେ.ଏ.ୱାଇ.), ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ.)ରେ ଅନୁବନ୍ଧିତ ରହିଛନ୍ତି। ନୂଆ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲରେ ନିଜର ଆଧାରକାର୍ଡ ସହିତ ବର୍ତ୍ତମାନ ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ। ଏହି ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲାରେ ୪୬ ସଚେତନତା ରଥ ବୁଲି ଲୋକଙ୍କୁ ସଚେତନ କରାଇବ। ଏହାସହିତ ଲିଫ୍ଲେଟ, ପୋଷ୍ଟର, ବ୍ୟାନର ଲଗାଯିବ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଭବେଶ କୁମାର ପଣ୍ଡା, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମିନତୀ ଲତା ଦାସଙ୍କ ସମେତ ସହରର ବୁଦ୍ଧିଜୀବୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ଯୋଜନାର ହିତାଧିକାରୀ ଉପସ୍ଥିତ ଥିଲେ। ଜ୍ଞାନେନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା**

## ସଂକ୍ଷେପରେ

### ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ

**ଖଡ଼ିଆଳ,୧୧।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ହୋମିଓ ହୋମଠାରେ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚିକିତ୍ସକମାନେ ହୋମିଓପ୍ୟାଥିର ପ୍ରତିଷ୍ଠାତା ହାନିମ୍ୟାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ନୂଆପଡ଼ା ସମେତ କଳାହାଣ୍ଡି, ବଲାଙ୍ଗୀର ଜିଲାରେ ହୋମିଓପ୍ୟାଥି ଚିକିତ୍ସା ଶିବିର ଆୟୋଜନ ପାଇଁ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ହୋମିଓପ୍ୟାଥି ମେଡିକାଲ ଅଫିସର ଡା. ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡା. ବିଦ୍ୟାଭୂଷଣ ବାରିକ, ରାଖାଲ ଚନ୍ଦ୍ର ମାଝୀ, ଡା. ଲିପିକା ନିଆଲ, ଡା. ସୁନିତା ସୋରେନ ପ୍ରମୁଖ ଯୋଗଦେଇ ଲୋକେ କିପରି ହୋମିଓପାଥି ଚିକିତ୍ସାସେବା ଦ୍ୱାରା ଉପକୃତ ହୋଇପାରିବେ ତାହା ବୁଝାଇଥିଲେ। ଏହି ଅବସରରେ ହୋମିଓପ୍ୟାଥି ସେବା ସମିତି ନାମରେ ସଙ୍ଗଠନ ଗଠନ କରାଯାଇ ଏହାର କାର୍ଯ୍ୟପନ୍ଥା ନିରୂପଣ କରାଯାଇଥିଲା। ଆଗାମୀ ମେ ୧୫ରେ ହୋମିଓପ୍ୟାଥି ଉପରେ ଆଲୋଚନାଚକ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

### ଲଳିତା ଭାଟି ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ନିର୍ବାଚିତ

**ଗୋଲାମୁଣ୍ଡା, ୧୧।୪ (ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମାନଝରି ଗ୍ରାମ ପଞ୍ଚାୟତର ନାଏବ (ମହିଳା) ସରପଞ୍ଚ ପଦବୀ ନିମନ୍ତେ ଶୁକ୍ରବାର ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ପଞ୍ଚାୟତର ୧୪ ନମ୍ବର ୱାର୍ଡ ସଭ୍ୟା ଲଳିତା ଭାଟି ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟରେ ଆଉ କୌଣସି ୱାର୍ଡ ସଭ୍ୟା ନାମାଙ୍କନ ଦାଖଲ କରି ନ ଥିବାରୁ ଲଳିତା ନିର୍ଦ୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ପଦ ହାସଲ କରିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ବାଚନ ଅଧିକାରୀ ଭାବେ ବିଶ୍ୱରଞ୍ଜନ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ସରପଞ୍ଚ ଜଗୁଜିବନ ଅଗ୍ରିଆ ନୂତନ ନାଏବ ସରପଞ୍ଚଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ଉଚ୍ଚ ବିଦ୍ୟାଳୟ ପରିଦର୍ଶନକଲେ ବ୍ଲକ୍ ଅଧ୍ୟକ୍ଷ

**କେସିଙ୍ଗା,୧୧।୪(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ଶୁକ୍ରବାର କଣ୍ଡୁପଡ଼ାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ସ୍କୁଲର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଏଠାରେ ଶ୍ରେଣୀଗୃହ ଅଭାବ ନେଇ ପୂର୍ବରୁ ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷା କମିଟି ସଦସ୍ୟ ବ୍ଲକ୍ ଅଧ୍ୟକ୍ଷ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକ୍ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଏକ ଶ୍ରେଣୀଗୃହର ଲେଆଉଟ ଦିଆଯାଇଥିଲା। ବ୍ଲକ୍ ନିର୍ବାହୀଯନ୍ତ୍ରୀ ଏସ୍.ଏନ୍. ମିଶ୍ର, କନିଷ୍ଠ ଯନ୍ତ୍ରୀ, ପ୍ରଧାନ ଶିକ୍ଷକ ସୁଧୀର କୁମାର ବିଶିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଜିଲାରେ ପହଞ୍ଚିଛି ୨,୮୮,୪୧୯ କାର୍ଡ

**ନୂଆପଡ଼ା,୧୧।୪ (ମକାରୁ ବେମାଲ)**




ଜିଲାପାଳ ଜଣେ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରୁଛନ୍ତି।

ନୂଆପଡ଼ା ଜିଲାରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ଏଥିପାଇଁ ଜିଲାର ୫ ବ୍ଲକର ୧୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ସଭା କରାଯାଇ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ଦାସ, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଗୁରୁ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଜିଲାରେ ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨ ଲକ୍ଷ ୮୮ ହଜାର ୪୧୯ କାର୍ଡ ପହଞ୍ଚିଛି। ଏହାକୁ ଜିଲାର ୧୧୭୪ ଜଣ ଆଶା କର୍ମୀ ଓ ୩୦୮ ଜଣ ଭିଏଲ୍ଇ ଘର ଘର ବୁଲି ପ୍ରଦାନ କରିବେ। ଏହି ଜିଲାପାଳ ଦାସ ଏକ ଖବରଦାତା ସମ୍ମିଳନୀ କରି ସମସ୍ତ ବିଷୟରେ ସୂଚନା ଦେବା ସହ ଜିଲାବାସୀଙ୍କୁ ନୂତନ ସ୍ୱାସ୍ଥ୍ୟକାର୍ଡର ସଦୁପଯୋଗ କରିବା ପାଇଁ ଅନୁରୋଧ କରିଥିଲେ ।

# ପ୍ରସ୍ତାବିତ ୪୦ ସମବାୟ ସମିତି ଖୋଲାଯାଇ କାର୍ଯ୍ୟକ୍ଷମ ଦାବି

**ନୂଆପଡ଼ା,୧୧।୪ (ମକାରୁ ବେମାଲ)**



ଦାବିପତ୍ର ପ୍ରଦାନ କରାଯାଉଛି।

ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଗୁରୁବାର ବରଗଡ଼ ଜିଲା ଗସ୍ତରେ ଆସିଥିବାବେଳେ ନୂଆପଡ଼ା ଜିଲାର ବରିଷ୍ଠ ଭାଜପା ନେତା ତଥା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ସାକ୍ଷାତକରି ଜିଲାର ସମବାୟ ସମିତି ସମସ୍ୟା ଉପରେ ଆଲୋଚନାକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀ ଓ ଗରିବ ଜନସାଧାରଣଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମବାୟ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। କଳାହାଣ୍ଡି ଜିଲାରୁ ନୂଆପଡା ଭାଗହୋଇ ନୂତନ ଜିଲା ହେଲା ପରେ ଜିଲାରେ ଏକ ନୂତନ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ବହୁ ଦିନରୁ ଦାବି ହୋଇଆସୁଛି। ଭବାନୀପାଟଣା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରୁ ନୂଆପଡ଼ା ଜିଲାକୁ ପ୍ରତ୍ୟାହାରକରି ଏକ ନୂତନ ନୂଆପଡା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ପାଣିଗ୍ରାହୀ ଦାବି କରିଥିଲେ। ଦୀର୍ଘଦିନ ହେଲା ଜିଲାରେ ନୂତନ କରି ୪୦ଟି ନୂଆ ସମବାୟ ସମିତି ଗଠନ ପାଇଁ ପ୍ରସ୍ତାବିତ ହୋଇ ପଡ଼ିରହିଛି। ଏଣୁ ତୁରନ୍ତ ଏହି ପ୍ରସ୍ତାବିତ ସମିତି ଖୋଲାଯାଇ କାର୍ଯ୍ୟକ୍ଷମ କରିବାକୁ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ମନ୍ତ୍ରୀ ବଳସାମନ୍ତ ସମବାୟ ବ୍ୟାଙ୍କ ତଥା ସୋସାଇଟି ଖୋଲିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି ବୋଲି ପ୍ରକାଶ କରିଥିଲେ।

# ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ

**ଜୁନାଗଡ଼, ୧୧।୪(ସୁନୀଲ କୁମାର ସିଂହ)**



କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗାଠାରେ ହିତାଧିକାରୀଙ୍କୁ ଆୟୁଷ୍ମାନ୍ କାର୍ଡ ପ୍ରଦାନ କରାଯାଉଛି।

ଜୁନାଗଡ଼ ବ୍ଲକ୍‌ରେ ଥିବା ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ ହୋଇଛି। କୁଲିହାରି ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅତିଥି ଭାବେ ଜୁନାଗଡ଼ ବିଡିଓ ଦେବାଶିଷ କର, ସ୍ଥାନୀୟ ସରପଞ୍ଚ ମଳୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସେହିପରି ହାବସପୁରଠାରେ ସ୍ଥାନୀୟ ସରପଞ୍ଚ ବିକାଶ ପଣ୍ଡା, ମନୋଜ ମେହେର, ଡା. ବିବେକାନନ୍ଦ ମହାନନ୍ଦ, ଚାରବାହାଲଠାରେ ସରପଞ୍ଚ ସତ୍ୟଭାମା ପଣ୍ଡା, ଡା. ଦୀନବନ୍ଧୁ ସାହାଣୀ, ମହିଚଲାଠାରେ ପୂର୍ବତନ ସରପଞ୍ଚ ଅଜୟ ବେହେରା, ଭାଜପା ନେତା ସତ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଉପସ୍ଥିତ ଥିଲେ।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ହୋଇଛି। ତେରେସିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସ.ମାଲପଡ଼ା ସରପଞ୍ଚ ବରୁଣ ଛତ୍ରିଆ, ତେରେସିଙ୍ଗା ସରପଞ୍ଚ ପ୍ରମୋଦ କୁମାର ସୁନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ରେଗଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରେଗଡା ସରପଞ୍ଚ ଦୀପ୍ତିରାଣୀ ସାହୁ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ନୋଡାଲ ଅଫିସର ଡାକ୍ତର ଆଶିଷ କୁମାର ଧରୁଆ, ରେଗଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଗୋଲକେଶ ପ୍ରସାଦ ମନ୍ତ୍ରୀ, ସାପଲହରା ପଞ୍ଚାୟତ ସରପଞ୍ଚ ରାଜେଶ୍ୱରୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

**ଲାଞ୍ଜିଗଡ(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବେନଗାଁ, ଲାଞ୍ଜିଗଡ ରୋଡ୍, ମଧୁପୁର ପିଏଚ୍‌ସିଠାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। ଲାଞ୍ଜିଗଡ ବ୍ଲକ ମେଡିକାଲ ଅଫିସର ଭବାନୀ ଶଙ୍କର ଲେଙ୍କାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ବିବେକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ତହସିଲଦାର ଅଭିଷେକ ବଗର୍ତ୍ତି ମୁଖ୍ୟ ଅତିଥି, ଲାଞ୍ଜିଗଡ ଜୋନ ୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ମୁଖ୍ୟ ବକ୍ତା ଓ ବେନଗାଁ ସରପଞ୍ଚ ପୁରଣା ମାଝୀ, ଭାଜପା ଜିଲା ସଭାପତି ତଥା ସାଂସଦ ପ୍ରତିନିଧି ରମେଶ ମାଝୀ, ବେନଗାଁ ସମିତି ସଭ୍ୟା ଯଶୋବନ୍ତି ନାଏକସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଲାଞ୍ଜିଗଡ ରୋଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଅଡ୍ରି ଗ୍ରାମସ୍ଥିତ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। ଡାକ୍ତର ନୀତିଜ କୁମାର ଝାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ବ୍ଲକ୍ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟ ଅତିଥି, ତହସିଲଦାର ନିରୋଜ କୁମାର ଭତ୍ରା, ଥାନା ଏଏସ୍ଆଇ ପ୍ରହ୍ଲାଦ ପାଣିଗ୍ରାହୀ, ଅଡ୍ରି ଗ୍ରାମପଞ୍ଚାୟତ ସମିତି ସଭ୍ୟ ରାମ ମାଝୀ, ସରପଞ୍ଚ ନାଦାଏ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୫ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ୍ କାର୍ଡ ବଣ୍ଟନ କରାଯାଇଥିଲା।

**ପଲମ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତସ୍ଥିତ ଆରୋଗ୍ୟ କେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରାଯାଇଛି। ଏଥିରେ ସରପଞ୍ଚ ହେମ କିଶୋର ନାଗ ଓ ନର୍ଲା ଜୋନ୍ ୧ ଜିଲା ପରିଷଦ ସଦସ୍ୟା ନମ୍ରତା ସାହୁ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ସୁଫଳ ନେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ପଲମ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଆଶାଦିଦି, ସିଆର୍‌ପି ଯୋଗଦେଇଥିଲେ। ପଲମ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଦ୍ୱାରା ୧୦ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା।

**ଗୋଲାମୁଣ୍ଡା (ବଟକୃଷ୍ଣ ପଣ୍ଡା):** ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୋର୍ଡି, ଉଛଳା, ମହାଲିଙ୍ଗ ଓ ଫରଙ୍ଗଠାରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଓ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ, ବିଡ଼ିଓ ଶ୍ରୀଧର ପଣ୍ଡା, ମେଡିକାଲ ଅଧିକାରୀ ଅରବିନ୍ଦ ଦାସ, ବୋର୍ଡିସରପଞ୍ଚ ସ୍ୱାଦି ପଟେଲ, ଖାଲିଆପାଲି ସରପଞ୍ଚ ଜିମୁତବାହାନ ହରପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଞ୍ଚଳର ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା।

**କଲମପୁର,୧୧।୪ (ଗଣେଶରାମ ବାଗ):** କଲମପୁର ବ୍ଲକ ବନ୍ଧକନା ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। ଡ଼ା. ଶିବାଶିଷ ସାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲମପୁର ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି ମୁଖ୍ୟ ଅତିଥି ଓ କଲମପୁର ଏଏସ୍ଆଇ ଶେଖର ଜେନା, ଆଇସିଡିଏସ୍ ସୁପରଭାଇଜର ବାସନ୍ତୀ ନାୟକ, ବନ୍ଧକନା ସରପଞ୍ଚ ହିମାଦ୍ରି ବାଗ, ଜୋନ ୧ ଜିଲା ପରିଷଦ ସଭ୍ୟା ଦୁହିତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଚେତନତା ରଥ।

୧୪ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା।

**କୋକସରା (ଦୁଷ୍ମନ୍ତ କୁମାର ପାଢୋଷୀ):** କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଲଡୁଗାଁ, ଆମପାଣି ଓ ବଡ଼ ପୋଡାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୁଷ୍ମାନ ଭାରତ ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଆମପାଣିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପିଏଚ୍‌ସି ଇନ୍‌ଚାର୍ଜ ଡା. ଧନେଶ୍ୱର ଗୁଡ଼ୁ, ଭାଜପା ନେତା ଗରୁଡ଼ଧ୍ୱଜ ମାଝୀ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଶର୍ମିଳା ଛତ୍ରିଆ ଉପସ୍ଥିତ ଥିଲେ। ଲଡୁଗାଁ ପିଏଚ୍‌ସିରେ କୋକସରା ତହସିଲଦାର କ୍ଷିରୋଦ ବିହାରୀ ଭାରତ ନାଗଙ୍କ ତତ୍ତ୍ୱାବଧାନରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଭାଜପା ନେତା ତ୍ରିନାଥ ଶବର ପ୍ରମୁଖ ଯୋଗଦେଇ ଥିଲେ।

# ୩୦ ଚୋରି ମୋବାଇଲ, ୭୧୦୦ ଟଙ୍କା ଜବତ

**ଭବାନୀପାଟଣା,୧୧।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ପୋଲିସ ଶୁକ୍ରବାର ବିଭିନ୍ନ କମ୍ପାନୀର ୩୦ ଚୋରି ମୋବାଇଲ ସହ ନଗଦ ୭୧ଶହ ଟଙ୍କା ଜବତ କରିଛି। ଏହି ଘଟଣାରେ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହର ଗାନ୍ଧୀ ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ଗତ ଏପ୍ରିଲ ୮ ରାତିରେ ଚୋରି ହୋଇଥିଲା। ଦୋକାନ ମାଲିକ ରମେଶ ଅଗ୍ରୱାଲ ପରଦିନ ଅର୍ଥାତ୍ ୯ ତାରିଖ ସକାଳେ ଦୋକାନ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନ ଭିତରକୁ ପଶିବା ପରେ ଦୋକାନରେ ଥିବା ମୋବାଇଲ, ପାର୍ଟ୍ସ ସମେତ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ସେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ଭବାନୀପାଟଣା ଡିଏଚ୍‌ଏଚ୍ ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ମଧ୍ୟ ଚୋରି ହୋଇଥିଲା। ଏହାକୁ ନେଇ ଦୋକାନ ମାଲିକ ଦୀପକ ଗୌଡ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉପରୋକ୍ତ ଘଟଣାକୁ ନେଇ ଟାଉନ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଥିଲା।

# ଛେଳି ଚୋରି ଅଭିଯୋଗରେ ୪ ଗିରଫ

**ଲାଞ୍ଜିଗଡ,୧୧।୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ସିନ୍ଧିଭଟା ଗ୍ରାମରୁ ଛେଳି ଚୋରି ଅଭିଯୋଗରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଫଟାପଡ଼ା ଗ୍ରାମର ବେଣୁଧର ଜାଲ (୩୭), ସିଙ୍ଘରଣ ଗ୍ରାମର ପ୍ରଦିପ ନାଏକ (୪୨), ହରେକୃଷ୍ଣ ଦୁର୍ଗା (୪୦) ଓ ତିରଯୋଡି ଗ୍ରାମର କ୍ଷୀରସିନ୍ଧୁ ହରିଜନ (୩୦)। ସୂଚନାକ୍ରମେ ଅଭିଯୁକ୍ତମାନେ ଗୁରୁବାର ବୋଲେରୋରେ ଛେଳି ଭର୍ତ୍ତି କରି ନେଉଥିବା ବେଳେ ସେହି ଗ୍ରାମର ରବି ମାଝୀ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହା ଶୁଣି ଛେଳି ଚୋରି ହୋଇଥିବା ଗ୍ରାମର ଆଡ୍ରାଇ ମାଝୀ କେତେଜଣଙ୍କୁ ସାଙ୍ଗରେ ଧରି ବୋଲେରୋ ପିଛା କରିବା ସହ ମାଳତିପଦର ଗ୍ରାମର ଲୋକଙ୍କୁ ଜଣାଇଥିଲେ। ଫଳରେ ମାଳତୀପଦର ଗ୍ରାମବାସୀ ଟ୍ରାକ୍ଟର ଦ୍ୱାରା ରାସ୍ତା ଅବରୋଧ କରି ବୋଲେରୋ ସହ ଅଭିଯୁକ୍ତମାନଙ୍କୁ କାବୁ କରି ବିଜେପୁର ଥାନା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବିଜେପୁର ଥାନାଧିକାରୀ ବିଶ୍ୱମ୍ବର କହଁର ପୋଲିସ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ୪ ଜଣ ଏବଂ ସେମାନେ ବ୍ୟବହୃତ ବୋଲେରୋ ଥାନାକୁ ଆଣି ତଦନ୍ତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୩/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କହଁର ପ୍ରକାଶ କରିଛନ୍ତି।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବଲେଖକ ସମ୍ମିଳନୀ

**ଭବାନୀପାଟଣା,୧୧।୪(ଉତ୍ତମ କୁମାର ଦାଶ)**



ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଭବାନୀପାଟଣା ମହିଳା ମହାବିଦ୍ୟାଳୟ ସଭାଗୃହଠାରେ ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, କଳାହାଣ୍ଡି ଜିଲା ସଂସ୍କୃତି ପରିଷଦ ଓ ଭବାନୀପାଟଣା ମହିଳା ମହାବିଦ୍ୟାଳୟ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଅଧାପିକା ଡ. ସୁରେଶ୍ୱରି ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ନୋଡାଲ ଅଧିକାରୀ ଡ. ରାଧାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ. ସୁରେଶ୍ୱରି ବାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦.୩୧ ଲକ୍ଷ ହିତାଧିକାରୀଙ୍କୁ ମିଳିବ କାର୍ଡ

- ଏବିପିଏମ୍‌ଜେଏୱାଇର ନୂଆ ଏକକ କାର୍ଡ ବିତରଣ ଶୁଭାରମ୍ଭ
- ସଚେତନତା ଲୋକଙ୍କୁ କରାଯିବ ସଚେତନ

ବରଗଡ,୧୧।୪(ପ୍ରେମାନନ୍ଦ ଖମାରୀ)

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ)ର ନୂଆ ଏକକ କାର୍ଡ ବିତରଣର ଜିଲାସ୍ତରୀୟ କାର୍ଯ୍ୟକ୍ରମ ଶୁକ୍ରବାର ବରଗଡ଼ ଗୋରୁ ମାର୍କେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର ସଦାସର୍ବଦା ରାଜ୍ୟର ସାଧାରଣ ଲୋକଙ୍କ ସେବା ପାଇଁ ଚେଷ୍ଟିତ। ଏହି ପ୍ରରିପ୍ରେକ୍ଷୀରେ ଲୋକଙ୍କ ସରକାର ଏହି ଯୋଜନା ମାଧମରେ ଲୋକଙ୍କୁ ଉନ୍ନତ ମାନର ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ପରିବାରର ସମସ୍ତ ବ୍ୟକ୍ତିବିଶେଷଙ୍କୁ ମାଗଣାରେ ଇ-କେୱାଇସି କରିବାଠାରୁ ଆରମ୍ଭ କରି ଏହି ଏକକ କାର୍ଡ ସମସ୍ତଙ୍କ ଘରେ ନେଇ ଦିଆଯିବ। ତେଣୁ କେହି ବ୍ୟସ୍ତ ନ ହୋଇ ସରକାରଙ୍କ ଉପରେ ଭରସା ରଖିବାକୁ ସେ କହିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ସ୍ୱାଗତ କରିବା ସହ ସୂଚାର ରୂପେ ସମସ୍ତଙ୍କ ଘରେ କାର୍ଡ ବଣ୍ଟନ କରିବା ପାଇଁ ଜିଲା ପ୍ରଶାସନ ତତ୍ପରତାର ସହିତ କାର୍ଯ୍ୟ କରିବ ବୋଲି କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା, ଜିଲାପାଳ ଗୋୟଲ, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ପୌରାଧକ୍ଷା କଳ୍ପନା ମାଝି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ଏବଂ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଶାନ୍ତ କିଶୋର ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଥିଲେ, ଓ ଜନସାଧାରଣଙ୍କ ପାଇଁ ସମନିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ସମଗ୍ର ଓଡ଼ିଶାରେ କାର୍ଯ୍ୟକାରୀ କରାଗଲା। ଏହି ସମନିତ ଯୋଜନରେ ରାଜ୍ୟର ୧.୦୩ କୋଟି ପରିବାରର ୩.୦୬ କୋଟି ହିତାଧିକାରୀ ଉପକୃତ ହେବେ। ସେମାନଙ୍କ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ପରିବାରର ମହିଳା ସଦସ୍ୟଙ୍କ ନିମନ୍ତେ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କର କାର୍ଡ ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ। ନୂତନ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ସମସ୍ତ ଜି.ଯେ.ଏ.ୱାଇ ହିତାଧିକାରୀ ତାଲିକା ଭୁକ୍ତ ହସ୍ପିଟାଲ ଗୁଡିକରେ ନିଜର ଆଧାର କାର୍ଡ ଏବଂ ବର୍ତ୍ତମାନ ପାଖରେ ଉପଲବ୍ଧ ଥିବା ପୁରୁଣା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ। ସମସ୍ତ ଯୋଗ୍ୟ ହିତାଧିକାରୀମାନେ ସମଗ୍ର ଦେଶରେ ୨୯୦୦୦ ହଜାର ତାଲିକାଭୁକ୍ତ ଘରୋଇ ଓ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଯେକୋଣସି ପ୍ରଶ୍ନ ପାଇଁ, ହିତାଧିକାରୀମାନଙ୍କୁ ଟୋଲ ଫ୍ରି ନମ୍ବର ୧୦୪ ଏବଂ ୧୫୫୩୬୯ରେ ଯୋଗାଯୋଗ କରିବା ନିମନ୍ତେ ପରାମର୍ଶ ଦିଆଯାଉଛି।

ସୂଚନଯୋଗ୍ୟ, ଶୁକ୍ରବାର ବରଗଡ଼ ଜିଲାର ମୋଟ ୪୮ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମ ଗୁଡିକରେ ହଜାରେରୁ ଅଧିକ ଲୋକ ଯୋଗଦେଇ ଆଭାସୀ ମଧମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ପ୍ରତି ସଭାସ୍ଥଳରେ ୨୫ଜଣ ଯୋଗ୍ୟ ହିତାଧିକାରୀଙ୍କୁ କମ୍ବୋକିଟ୍ସ ଓ କାର୍ଡ ବଣ୍ଟନ କରାଯାଇଥିଲା। ଏହି କ୍ରମରେ ବରଗଡ ଜିଲାରୁ ସର୍ବମୋଟ ୧୦ ଲକ୍ଷ ୩୧ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମର ପରିସମାପ୍ତି ପରେ ମୁଖ୍ୟ ଅତିଥି ଏବଂ ସମସ୍ତ ସମ୍ମାନିତ ଅତିଥିବୃନ୍ଦ ଏକ ସ୍ୱାସ୍ଥ୍ୟ ସଚେତନା ରଥର ଶୁଭାରମ୍ଭ କରାଥିଲେ। ଏହି ସଚେତନତା ରଥ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳ ପରିସରରେ କାର୍ଡ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସମ୍ବଳିତ ଅଡିଓ ବାର୍ତ୍ତା ଏବଂ ପ୍ରଚାର ପତ୍ର ବଣ୍ଟନ କରିବା ସହ ଲୋକଙ୍କୁ ସଚେତନ କରିବ।


ବରପାଲିରେ ଆୟୋଜିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଆୟୁଷ୍ମାନ ଯୋଜନାର କାର୍ଡ ବଣ୍ଟନ କରାଯାଉଛି।

**ବରପାଲି,(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ହୋଇଥିବା ଏ.ବି.ପିଏମ୍. ଜେ.ଏ.ୱାଇ, ଜେ.ଜେ.ଏ.ୱାଇ ଏବଂ ଏ.ଭି.ଭି.ୱାଇର ଶୁଭାରମ୍ଭ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ କଟକଠାରେ ଉପସ୍ଥିତ ରହି ଶୁଭାରମ୍ଭ କଲାପରେ ଏହାର କାର୍ଡ ପ୍ରଦାନ କାର୍ଯ୍ୟକ୍ରମ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ତୁଳଣ୍ଡିରେ ବାରଗୁଡ଼ା, ଭାଟିଗାଁ, କାଇଁଶିର, ଖେମେସରା, ପଟକୁଲୁଣ୍ଡା, ରେମତା, ସତଲମା,ତୁଳଣ୍ଡି ଗ୍ରାମ ପଞ୍ଚାୟତ ଓ ଏନଏସି ବରପାଲିର ୫୨୫ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ।

**ଝାରବନ୍ଧ:(ଦେବେନ୍ଦ୍ର ସାହୁ):** ଝାରବନ୍ଧଠାରେ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୁଶାନ୍ତ ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଡା ଲମ୍ବୋଦର ପଣ୍ଡା,ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ଭୋଇ ପ୍ରମୁଖ ନେତୃ ମଣ୍ଡଳୀ ଉପସ୍ଥିତ ଥିବା ବେଳେ ଜଗଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ମନୋରଞ୍ଜନ ସୁନାଙ୍କ ସଂଯୋଜନାରେ ଆୟୁଷ୍ମାନ କାର୍ଡ ବଣ୍ଟନ ହୋଇଥିଲା।

## ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ବୋରି ଉଦ୍‌ଯାପିତ

ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ବୋରି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ବିଧାୟକ ଇରାସିସ୍ ଆଚାର୍ଯ୍ୟ ସ୍ୱତନ୍ତ୍ର ଅତିଥି, ଗାଇଡ୍ସ କମିଶନର ତଥା ସୋହେଲା ବିଇଓ ଅମୃତା ସାହୁ, ଭଟଲି ବିଇଓ ସରୋଜ କୁମାର ଭୁଏ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ ନାୟକ, ସତୀହାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସେନା, ଭଟଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରବଣ ସାହୁ, ଡିଏସ୍ଏସ୍ ଧୀରୋଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସ୍ଥାନୀୟ ସତୀହାରୀ ବାଳିକା ହାଇସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ, ପ୍ରାଣାୟାମ, କ୍ୟାମ୍ପ ଫାୟାର, ପତାକା ଅବତରଣ, ପ୍ରାଚୀନ ଗ୍ରାମ୍ୟ ସଂସ୍କୃତିର ଏକ ଝଲକ ବଏଲଯାତ୍ରା, ବରାତ, ରାମଲୀଳା, ସଂକୀର୍ତ୍ତନ, କରମସାନି ଆଦି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଚାରକ ଭାବରେ ନାଟ୍ୟକାର ନରେନ୍ଦ୍ର ପଣ୍ଡା, ହାସ୍ୟକବି ବାଙ୍କାବିହାରୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଉତ୍କଳ ପଧାନ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ଭଟଲି ଗ୍ରାମ ପରିକ୍ରମା କରିଥିଲା। ମୁନ୍‌ସୀ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଜିଲାର ୧୨ଟି ବ୍ଲକର ୫୨୧ ଜଣ ସ୍କାଉଟ୍ସ ଏବଂ ଗାଇଡ୍ସ ଛାତ୍ରୀଛାତ୍ର, କ୍ୟାପ୍‌ଟେନ ଓ ସାଧନ କର୍ମୀ ଅଂଶଗ୍ରହଣ କରିଥିଲେ। ଶେଷରେ ବିଇଓ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।


ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ବୋରି ଉଦ୍‌ଯାପନୀ ସମାରୋହରେ ପୁରସ୍କାର ବିତରଣ।

## ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ଛାତ୍ରୀଛାତ୍ରଙ୍କ ଶପଥ

ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ)

**ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କର୍ଲାଯୋରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଜିତ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗୁରୁମା ସୁଦୀପ୍ତା ବେହେରା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ହାସ୍ୟ କବି ଦେବେନ୍ଦ୍ର ସାହୁ ଯୋଗ ଦେଇ ଅତ୍ୟାବଶ୍ୟକ ସ୍ଥଳେ ପ୍ଲାଷ୍ଟିକ ନିର୍ମିତ ପଦାର୍ଥର ବ୍ୟବହାର କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇ ସମସ୍ତଙ୍କୁ ସବୁଜ ଶପଥ ପାଠ କରାଇବା ସହିତ ଅନୁଷ୍ଠାନରେ ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସୂଚନା ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଖମାରୀ ଶିଶୁ ବିଦ୍ୟା ମନ୍ଦିରକୁ ଏକକ ପ୍ଲାଷ୍ଟିକମୁକ୍ତ ଅନୁଷ୍ଠାନ ଭାବରେ ଘୋଷଣା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଇକୋ କ୍ଲବ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳନା ସମିତିର ସଦସ୍ୟା ସୀମା ଖମାରୀ, ସଦସ୍ୟ ତେଜରାଜ ସାହୁ, ଗୁରୁମା ସୁଜାତା ସାହୁ, ସୁଦୀପ୍ତା ବେହେରା, ଅନୁସୟା ପଧାନ, କଳ୍ପନା ପଧାନ, ଐଶ୍ୱର୍ଯ୍ୟା ଭୋଇ, ମାନସୀ ମୁଦୁଲି, ହୋମବତୀ ମହାକୁଡ଼, ଅନୀତା ସେଠ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଗୁରୁଜୀ ନୈମିଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ଛାତ୍ରୀଛାତ୍ର ଶପଥ କରୁଛନ୍ତି।

## କୋଡ଼ିଏ ଘର କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ

ଝାରବନ୍ଧ,୧୧।୪(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ଝାରବନ୍ଧ ବ୍ଲକସ୍ତରୀୟ କୋଡ଼ିଏ ଘର କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ ଶୁକ୍ରବାର ବ୍ଲକ ସଭାପତି ପରମାନନ୍ଦ ସେଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କମ୍ବୋପାଣି ସେଟ ସମଲେଶ୍ୱରୀ, ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୂଜାର୍ଚ୍ଚନା କଲା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସୋନପୁର ଜିଲା ମହିଳା ସଂଯୋଜିକା ବାସନ୍ତୀ ତରିଆ ମୁଖ୍ୟ ଅତିଥି, ଆମ ଆଦମୀ ବିଧାୟକ ପ୍ରାର୍ଥୀ ରାଜକୁମାର ସେଠ ମୁଖ୍ୟ ବକ୍ତା, ବ୍ଲକ ପୂର୍ବତନ ସମ୍ପାଦକ ଦେବାର୍ଚ୍ଚନ ଡନସନା, ପାଇକମାଲ ବ୍ଲକ ସମ୍ପାଦକ ଶୁକଦେବ ବେରିଆ, ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ସଭାପତି କେଶବ ସେଠ, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା ସମ୍ମାନିତ ଅତିଥିଭାବରେ ଯୋଗଦାନ କରି ସମାଜର ଏକତା, ସଂଗଠନ, ଶିକ୍ଷା, ମହିଳା ସଚେତନ ପ୍ରତି ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଜିଲା ପ୍ରତିନିଧିଙ୍କ ସମାବେଶ କରି ସମାଜକୁ ସୁଦୃଢ କରିବାକୁ ମତ ପ୍ରକାଶ ପାଇଥିଲା।


ଗ୍ରାଜୁଏଶନ ଡେ ପାଳନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ବ୍ଲକସ୍ତରୀୟ ପରିବେଶ ବିଜ୍ଞାନ ପ୍ରଦର୍ଶନୀ


((ଫଟୋ---

ସୋହେଲା ୧୧।୪(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ପାଇଁ ଧାରଣୀୟ ଜୀବନଶୈଳୀ ଶୀର୍ଷକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋହର ଉଟି ଓ ମୋତିଲାଲ ନନ୍ଦୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ୍‌ର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ମୋଟ ୩୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଲେବିଡ଼ି ଉଚ୍ଚ ବିଦ୍ୟାଳୟର ଅଭିଷେକ ବାଗ ପ୍ରଥମ, କରଣ୍ଡୋଲା ଉଚ୍ଚ ବିଦ୍ୟାଳୟର ସ୍ୱାଗତିକା ଭୁଏ ଦ୍ୱିତୀୟ, ଘେସଁ ଉଚ୍ଚ ବିଦ୍ୟାଳୟର ହିତେଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଞ୍ଜୀବ କୁମାର ପ୍ରଧାନ, ମହେନ୍ଦ୍ର ଆଚାର୍ଯ୍ୟ ଓ ସଞ୍ଜୀବ ନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଘେସଁ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହା ମଞ୍ଚ ସଞ୍ଚାଳନ କରିଥିଲେ। ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରିୟଦର୍ଶୀ ସେନାପତି ସ୍ୱାଗତ କରିଥିଲେ। ଜିତେନ୍ଦ୍ରିୟ ହୋତା କୁଟିପାଳି ବିଦ୍ୟାଳୟର ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଗ୍ରାଜୁଏଶନ ଡେ

ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଗ୍ରାଜୁଏଶନ ଡେ ୱିଙ୍ଗ୍‌ସ ପାଳିତ ହୋଇଯାଇଛି। ସ୍କୁଲର ୟୁକେଜି ଶ୍ରେଣୀରୁ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡ଼ିଆ, ମେଘା ସାୱଡ଼ିଆ, ଏକାଡେମିକ କୋଅର୍ଡିନେଟର ସୀମା ସାହୁ, ମମତା ସିହ୍ନା, ରୀତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୟୁକେଜିରୁ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକ, ପ୍ରାକ୍ ପ୍ରାଥମିକ ବିଭାଗର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ୟୁକେଜିର ଛାତ୍ରୀଛାତ୍ରମାନେ କ୍ଷୁଦ୍ର ନାଟକ ଏବଂ ସାମୂହିକ ନୃତ୍ୟ ପରିବେଷଣ କରିଥିଲେ। ୟୁକେଜି ଶ୍ରେଣୀରୁ ପ୍ରଥମ ଶ୍ରେଣୀକୁ ଆସୁଥିବା ଛାତ୍ରୀଛାତ୍ରମାନେ ଏକ ପରିବର୍ତ୍ତିତ ପାଠ୍ୟକ୍ରମ ଏବଂ ବିଦ୍ୟାଳୟର ନୂତନ ସମୟ ଓ କାର୍ଯ୍ୟସାରଣୀ ସହ ଅବଗତ ହେବାବେଳେ ଅନେକ ଛୋଟ ଛୋଟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହି ସମୟରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନଙ୍କ ସହଯୋଗରୁ ଶିଶୁଟି ନିଜକୁ ସ୍କୁଲ ପରିବେଶରେ ସହଜ ମନେକରିଥାଏ ବୋଲି ପ୍ରିନ୍ସିପାଲ ସାହୁ ମତବ୍ୟକ୍ତ କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟଦାନ ବ୍ୟତୀତ ଚରିତ୍ର ନିର୍ମାଣ ପାଇଁ ଦିଆଯାଉଥିବା ଶିକ୍ଷା ସମ୍ପର୍କରେ ଚେୟାରମ୍ୟାନ ସାୱଡ଼ିଆ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ପଟ୍ଟନାୟକ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜୀବନରେ ଶୃଙ୍ଖଳାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ନିର୍ଦ୍ଦେଶକ ସାୱଡ଼ିଆ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍କୁଲରେ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ କହିବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ନୂତନ ଶ୍ରେଣୀ ଓ ପରିବେଶକୁ ସ୍ୱାଗତ କରିଥିଲେ। ଅଭିଭାବକମାନେ ମଧ ସ୍କୁଲର ଗୁଣବତ୍ତା ଶିକ୍ଷାଦାନ ସମ୍ପର୍କରେ ସକାରାତ୍ମକ ମତପୋଷଣକରି ସ୍କୁଲର ଶିକ୍ଷାଦାନକୁ ପ୍ରଶଂସା କରିଥିଲେ। ୬ଷ୍ଠଶ୍ରେଣୀର ଛାତ୍ରୀ ହେଜଲ ଅଗ୍ରୱାଲ ଓ ପ୍ରସ୍ତୁତି ଶର୍ମା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୀପକ ମନ୍ନା ସଙ୍ଗୀତ ପରିଚାଳନା କରିଥିଲେ। ମୀନାକ୍ଷୀ ଭୋଇ ନୃତ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ ଯୁଧିଷ୍ଠିର ରଣା ସହଯୋଗ କରିଥିଲେ।

## ବୀର ବଜରଙ୍ଗବଲୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

**ଅତାବିରା, ୧୧।୪(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ୍ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ନବନିର୍ମିତ ବୀର ବଜରଙ୍ଗବଲୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଗୁରୁବାର ଅପରାହ୍ନ ୪ଟାରେ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ମଣ୍ଡଳକରଣ, ଅଙ୍କୁରାରୋପଣ ହୋଇଥିବା ବେଳେ ଗୁରୁବାର ପ୍ରାଣ ପ୍ରତିଷ୍ଠା, ବିଗ୍ରହ ପ୍ରବେଶ ଓ ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ମୁଖ୍ୟ ଆଚାର୍ଯ୍ୟ ପ୍ରଦ୍ୟୁଷ କୁମାର ରଥ, ପୁସ୍ତକାଚାର୍ଯ୍ୟ ସରୋଜ କୁମାର ରଥ, ପ୍ରଶାନ୍ତ ରଥ, ବଳରାମ ତ୍ରିପାଠୀ, ଭାଗୀରଥି ଦାସ, ସ୍ୱରାଜ ରଥ ପ୍ରମୁଖ ଯୋଗଦେଇଥିଲେ। ଡା. ଚୈତନ୍ୟ ପ୍ରଧାନ, ସ୍ୱାତୀ ସ୍ୱାଗତିକା ପ୍ରଧାନ, ସୁରେନ୍ଦ୍ର କଠାର, ନୀଳାବତୀ କଠାର, ବାସୁଦେବ କଠାର, ବନିତା କଠାର, ସହଦେବ କଠାର, ସଂଯୁକ୍ତା କଠାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରଥମ ସନ୍ଧ୍ୟାରେ ପଲସାପାଲି ଓ ପୋଢପାଲିର ସଂକୀର୍ତ୍ତନ ହୋଇଥିବାବେଳେ ପୂର୍ଣ୍ଣାହୁତି ଦିନ ପଣ୍ଡକିପାଲି ଓ ବନହରର ମହିଳା ସଂକୀର୍ତ୍ତନ, ନୃତ୍ୟ ପ୍ରତିଯୋଗିତା, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ବୈଠକ

ବରପାଲି,୧୧।୪(ଚିତ୍ତରଞ୍ଜନ ସାହୁ)

**୨୦୨୫-୨୬ ଆର୍ଥିକ ବର୍ଷ କାର୍ଯ୍ୟଖସଡ଼ା ସମ୍ପର୍କରେ ଆଲୋଚନା**

ବରପାଲି ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଅଧକ୍ଷ ଦୀନେଶ କୁମାର ଗହୀରଙ୍କ ଅଧକ୍ଷତାରେ ବିଜ୍ଞାପିତ ଅଞ୍ଚଳ ପରିଷଦର୨୦୨୫-୨୬ ଆର୍ଥିକବର୍ଷ କାର୍ଯ୍ୟଖସଡ଼ା ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥି ସଭା ପରିଚାଳନା କରିଥିଲେ। ସୁପ୍ରିତା ଜେନା, ସହକାରୀ ଯନ୍ତ୍ରୀ କୈଳାଶ ଉର୍ମା, ଏମ୍‌ପି ପ୍ରତିନିଧି ପଦ୍ମଲୋଚନ ସାହୁ, କୋଷଧକ୍ଷ ବିଭୂପ୍ରଦ ମିଶ୍ର, ସୁସ୍ମିତା ଓଝା ମଞ୍ଚାସିନ ରହି ବିଜ୍ଞାପିତ ଅଞ୍ଚଳ ପରିଷଦର ୨୦୨୫-୨୬ ଅର୍ଥିକବର୍ଷ କାର୍ଯ୍ୟଖସଡ଼ା ସମ୍ପର୍କରେ ଆଲୋଚନା ହେବା ସହିତ ଖାଉଟି ସମସ୍ୟା, ସହର ଲାଇଟ ସମସ୍ୟା, ପରିମଳ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ବ୍ୟବସ୍ଥା ସହ ଅଧକ୍ଷଙ୍କ ଅନୁମତି କ୍ରମେ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ଓ ଖାଉଟି ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ନିଜ ନିଜ ୱାର୍ଡରେ ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋକପାତ କରିବା ସହିତ ନିଜ ନିଜ ୱାର୍ଡର କାର୍ଯ୍ୟଖସଡ଼ା ସମ୍ପର୍କରେ ଆବେଦନ କରିଥିଲେ। ସହକାରୀ ଯନ୍ତ୍ରୀ କୈଳାଶ ଉର୍ମା ଧନ୍ୟବାଦ ଅର୍ପଣ


ବୈଠକରେ ଆଲୋଚନା ଚାଲିଛି।

## ଯୁବପିଢ଼ିଙ୍କ ଲେଖନୀ ମୁନରେ ସମୃଦ୍ଧ ହେବ ଓଡ଼ିଆ ଭାଷା ସାହିତ୍ୟ

**ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ**

ବରଗଡ,୧୧।୪(ପ୍ରେମାନନ୍ଦ ଖମାରୀ)

ଭଲ କାହାଣୀ, ଭଲ ନାଟକ ଏବଂ ଭଲ କବିତା ଦ୍ୱାରା ଓଡ଼ିଆ ଭାଷା ତିଷ୍ଠି ରହିପାରିବ। ଯୁବପିଢ଼ିଙ୍କ ମଧରେ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାର ଗୁରୁ ଦାୟିତ୍ୱ ରହିଛି। ସେମାନଙ୍କ ଲେଖନୀ ମୁନରେ ହିଁ ଏ ସପ୍ନ ସାକାର ହୋଇପାରିବ। ଏଣୁ ସେମାନଙ୍କୁ ସମ୍ମାନିତ କରିବା, ସେମାନଙ୍କ କାର୍ଯ୍ୟ ଓ ଦକ୍ଷତାକୁ ସୀକୃତି ଦେବା ଉଦ୍ଦେଶ୍ୟ ନେଇ ଶୁକ୍ରବାର ବରଗଡ଼ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଆ ଜାତୀୟତା, ସଂସ୍କୃତି ଏବଂ ପରମ୍ପରା ଆଧାରିତ ଓଡ଼ିଆ କବିତା ଲିଖନ, ଓଡ଼ିଆ ଗଳ୍ପ ଲିଖନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଭାଗ ନେଇ ନିଜ ଗଳ୍ପ, ପ୍ରବନ୍ଧ ଏବଂ କବିତା ମଧମରେ ନିଜ କଳ୍ପନାର ପରିପ୍ରକାଶ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶ୍ରୀକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲାର ବିଶିଷ୍ଟ ସାହିତ୍ୟିକ, ଲେଖକ, ଗାଳ୍ପିକ ଦିବ୍ୟ କିଶୋର ଦେବତା, ମାନରଞ୍ଜନ ମେହେର, ପାର୍ବତୀଗିରି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଦୀପ ହୋତା, ସରକାରୀ ମହା ବିଦ୍ୟାଳୟ, ବଲାଙ୍ଗିରର ପୂର୍ବତନ ଅଧକ୍ଷ ଡଃ ଅଶୋକ ମହାପାତ୍ର, ଭରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ତାହିର ହୁସେନ୍ ଏବଂ ଜିଲା ଇ-ପ୍ରଶାସନ ଅଧିକାରୀ ମସ୍ତରାମ ଛନ୍ଦ ପ୍ରମୁଖ ଯୋଗଦେଇଥିଲେ ।


ଯୁବ ଲେଖକ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

# ହନୁମାନ ଆଖଡା କମିଟି ପକ୍ଷରୁ ଭଜନ ସନ୍ଧ୍ୟା

ରାଉରକେଲା,୧୧।୪(ଦିନେଶ ମିଶ୍ର)

ରାଉରକେଲା ଏସ୍‌ଟିଆଇ ଛକସ୍ଥିତ ପବନପୁତ୍ର ଆଖଡା କମିଟି ଓ ବଜରଙ୍ଗବଲୀ ସେବା ସମିତିର ମିଳିତ ଆନୁକୂଲ୍ୟରେ ଏକ କଳସ ଶୋଭାଯାତ୍ରା ଓ ଭଜନ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଯାତ୍ରାରେ ଏସ୍‌ଟିଆଇ ଓ ଗଙ୍ଗାଧରପାଲୀ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ସିଭିଲଟାଉନଶିପସ୍ଥିତ ତାରିଣୀ ମନ୍ଦିର ପରିସରରୁ ବାହାରି ଆଖଡା କମିଟି ପର୍ଯ୍ୟନ୍ତ ଯାଇଥିଲେ। ପରେ ଏସ୍‌ଟିଆଇ ଛକରେ ଥିବା ହନୁମାନ ମନ୍ଦିର ପରିସରରେ ଘଟ ସ୍ଥାପନ କରାଯାଇଥିଲା। ଏଥିରେ ପଣ୍ଡିତଗଣ ହନୁମାନଙ୍କ ସୁନ୍ଦରାକାଣ୍ଡ ପାଠ ସହ ମନ୍ଦିର ପାର୍ଶ୍ୱଦେବାଦେବୀ ପୂଜା କରିଥିଲେ। ପ୍ରାତଃ ସମୟରେ ସାମୁହିକ ହନୁମାନ ଚାଳିସା ପାଠ କରାଯାଇଥିଲା। ସମିତି ପକ୍ଷରୁ ରାଉରକେଲାର କଳାକାରମାନଙ୍କୁ ନେଇ ଏକ ଭଜନ ସନ୍ଧ୍ୟା ହୋଇଥିଲା। ରାମମୋହିତ ଗୁପ୍ତା, ପ୍ରଭାତ ନାୟକ, ଓମ୍‌ପ୍ରକାଶ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କୁ ଗୋଡ଼ାଇ ହତ୍ୟା ମାମଲା, ୭ ଗିରଫ

ରାଉରକେଲା,୧୧।୪(ସଙ୍ଗୀତା ଜେନା)

ଗତ ୯ତାରିଖ ବିଳମ୍ବିତ ରାତିରେ ଛେଣ୍ଡ ଥାନାଠାରୁ ପ୍ରାୟ ୫୦ ମିଟର ଦୂରରେ ଭିଏସ୍‌ଏସ୍ ମାର୍କେଟରେ କିଛି ଯୁବକଙ୍କୁ ଗୋଡାଇ ଗୋଡାଇ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଏକ ଘରୋଇ ହସ୍ପିଟାଲରେ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଏବେ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଛେଣ୍ଡ ଥାନା ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉଦିତନଗର ଥାନା ବାସନ୍ତୀ କଲୋନିର ଆଶିଷ ପାସୱାନ(୨୦), ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ସ୍ୱର୍ଣ୍ଣ ବିଶ୍ୱକର୍ମା(୨୦), ବିବେକ ବିଶ୍ୱକର୍ମା(୨୦), ପ୍ଲାଣ୍ଟସାଇଟ୍ ଥାନା ମଛଲିବଜାରର ଲକି ସିଂହ(୨୦), ମଧୁସୂଦନପାଲୀର ଗୌରବ ମହାନ୍ତି(୨୧), ବିବେକ ପାଣ୍ଡେ(୨୦)



ପୋଲିସ ହେପାଜତରେ ହତ୍ୟା ଘଟଣାର ଗିରଫ ଅଭିଯୁକ୍ତ।

ଏବଂ ଛେଣ୍ଡ ହରିହର ନଗରର ସୂର୍ଯ୍ୟକାନ୍ତ ରାଉତରାୟ(୨୨)। ସେମାନଙ୍କ ନିକଟରୁ ଫାର୍ସା, ୩ଟି ବାଇକ ଓ ୩ଟି ମୋବାଇଲ ଜବତ ହୋଇଛି। ସୂର୍ଯ୍ୟକାନ୍ତଙ୍କ ବିରୁଦ୍ଧରେ ଛେଣ୍ଡ ଥାନାରେ ପୂର୍ବରୁ ୨ଟି ଆପରାଧିକ ମାମଲା ରହିଛି। ପୋଲିସ ଏକ ମାମଲା (ନଂ.୯୭/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରିଛି। ଏ ନେଇ ଶୁକ୍ରବାର ସନ୍ଧ୍ୟା ୮ଟାରେ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଏସ୍‌ଡିପିଓ ଅମ୍ବିତ ମହାନ୍ତି ସୂଚନା ପ୍ରଦାନ କରି କହିଥିଲେ, ଛେଣ୍ଡରେ ଗତ ୯ ତାରିଖରେ ଆଖଡା ଶୋଭାଯାତ୍ରା ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। କୌଣସି ଝିଅ ମାମଲାକୁ କେନ୍ଦ୍ରକରି ଏପରି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗୋଷ୍ଠୀ ସଂଘର୍ଷର ଶିକାର ହୋଇଥିବା ମୁକେଶ କର(୨୧)ଙ୍କ ବୁଧବାର ରାତି ୨ଟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଋଷି ପ୍ରସାଦ ଏବେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ତେବେ ମାମଲା ତଦନ୍ତ ପରିସରଭୁକ୍ତ ରହିଛି। ଏଥିରେ ଆହୁରି କିଛି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମହାନ୍ତି କହିଥିଲେ। ଅପରପକ୍ଷେ ମୃତକଙ୍କ ପିତା ସୁଧୀର କର କହିଛନ୍ତି, ଏବେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଖୋଲାରେ ବୁଲୁଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। କୌଣସି ଝିଅ ମାମଲାରେ ତାଙ୍କ ପୁତ୍ର ସାମିଲ ନ ଥିଲେ। ଘଟଣା ଦିନ ସାଙ୍ଗମାନେ ଡାକିବାରୁ ସେ ବୁଲିବାକୁ ଭିଏସ୍‌ଏସ୍ ମାର୍କେଟ ଯାଇଥିଲେ ବୋଲି କର କହିଛନ୍ତି।

# ଏନ୍‌ସିଏସ୍‌ଟି ସଦସ୍ୟଙ୍କ ବନ୍ଧମୁଣ୍ଡା ପରିଦର୍ଶନ



ଏନ୍‌ସିଏସ୍‌ଟି ସଦସ୍ୟ ବରକାନି ଗାଁ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ରାଉରକେଲା,୧୧।୪(ସଙ୍ଗୀତା ଜେନା)

ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟ ଜତୋଥୁ ହୁସେନ ଗୁରୁବାର ସନ୍ଧ୍ୟାରେ ଦୁଇଦିନିଆ ରାଉରକେଲା ଗସ୍ତ କରିଥିଲେ। ଏହି ଅବସରରେ ପ୍ରଥମ ଦିନ ଗସ୍ତରେ ସେ ସନ୍ଧ୍ୟା ପ୍ରାୟ ୬ଟା ବେଳେ ବନ୍ଧମୁଣ୍ଡାର ବରକାନି ଗାଁକୁ ଯାଇଥିଲେ ଏବଂ ଆଦିବାସୀଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଗତ ଦୁଇ ମାସ ଧରି ବରକାନି ଗାଁରେ ଚାଲିଥିବା ରେଳ ଲାଇନ ନିର୍ମାଣ କାର୍ଯ୍ୟ ବିଷୟରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଉଲ୍ଲେଖନୀୟ, ସ୍ଥାନୀୟ ଗ୍ରାମବାସୀ ଆରମ୍ଭରୁ ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରିଆସୁଥିବା ବେଳେ ଗତ ଦୁଇ ମାସ ଧରି ସ୍ଥାନୀୟ ଗ୍ରାମବାସୀ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ରେଳ ଲାଇନ ନିର୍ମାଣ ସ୍ଥଳ ନିକଟରେ ବସି ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରି ଆସୁଛନ୍ତି। ଏହାପରେ ଜତୋଥୁ ହୁସେନ ଶୁକ୍ରବାର ସକାଳ ପ୍ରାୟ ୯ଟା ବେଳେ କୁକୁଡ଼ା ରେଳ ଫାଟକକୁ ଯାଇଥିଲେ। ସେଠାରେ ସେ କୁକୁଡ଼ା ଓଭରବ୍ରିଜ୍ ଏବଂ ରେଳ ଲାଇନ ନିମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଆଦିବାସୀଙ୍କ ବିଭିନ୍ନ ଅଭିଯୋଗର ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପାଇଁ ରାଉରକେଲା ଉପ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଦିବାସୀଙ୍କ ଉପରେ ହୋଇଥିବା ଅତ୍ୟାଚାରର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ ଏବଂ ସେମାନଙ୍କୁ ଯଥାସମ୍ଭବ ନ୍ୟାୟ ପ୍ରଦାନ କରାଇବା ପାଇଁ ଚେଷ୍ଟା କରିବେ ବୋଲି ହୁସେନ ପ୍ରତିଶ୍ରୁତି ଦେଇଛନ୍ତି।

# ହିତାଧିକାରୀଙ୍କୁ ନୂଆ ଏକକ କାର୍ଡ ବିତରଣ

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)

**ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା**

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ରାଉରକେଲାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାଉରକେଲା ଉଦିତନଗର ପଡିଆ ସମେତ ୧୦ଟି ସ୍ଥାନରେ ଏହାର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଉଦିତନଗର ପଡିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ରହି ୨୫ ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଡା. ଶକ୍ତି ପ୍ରକାଶ ପାଢୀ, ଡା. ଶିବାଜୀ ସେନାପତିଙ୍କ ସମେତ ବିଭାଗୀୟ ଅଧିକାରୀ, ଜନସାଧାରଣ ଏବଂ ହିତାଧିକାରୀ ଉପସ୍ଥିତ ଥିଲେ। ସେହିପରି ଲାଠିକଟା ବ୍ଲକ ବାଲିଯୋଡିସ୍ଥିତ ମିନି ଷ୍ଟାଡିୟମରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାବ୍ୟତୀତ ନୂଆଗାଁ, ବିଶ୍ରା, ଲାଠିକଟା, କୁଆଁରମୁଣ୍ଡା ପିଏଚସିରେ ମଧ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହି ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ହିତାଧିକାରୀ ପରିବାର ପିଛା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବାବେଳେ ମହିଳା ହିତାଧିକାରୀଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା ପ୍ରଦାନ କରାଯିବ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପାଠାଗାର କର୍ମକର୍ତ୍ତା।

# ୧୪ରେ ଆଦର୍ଶ ପାଠାଗାରର ବିଷୁବ ମିଳନ

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆଦର୍ଶ ପାଠାଗାରର ମହାବିଷୁବ ମିଳନ ତଥା ପଣା ସଂକ୍ରାନ୍ତି ଆସନ୍ତା ୧୪ ତାରିଖ ସନ୍ଧ୍ୟାରେ ଭଞ୍ଜ ଭବନ ପରିସରସ୍ଥ ଆଦର୍ଶ ସାହିତ୍ୟ ଘରଠାରେ ପାଳନ କରାଯିବ। ଏ ନେଇ ପାଠାଗାରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପ୍ରଦୀପ କୁମାର ପଣ୍ଡାଙ୍କୁ ବିଷୁବ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବ। ଏହାସହ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ଚନ୍ଦନ ସ୍ମୃତି ପୁରସ୍କାର ପ୍ରଦାନ କରାଯିବ। ଏହାସହ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ବୈଠକରେ ରାଧାକାନ୍ତ ମିଶ୍ର, ବିଜୟ କୁମାର ପାତ୍ର, ପଞ୍ଚାନନ ପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ଡା. ବସନ୍ତ କୁମାର ଦାସ, ପର୍ଶୁରାମ ପଟ୍ଟନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ଦୀନବନ୍ଧୁ ରଥ, ଟୁକୁଲା ପାଢ଼ୀ, ଏମ୍. ପଣ୍ଡା, ଟି. ମଧୁସୂଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଷା, ସଂସ୍କୃତି ବ୍ୟକ୍ତିର ପରିଚୟ

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ଶୁକ୍ରବାର ଓଡିଆ ପକ୍ଷ ପାଳିତ ହୋଇଯାଇଛି। ଏ ନେଇ ଭାଷା, ସାହିତ୍ୟ ଏବଂ ସଂସ୍କୃତି ତଥା ଓଡ଼ିଆ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଓଡିଆ ସାହିତ୍ୟ ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ବରିଷ୍ଠ ଶିକ୍ଷାବିତ୍ ହରିହର ବେହେରା ଉଦ୍‌ଘାଟନ କରିଥିଲେ। ସାହିତ୍ୟ, ସଂସ୍କୃତି ବିହୀନ ମଣିଷ ଜୀବନ ବ୍ୟର୍ଥ। ସାହିତ୍ୟ କବିତା ସୃଜନ ଶକ୍ତିକୁ ଶାଣିତ କରେ ଓ ସାହିତ୍ୟ ଗଳ୍ପ ବୋଧଗମ୍ୟ ହୋଇଥାଏ ବୋଲି ବେହେରା କହିଥିଲେ। ଅଧ୍ୟକ୍ଷ ପଣ୍ଡା କହିଥିଲେ, ପ୍ରତ୍ୟେକ ବ୍ୟକ୍ତିର ପରିଚୟ ହେଉଛି ତାର ଭାଷା ଓ ସଂସ୍କୃତି। ଉପନ୍ୟାସ ହେଉଛି ଜୀବନ୍ତ ସାମାଜିକ ଅବସ୍ଥାର ପ୍ରତିଛବି ବୋଲି ସେ କହିଥିଲେ। ପରେ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ କବିତା ପାଠ, ଗଳ୍ପ ଲିଖନ, ଉପନ୍ୟାସ ଏବଂ ପ୍ରବନ୍ଧ ପାଠ ଭିତ୍ତିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ୧୯ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ମନିଷା କୁଜୁର(୧ମ), କ୍ରୀଷ୍ଟା ସିଂ(୨ୟ) ଓ ଜୟନ୍ତୀ ମାଝୀ(ତୃତୀୟ ସ୍ଥାନ) ହାସଲ କରି ପୁରସ୍କୃତ ଏବଂ ସମ୍ମାନୀତ ହୋଇଥିଲେ।

# ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର ପଦକ୍ଷେପ କ୍ରମେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକର ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ଆଲିମକୋ (କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ) ସହିତ ମିଳିତ ଭାବେ ୧୫୬ଟି କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ବଣ୍ଟନ କରିଛି। ରାଜଗାଙ୍ଗପୁର ବ୍ଲକ ଅଫିସରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆରଏସ୍‌ପି ସିଏସ୍‌ଆର ବିଭାଗ ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର ଆରଏସ୍‌ପିର ପ୍ରତିନିଧିତ୍ୱ କରିଥିଲେ। ରାଜଗାଙ୍ଗପୁର ବିଡିଓ ଓ ରାଜଗାଙ୍ଗପୁର ମ୍ୟୁନିସିପାଲ କର୍ପୋରେଶନ ଉପାଧ୍ୟକ୍ଷଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ବ୍ୟାଟେରି ଚାଳିତ ମୋଟର ଚାଳିତ ଟ୍ରାଇସାଇକେଲ, ହାତ ଚାଳିତ ଟ୍ରାଇସାଇକେଲ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ସ୍ମାର୍ଟ/ସୁଗମ୍ୟ ବେତ, ସ୍ମାର୍ଟ ଫୋନ, ଆଶାବାଡି ଆକ୍ସିଲା ସହ ଅନ୍ୟାନ୍ୟ ସହାୟକ ଉପକରଣ ୬୦ଜଣ ଦିବ୍ୟାଙ୍ଗ ଏବଂ ୮ଜଣ ବରିଷ୍ଠ ନାଗରିକଙ୍କୁ ବିତରଣ କରିଥିଲେ।



କାର୍ଯ୍ୟକ୍ରମରେ ସହାୟକ ଉପକରଣ ବଣ୍ଟନ କରାଯାଉଛି।

# କୋଏଲ ନଗରରେ ସ୍ୱାସ୍ଥ୍ୟ ସେବା ଶିବିର

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର କୋଏଲନଗରସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହାଇଟେକ୍ ମେଡିକାଲ କଲେଜର ସହ ମହାପ୍ରବନ୍ଧକ ଶୁଭାଶିଷ ତ୍ରିପାଠୀ ଓ ସହଯୋଗୀ ଅଙ୍କିତ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିବିରରେ ଗ୍ୟାଷ୍ଟ୍ରୋଲୋଜିଷ୍ଟ ଡାକ୍ତର ଜୟନ୍ତ ନନ୍ଦ ଯୋଗଦେଇ ରୋଗୀ ଚିକିତ୍ସା କରିବା ସହ ଔଷଧ ବିତରଣ କରିଥିଲେ। ଏଥିରେ ମେଡିସିନ ବିଭାଗ ଡାକ୍ତର ପ୍ରଯୁକ୍ତି ବିଶ୍ୱାଳ, ଡାକ୍ତର ରତିକାନ୍ତ ସେଠୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲ ତରଫରୁ ପାବନୀ ପାଣିଗ୍ରାହୀ, ସଙ୍ଗୀତା ଓରାମ, ସଞ୍ଜୁକ୍ତା କୁଜୁର, ରାଧିକା ଏକ୍କା, ଜ୍ଞାନରଞ୍ଜନ ଦାସ, ସାଗରଦୀପ ରାଉତ ଓ ଅବସର ଭବନ ସଭାପତି ଅଭୟ କୁମାର ଦାସ, ସମ୍ପାଦକ ପ୍ରେମାନନ୍ଦ ସାମଲ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଆମ ସଂସ୍କୃତି, ଆମ ପରମ୍ପରା ଆଲୋଚନାଚକ୍ର

ରାଉରକେଲା,୧୧।୪(ଦିନେଶ ମିଶ୍ର)

ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ଆମ ସଂସ୍କୃତି ଓ ଆମ ପରମ୍ପରା ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ୧୧ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। କଲେଜର ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସମର ମୁଦାଲି ମୁଖ୍ୟ ଅତିଥି, ଶମ୍ଭୁନାଥ ପରିଡା, ଗବେଷିକା ଡ. ଅର୍ନ୍ତଜିତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗ ଅଧ୍ୟାପିକା ବୈଦେହୀ ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାଜି ରାଉତ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମୁଦୁଲି ଓ ଗ୍ରନ୍ଥକାର ଡ. ଅର୍ନ୍ତଜିତା ନାୟକ ବିଚାରକ ଭାବେ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଅନୀଲ କୁମାର ଦାସ, ଶଶଧର ପାତ୍ର, ସୁବ୍ରତ ମଲ୍ଲିକ, ଜଗନ୍ନାଥ ରାଉତ, ଗଙ୍ଗାଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। ମ୍ୟୁନିସିପାଲ ମହାବିଦ୍ୟାଳୟର ଦୀପକ କୁମାର ସାହୁ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରସ୍ମିତା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଇସ୍ପାତ ବିଦ୍ୟା ମନ୍ଦିରର ଶୁଭସ୍ମିତା ସେନାପତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ବିଜେତା ଫଳକ ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ବିଜୟୀ ପ୍ରତିଯୋଗୀ।

# ମା' ତାରିଣୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ରାଉରକେଲା,୧୧।୪( ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ନିକଟସ୍ଥ ଜୟ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ମା' ତାରିଣୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ହୋମଯଜ୍ଞରେ ଚଣ୍ଡୀପାଠ ସହ ପୂର୍ଣ୍ଣାହୁତି କରାଯାଇଥିଲା। ଏଥିରେ ସ୍ଥାନୀୟ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ସିନ୍ଦୁର ବେଶକୁ ଦର୍ଶନ କରିଥିଲେ। ସମାଜସେବୀ କହରା ଜେନା, ସଭାପତି ବାସୁଦେବ ବରାଳ, ଟୁନୁ କର, ଅମୀୟ ପୋଥାଳ, ଶୁଶାନ୍ତ ନାୟକ, ଗଙ୍ଗାଧର ବାରିକ, ମଧୁସୂଦନ କର, ଦିବ୍ୟ ପଣ୍ଡା, ସଂଗ୍ରାମ ସାଗର, ବାଜିଆ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଅଲ୍ ଇଣ୍ଡିଆ ଫୁଟ୍‌ବଲ: ସେମିରେ ଆର୍‌ଏସ୍‌ଏ

ରାଉରକେଲା,୧୧।୪(ଦିନେଶ ମିଶ୍ର)

ରାଉରକେଲା ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ଆୟୋଜିତ ୧୯ତମ ଅଲ୍ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ଶୁକ୍ରବାର ଶେଷ ହୋଇଛି। ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଓ ଫ୍ରେଣ୍ଡସ ୟୁନିୟନ କ୍ଲବ କଲିକତା ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆରଏସ୍‌ଏ) ଦଳ କଲିକତା ଦଳକୁ ୪-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କଲିକତା ଦଳ ବିପକ୍ଷରେ ଆରଏସ୍‌ଏ ଦଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ଠିକ୍ ୪୧ ମିନିଟ୍‌ରେ ସୁରେଶ ଖାଡିଆ ପ୍ରଥମ ଗୋଲ ମାରିଥିବାବେଳେ ୪୩ ମିନିଟ୍‌ରେ ଫରିଦ ଖାନ ଦ୍ୱିତୀୟ ଗୋଲ ମାରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିଲେ। ପରେ ଓମ୍ କାଲିନାଡା ୫୨ ମିନିଟ୍ ଓ ଅଭିଷେକ ସମନ୍ ୮୩ ମିନଟ୍‌ରେ ଦୁଇଟି ଗୋଲ୍ ମାରି ଦଳକୁ ୪-୦ ଗୋଲରେ ବିଜୟୀ କରିଥିଲେ। ଏହି ମ୍ୟାଚ୍‌ରେ ସୁରେଶ ଖାଡିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରି ଭାବେ ଦିଲୀପ କୁମାର ରାଉତ, ଲିଙ୍ଗରୁସ୍ ପ୍ରଧାନ, ଆଶୀର୍ବାଦ କାନୁନଗୋ ଓ ରୋଶନ ଖାନ୍ ମ୍ୟାଚ୍ ପରିଚାଳନା କରିଥିଲେ। ରାଉରକେଲାର ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ପି. କେ. ବର୍ମା ମୁଖ୍ୟ ଅତିଥି, ଆର. ପି ଗୁପ୍ତା ଓ ପ୍ରମୋଦ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶନିବାର ରେଲୱେ ଚକ୍ରଧରପୁର ଓ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ରାଉରକେଲା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି।



ପଡିଆରେ ଅତିଥିମାନଙ୍କ ସହ ଖେଳାଳି।

# ଆଗକୁ ବଢୁନି ନିର୍ମାଣ କାମ

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ବହୁମୁଖୀ କୃଷି ବିଜ୍ଞାନ କେନ୍ଦ୍ର**




ରାଉରକେଲା ପାନପୋଷ ଓ ବଣେଇ ଉପଖଣ୍ଡ ଅଧୀନ ଲାଠିକଟା, କୁଆଁରମୁଣ୍ଡା, ବିଶ୍ରା, ନୂଆଗାଁ, ବଣେଇ, ଲହୁଣୀପଡା, ଗୁରୁଣ୍ଡିଆ ଓ କୋଇଡା ଆଦି ୮ଟି ବ୍ଲକର ପ୍ରାୟ ୧୩ହଜାର ଚାଷୀଙ୍କୁ ଉଦ୍ୟାନ କୃଷି କ୍ଷେତ୍ରରେ ସହଯୋଗ କରିବା ପାଇଁ ପାନପୋଷଠାରେ କୃଷି ବିଜ୍ଞାନ କେନ୍ଦ୍ର ରହିଛି। ଏହି କେନ୍ଦ୍ର ଜରାଜୀର୍ଣ୍ଣ ହୋଇପଡିଥିବାରୁ ଏହାର ନୂତନ ଅଫିସ, ହଷ୍ଟେଲ, ଗବେଷଣା ଓ ତାଲିମ କେନ୍ଦ୍ର ଆଦି ନିର୍ମାଣ ପାଇଁ ବାଙ୍କିଆଠାରେ ସରକାରଙ୍କ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା। ଏଥିପାଇଁ ସରକାର ଅର୍ଥ ବରାଦ କରିଥିବାବେଳେ କେବଳ ପାଚେରି ନିର୍ମାଣ କରାଯାଇଛି। ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହି କାମ ଆଗକୁ ବଢିପାରୁ ନ ଥିବା ଜଣାପଡିଛି। ଫଳରେ ଉଦ୍ୟାନ କୃଷି କରିବା ପାଇଁ ଆଗ୍ରହୀ ଚାଷୀମାନେ ସରକାରଙ୍କ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ପ୍ରକାଶ ଥାଉକି, ପାନପୋଷ ଓ ବଣେଇ ଉପଖଣ୍ଡର ଚାଷୀମାନଙ୍କୁ ଉଦ୍ୟାନ ଚାଷୀମାନଙ୍କ ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ନୂତନ ଅଫିସ, ଗବେଷଣାଗାର, ତାଲିମ କେନ୍ଦ୍ର ଆଦି ନିର୍ମାଣ ପାଇଁ ବାଙ୍କିଆଠାରେ ଆର୍‌ଏସ୍‌ପିର ୫୦ ଏକର ଜାଗା ଚିହ୍ନଟ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଜାଗାକୁ ନେଇ ସ୍ଥାନୀୟ ଲୋକେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ୨୦୧୫ରେ ହାଇକୋର୍ଟଙ୍କ ଆଦେଶ କ୍ରମେ ଉକ୍ତ ଜମି ରାଜ୍ୟ ସରକାରଙ୍କ ଅଧୀନକୁ ଆସିଲା। ୨୦୨୩ରେ କୃଷି ବିଜ୍ଞାନ କେନ୍ଦ୍ରର ପାଚେରି ନିର୍ମାଣ କାମ ଆରମ୍ଭ ହେଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରି କାମ କରାଇ ଦେଲେ ନାହିଁ। ଫଳରେ କୃଷଇ ବିଜ୍ଞାନ କେନ୍ଦ୍ର କାମ ଆଉ ଆଗକୁ ବଢିପାରିଲାନି। ଏହା କେବଳ ପାଚେରି ମଧ୍ୟରେ ସୀମିତ ରହିଗଲା। ଅନ୍ୟପକ୍ଷେ ଏସବୁ ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ଓ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବାଙ୍କିଆସ୍ଥିତ ୫୦ଏକର ଜମି ପରିବର୍ତ୍ତେ ଅନ୍ୟ ସ୍ଥାନରେ ବହୁମୁଖୀ କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ କରିବା ପାଇଁ ଜାଗା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏଥିସହ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲାପାଳ ଏବଂ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ମଧ ଅବଗତ କରାଯାଇଛି। ମାତ୍ର ଏଯାଏଁ ନାଁ ଏହି ସମସ୍ୟାର ସମାଧାନ ହୋଇପାରିଛି ନା ବିଭାଗକୁ କେନ୍ଦ୍ର ସ୍ଥାପନ ପାଇଁ ଅନ୍ୟତ୍ର ଜାଗା ମିଳିପାରିଛି। ଫଳରେ ବହୁମୁଖୀ କୃଷି ବିଜ୍ଞାନ ପ୍ରକଳ୍ପ ଆଶା ଆଶଙ୍କାରେ ରହିଯାଇଛି।

ଏ ନେଇ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨ର ବରିଷ୍ଠ ବୈଜ୍ଞାନିକ ତଥା ବିଭାଗ ମୁଖ୍ୟ ଜୟନ୍ତ ପତିଙ୍କୁ ପଚାରିବାରୁ ସେ କହିଲେ, ଦୀର୍ଘ ୩ବର୍ଷ ହେଲା ବହୁମୁଖୀ ଉଦ୍ୟାନ କୃଷି ବିଜ୍ଞାନ ପ୍ରକଳ୍ପ ସ୍ଥାପନ ପାଇଁ ପର୍ଯ୍ୟାପ୍ତ ଅନୁଦାନ ରହିଛି। ମାତ୍ର ବାଙ୍କିଆରେ ମିଳିଥିବା ୫୦ଏକର ଜାଗାରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ କାମ ଆଗେଇ ପାରୁନାହିଁ। ଅନ୍ୟତ୍ର ଜାଗା ବ୍ୟବସ୍ଥା କରିବା ପାଇଁ ଆମେ ସରକାରଙ୍କୁ ଲିଖିତ ଭାବେ ଜଣାଇସାରିଛୁ। ଆଗକୁ ସରକାର ଓ ପ୍ରଶାସନ ଦ୍ୱାରା ଏହାର ସମାଧାନ ହୋଇପାରିବ ବୋଲି ପତି କହିଥିଲେ।

## ସଂକ୍ଷେପରେ

### ଭୂମିହୀନ, ବାସହୀନଙ୍କ ସମସ୍ୟା ଆଲୋଚନା କଲେ ଭାଜପା ନେତା

ଝାରସୁଗୁଡ଼ା,୧୧ା୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌର ପରିଷଦ ୱାର୍ଡ ନମ୍ବର ୫ ଓ ୬ରେ ଥିବା ଭୂମିହୀନ ଓ ବାସହୀନ ପରିବାରମାନଙ୍କ ସହ ଆଲୋଚନା କରିଛନ୍ତି ଜିଲା ଯୁବ ଭାଜପା ନେତା ସୁଧାଂଶୁ ଦୋରା। ପୌର ପରିଷଦର ୱାର୍ଡ ନମ୍ବର ୫ ଓ ୬ରେ ଅନେକ ବାସହୀନ ଓ ଭୂମିହୀନ ଲୋକ ରହୁଛନ୍ତି। ଯେଉଁମାନଙ୍କ ବର୍ତ୍ତମାନ ପର୍ଯ୍ୟନ୍ତ ଘର ନାହିଁ କି ନିଜସ୍ୱ ଭୂମି ନାହିଁ। ଏହିପରି ଲୋକମାନେ ବର୍ତ୍ତମାନ ରାଜ୍ୟରେ ଚାଲିଥିବା ମୋହନ ସରକାର ବିଭିନ୍ନ ଯୋଜନାରେ ସାମିଲ ହୋଇ କିପରି ଭାବେ ଘର ଓ ଭୂମି ପାଇପାରିବେ ସେଥିପ୍ରତି ଭାଜପା ନେତା ସୁଧାଂଶୁଙ୍କ ନେତୃତ୍ୱରେ ଆଲୋଚନା ହୋଇଥିଲା। ଏହା ଶୀଘ୍ର କେମିତି ଲୋକମାନେ ପାଇ ପାରି ଲାଭବାନ ହେବେ ଏ ନେଇ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ।

### ଝାରସୁଗୁଡ଼ା ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ



ଝାରସୁଗୁଡ଼ା,୧୧ା୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଗୁରୁବାର ଝାରସୁଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରି ଅନେକ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସଦର ବ୍ଲକ ଖେରୁଆଲ୍‌ଠାରେ ଶିବ ମନ୍ଦିର ପାଚେରି ନିର୍ମାଣ ପାଇଁ ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ କ୍ଷେତ୍ର ବିକାଶ ପକ୍ଷରୁ ୨ ଲକ୍ଷ ଟଙ୍କା, ହିର୍ମା ୟୁପି ସ୍କୁଲ୍‌ରେ ବାଉଣ୍ଡରି ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା, ମରାକୁଟା ଗ୍ରାମ ର ରଧମାଧବ କ୍ଲବର ସୌନ୍ଦର୍ଯ୍ୟକରଣ ପାଇଁ ୨ଲକ୍ଷ ଟଙ୍କା, ମରାକୁଟା ଗ୍ରାମ ବିଜାଡିହିସ୍ଥିତ ଓରାମ ପଡ଼ାରେ ୨ ଲକ୍ଷ ଟଙ୍କା, ଜମେରା ପଞ୍ଚାୟତରେ ୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଭାଗବତ ଗୁଡ଼ି, ଏଚ କଣ୍ଟାପାଲିରେ ଓ ଦୁର୍ଲାଗା ଗ୍ରାମ କାଲୋପଡାରେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତାର ଶିଳାନ୍ୟାସ ସହିତ ଦେଢ଼ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ତାଳପଟିଆ ସ୍କୁଲ ପାଚେରି ଶିଳାନ୍ୟାସ ବିଧାୟକ ତ୍ରିପାଠୀ କରିଥିଲେ। ଏହି ସମୟରେ ଜିଲା ପ୍ରଶାସନ ପକ୍ଷରୁ ପିଏଆଟିଡିଏ ସଞ୍ଜୀବ କୁମାର ପଟେଲ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ହେମରଞ୍ଜନ ସିଂ, ଭାଜପା ବରିଷ୍ଠ ନେତା ପ୍ରମୋଦ ତ୍ରିପାଠୀ, କ୍ରୀଷ୍ଣା ମୁରାରି ସିଂ, ଦିଲୀପ ନାୟକ, ପ୍ରେମ ସେନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ମହାସିଂ ଗ୍ରାମରେ କୃତ୍ରିମ ଜଳକଷ୍ଟ

ଲଖନପୁର,୧୧ା୪(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ସବୁଦିନିଆ ଜଳ କଷ୍ଟକୁ ଦୂର କରିବା ପାଇଁ ୨ଟି ବୃହତ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଗାଁକୁ ଗାଁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ମଣିଷ କୃତ ଜଳ କଷ୍ଟ ଭୋଗୁଛନ୍ତି ପଲସଦା ପଞ୍ଚାୟତ ମହାସିଂ ଗ୍ରାମବାସୀ। ସୂଚନା ଅନୁଯାୟୀ ମହାସିଂ ଗାଁ ଦେଇ ୩୩ ହଜାର ବିଦ୍ୟୁତ୍ ପାଇଁ ପାନୀୟ ଜଳ ପାଇପ ଲାଇନ ଉପରେ ଖୁଣ୍ଟ ପାଇଁ ଗାତ ଖୋଳିବା ଯୋଗୁ ପାଇପ୍ ଲାଇନ ଫାଟି ପ୍ରାୟ ଗୋଟିଏ ମାସରୁ ଅଧିକ ଦିନ ଧରି ଏହି ଗାଁର ଜଳଯୋଗାଣ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଛି। ବିଦ୍ୟୁତ୍ କାମ କରୁଥିବା ସଂସ୍ଥା କର୍ମଚାରୀଙ୍କୁ ମଧ୍ୟ ଗ୍ରାମବାସୀ ଫାଟି ଯାଇଥିବା ପାଇପ ଲାଇନ ମରାମତି କରିବାକୁ କହୁଥିଲେ ହେଁ ଶୁଣୁ ନ ଥିବାରୁ ଏହି ଗାଁର ୫ ଶହ ଗ୍ରାମବାସୀ କୃତ୍ରିମ ଜଳକଷ୍ଟ ଭୋଗୁଛନ୍ତି। ଏହି ସମସ୍ୟା ଗୁରୁତ୍ୱକୁ ଦେଖି ଏହାର ଶୀଘ୍ର ସମାଧାନ କରିବା ସହିତ ପାଇପ୍ ଲାଇନକୁ କ୍ଷତି ପହଞ୍ଚାଇଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମହାନଦୀକୁ ପ୍ରଦୂଷିତ କରୁଛି ଆଶ୍‌ପଣ୍ଡରୁ ନିର୍ଗତ ପାଉଁଶ ପାଣି

ଲଖନପୁର,୧୧ା୪(ଗୌତମ ସାହୁ)



ଏନ୍‌ଟିପିସି ଆଶ୍‌ପଣ୍ଡରୁ ନିର୍ଗତ ପାଣି ସୁଖାନରା ନାଳ ଦେଇ ଅମାପାଲିସ୍ଥିତ କେଲୋ ନଦୀରେ ମିଶୁଛି।

ପଡ଼ୋଶୀ ଛତିଶଗଡ଼ରେ ସ୍ଥାପିତ ଅନେକ କଳକାରଖାନା ବିଭିନ୍ନ ଉପାୟରେ ମହାନଦୀକୁ ପ୍ରଦୂଷିତ କରୁଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ସୀମାନ୍ତ ଜିରୋ ପଏଣ୍ଟରେ ସ୍ଥାପିତ ହୋଇଛି ପଡ଼ୋଶୀ ଛତିଶଗଡ଼ ରାଇଗଡ଼ ଜିଲା ଏନ୍‌ଟିପିସି। ଏନ୍‌ଟିପିସି ଲରା ୧୬ଶହ ମେଗାୱାଟ ବିଜୁଳି ଉତ୍ପାଦନ ପାଇଁ ପ୍ରାୟ ୬ଟି ବୃହତ କାୟ ଆଶ୍‌ପଣ୍ଡ ନିର୍ମାଣ କରିଛି। ଯାହାକି ଓଡ଼ିଶା ସୀମା ଜିରୋ ପଏଣ୍ଟରେ ରହିଛି। ଏହି ଆସପଣ୍ଡରୁ ନିର୍ଗତ ପାଉଁଶ ପାଣି ଆସପଣ୍ଡକୁ ଲାଗି ରହିଥିବା ସୁଖାନରା ନାଳ ଦେଇ ପାଖାପାଖି ୫୦୦ମିଟର ଦୂରରେ ଥିବା ସୀମାନ୍ତ ଅଞ୍ଚଳର ଜୀବନ ରେଖା କେଲୋ ନଦୀରେ ଅମାପାଲିସ୍ଥିତ ଗାଧୁଆ ଘାଟ ମୁହାଣରେ ମିଶି କୁସମେଲ ନିକଟର ମହାନଦୀ ମୁହାଣରେ ଓଡ଼ିଶାର ଜୀବନରେଖା ମହାନଦୀରେ ମିଶୁଛି। ଏହି ପ୍ରଦୂଷିତ ଆସ ପାଣି ଉଭୟ କେଲୋ ନଦୀ ଓ ମହାନଦୀରେ ମିଶିବାରୁ ଏହି ନଦୀ ଦ୍ୱୟ ସ୍ୱଚ୍ଛ ପାଣି ଗୋଳିଆ ହେବା ସାଙ୍ଗକୁ ବିଭିନ୍ନ ପ୍ରଜାତିର ମାଛ ପ୍ରାୟ ବିଲୁପ୍ତ ହେବାକୁ ବସିଲେଣି ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି ପୂର୍ବରୁ ଏହି ଆସପଣ୍ଡ ଭାଙ୍ଗି ଥିବା ନଜିର ରହିଛି। ନଦୀ ନାଳରୁ ବେଶ ଦୂରରେ ଆସପଣ୍ଡ ନିର୍ମାଣ ହେବା ବଦଳରେ କିଭଳି ଭାବେ କେଲୋ ନଦୀରୁ ଅଳ୍ପ ଦୂରରେ ଆସପଣ୍ଡ ନିର୍ମାଣ ହୋଇଛି ବୋଲି ଅଞ୍ଚଳ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ମାତ୍ରାଧିକ ଜିଲାକୁ ମହାନଦୀ ବିଶୁଦ୍ଧ ପାନୀୟଜଳ ଯୋଗାଇଥିବା ବେଳେ ଉପର ମୁଣ୍ଡରେ ଥିବା ଏହି ବୃହତ ପ୍ରକଳ୍ପ ଯୋଗୁ ଆଗାମୀ ଦିନରେ ଜୀବନରେଖା ମହାନଦୀ ତାର ଅସ୍ତିତ୍ୱ ହରାଇବ ବୋଲି ଶଙ୍କା ଦେଖା ଦେଇଛି। ଜିଲା ସଦର ମହକୁମା ଏହି ସୀମାନ୍ତ ଅଞ୍ଚଳରୁ ଦୂରତା ପ୍ରାୟ ୮୦ କିଲୋମିଟରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଏହି ସବୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ନିଯୁକ୍ତ କର୍ମଚାରୀଙ୍କ ଏଭଳି ସମସ୍ୟା ପ୍ରତି ନଜର ପଡୁ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ସମସ୍ୟା ସ୍ଥାୟୀ ସମାଧାନ କରିବା ସହିତ ପ୍ରଦୂଷଣ କରୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ପରିବେଶ ପ୍ରେମମାନେ ଦାବି କରିଛନ୍ତି। ଝାରସୁଗୁଡ଼ା ପ୍ରଦୂଷଣ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ପୂର୍ବରୁ ମଧ୍ୟ ଏହା ଉପରେ ଅଭିଯୋଗ ହୋଇଛି। ଆମେ ଏନ୍‌ଟିପିସି ଲରାକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲୁ ଓ ପୁଣି ଜାରି କରିବୁ ବୋଲି କହିଛନ୍ତି।

## କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ଏକକ କାର୍ଡ ବିତରଣ



କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼,୧୧ା୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ଗ୍ରାମପଞ୍ଚାୟତ ସଦର ମହକୁମାସ୍ଥିତ କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଲୋକ ସଭା ସଦସ୍ୟଙ୍କ ପ୍ରତିନିଧି ମୀନକେତନ ପ୍ରଧାନ, ବାରକୋଟ ବ୍ଲକ ଉପାଧ୍ୟକ୍ଷ ସୁମନ କୁମାର ବେହେରା, କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଦେବାଶିଷ ଗିରି, କଣ୍ଟାପାଲି ଗ୍ରାମପଞ୍ଚାୟତ ସରପଞ୍ଚ ତପସ୍ୱିନୀ ଶବର ଓ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ବାବୁ ସିଂ ପ୍ରମୁଖ ମଞ୍ଚାସୀନ ରହି ଉପରୋକ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଏହି ଯୋଜନା ଦ୍ୱାରା ସମସ୍ତ ବର୍ଗର ଲୋକେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଏକକ କାର୍ଡ ବିତରଣ କରାଯାଇଛି। ଶେଷରେ କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କେଦାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତଥିଲେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆକାଉଣ୍ଟାଣ୍ଟ, ବରିଷ୍ଠ କିରାଣିଙ୍କ ବଦଳି ଦାବି

ଝାରସୁଗୁଡ଼ା,୧୧ା୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଇକେରା ବ୍ଲକରେ ଶିକ୍ଷା ଅଧିକାରୀ, ଆକାଉଣ୍ଟାଣ୍ଟ ଓ ବରିଷ୍ଠ କିରାଣୀ ଲାଞ୍ଚ ମାଗୁଥିବା ଅଭିଯୋଗ କରି ତୁରନ୍ତ ସେମାନଙ୍କୁ ବଦଳି କରିବା ପାଇଁ ଗୋଷ୍ଠୀ ପ୍ରାଥମିକ ଶିକ୍ଷକ ସଂଘ ଜିଲା ଶିକ୍ଷା ଅଧିକାରୀଙ୍କଠାରେ ଶୁକ୍ରବାର ଦାବି କରିଛନ୍ତି। ଶିକ୍ଷକ ସଂଘଙ୍କ ଦାବି ଅନୁଯାୟୀ ଲଇକେରା ଗୋଷ୍ଠି ଶିକ୍ଷା ଅଧିକାରୀ ତନ୍ମୟୀ ଶୁଭଶ୍ରୀ ପିଙ୍କ, ଆକାଉଣ୍ଟେଣ୍ଟ ଏବଂ କିରାଣି ଶିକ୍ଷୟିତ୍ରୀଶିକ୍ଷକମାନେ ଗୋଷ୍ଠୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଲେ ଧମକ ଚମକ ଦେଉଛନ୍ତି। ଦରମା ସମ୍ବନ୍ଧୀୟ କାଗଜାତ ପତ୍ର ପାଇଁ ଲାଞ୍ଚ ମାଗୁଛନ୍ତି। ଠିକ ଭାବେ ଦୈନନ୍ଦିନ ବିଦ୍ୟାଳୟ ଆସୁନାହାନ୍ତି ତଥା ନାନା ଖରାପ କଥା କହି ମାନସିକ ନିର୍ଯାତନା ଦେଉଛନ୍ତି। ଏହାକୁ ବିରୋଧ କଲେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସେମାନେ ହଇରାଣ କରୁଛନ୍ତି। ଉପରୋକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ ସମ୍ପୃକ୍ତ ଥିବା ଅଧିକାରୀଙ୍କୁ ଲଇକେରା ବ୍ଲକରୁ ତୁରନ୍ତ ବଦଳି କରିବା ପାଇଁ ଗୋଷ୍ଠୀ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବେନ୍ଦ୍ର ରଣବିଡା, ସମ୍ପାଦକ ଦିଲୀପ କୁମାର ନାଇକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଦାବି କରିଛନ୍ତି। ଏ ନେଇ ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ତନ୍ମୟୀ ଶୁଭଶ୍ରୀ ପିଙ୍କ କହିଛନ୍ତି ଯେ ମୁଁ କିମ୍ବା ମୋର କୌଣସି ଅଧିକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନସିକ ନିର୍ଯାତନା ଦେଇନାହୁଁ। ଏମିତି କି ଲାଞ୍ଚ ନେବା କଥା ମଧ୍ୟ ଅସ୍ୱୀକାର କରିବା ସହ କେତେଜଣ ଶିକ୍ଷକ ମଦ୍ୟପାନ କରି କାର୍ଯ୍ୟାଳୟକୁ ଆସୁଥିବା କହିଛନ୍ତି।

## ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଜୟନ୍ତୀ ପାଳିତ

ଝାରସୁଗୁଡ଼ା,୧୧ା୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଓ ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୁଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବାଗ୍ମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୨୧ତମ ଜୟନ୍ତୀ ଲକ୍ଷ୍ମୀ ନାରାୟଣ କଲେଜରେ ଶୁକ୍ରବାର ପାଳିତ ହୋଇଯାଇଛି। ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜର ଡ. ପରେଶ ଚନ୍ଦ୍ର ଦାନିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକା ତଥା ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଓ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଗୌରୀଦାସ ପ୍ରଧାନ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ। ପଣ୍ଡିତ ମିଶ୍ର କେବଳ ଗାନ୍ଧିଜୀଙ୍କ ପରମ ଶିଷ୍ୟ ନ ଥିଲେ ବରଂ ଜଣେ ଭାଷାବିଦ ଭାବେ ଶ୍ରୀମଦ୍ ଭାଗବତ ଗୀତାକୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରିଥିଲେ। ଏହାସହିତ ଝାରସୁଗୁଡ଼ାଠାରେ ହରିଜନଙ୍କ ମନ୍ଦିର ପ୍ରବେଶ, ମଦ ବିରୋଧୀ ଆନ୍ଦୋଳନ, ପଞ୍ଚପଡାଠାରେ ଏକ ପ୍ରିଂଟିଂ ପ୍ରେସ ଖୋଲି ସ୍ୱାଧୀନ ଭାରତ ନାମକ ଏକ ପତ୍ରିକା ପ୍ରକାଶନ ତଥା ନିଜ ସହଯୋଗୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିହାରୀରାମ ତନ୍ତୀ, ଚିନ୍ତାମଣୀ ପୂଝାରୀ, ଚମନଲାଲ ଶ୍ରୀବାସ, କଷ୍ଟରାମ ତନ୍ତୀ ଆଦିଙ୍କ ସହଯୋଗରେ ଆନ୍ଦୋଳନ କରିବା ସହିତ ମହାତ୍ମା ଗାନ୍ଧୀଙ୍କୁ ଦୁଇଥର ଝାରସୁଗୁଡ଼ା ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥିମାନେ କହିଛନ୍ତି। ଇତିହାସ ଅଧ୍ୟାପକ ହିମାଂଶୁ ଶେଖର ମହାକୁଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଓଡ଼ିଶା ସାଂସ୍କୃତିକ ସମାଜର ସହସମ୍ପାଦକ ଲଳିତ ମୋହନ ବେବର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଅନୁଷ୍ଠାନର ଛାତ୍ରୀଛାତ୍ର ତଥା ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ।

## ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କଲେ ଜିଲାପାଳ

ବ୍ରଜରାଜନଗର/ଝାରସୁଗୁଡ଼ା, ୧୧ା୪
(ବିଜୟ ବରାଡ଼/ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ବ୍ରଜରାଜନଗର ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପଠାରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ଜିଲାପାଳ ଅବୋଲୀ ସୁନୀଲ ନରୱଣେ, ବରଗଡ ଏମ୍‌ପି ପ୍ରତିନିଧି ସୁନୀଲ କୁମାର ଦାସ, ବ୍ରଜରାଜନଗର ବିଧାୟକ ପ୍ରତିନିଧି ପ୍ରମୋଦ ସେନାପତି, ବ୍ରଜରାଜନଗର ନଗରପାଳ ଗୋପାଳ ସୀତାନି, ଡା. କ୍ଷେତ୍ର ମୋହନ କନ୍ଦ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମହେଶ ମୋହନ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଡା. ପ୍ରକାଶ ଚନ୍ଦ୍ର ଦଳେଇ, ଜୟପ୍ରକାଶ ପ୍ରଧାନ, ଡି ପି ଏମ୍ ବୁଲୁନାଥ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୭ଜଣଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା କାର୍ଡ ବିତରଣ କରାଯାଇଥିଲା। ବିପିଏମ ଚନ୍ଦ୍ରଭାନୁ ପଟେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟ କ୍ରମରେ ୧୦୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ୧୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସଚେତନତା ରଥ ଆରମ୍ଭ କରାଯାଇଛି। ପୋଖରାସାଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୋଜରାଜ ପଟେଲ, ବିଧାୟକ ପ୍ରତିନିଧି ରାଜେଶ ଦାଶ, କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ସଦର ବ୍ଲକ ଅନ୍ତର୍ଗତ ଶ୍ରୀପୁରା କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଦିଗାମ୍ବର ଭୋଇ, ସମ୍ମାନିତ ଅତିଥି ଭାବେ ଶ୍ରୀପୁରା ସରପଞ୍ଚ, ମଲଦା ସରପଞ୍ଚ, ହିର୍ମା ସରପଞ୍ଚ, ବିଶିଷ୍ଟ ଡାକ୍ତର ଜୟପ୍ରକାଶ ପ୍ରଧାନ ଓ ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ବଳବିନ୍ଦର୍ ସିଂ ଏବଂ ଗଙ୍ଗାଧର କଣ୍ଟ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ଲେଖକ ସମ୍ମିଳନୀ



ଯୁବ ଲେଖକ ସମ୍ମିଳନୀରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଝାରସୁଗୁଡ଼ା,୧୧ା୪(ଆଶିଷ ରଞ୍ଜନ ଦାଶ)

ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସରେ ଯୁବ ଲେଖକ ସମ୍ମିଳନୀ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟଠାରେ ଆୟୋଜିତ କବିତା, ଗଳ୍ପ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଜିଲାର ସମସ୍ତ ୧୦ଟି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କବିତାରେ ରଞ୍ଜୁ ଛଛାନ, ମମତା ରଣା ଓ ରୋହିଣୀ କୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରବନ୍ଧରେ ଧରିତ୍ରୀ ବାରିକ ପ୍ରଥମ, ସୁସ୍ମିତା ପଣ୍ଡା ଦ୍ୱିତୀୟ ଓ ସୁରଜ ରାଉଡ଼ିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଗଳ୍ପ ବିଭାଗରେ ଆରତୀ କିଷାନ ପ୍ରଥମ, ଆରତୀ ସା ଦ୍ୱିତୀୟ ଓ ଚୁମକି କାଲୋ ତୃତୀୟ ସ୍ଥାନ ହାସଲ କରିଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ସ୍ନେହଲତା ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ବିତରଣ କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ଅଞ୍ଜଳି ପଟ୍ଟନାୟକ, ବସନ୍ତ ନାଥ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ପ୍ରେମସାଗର ଦେହରିଆ ଓ ରାଧାମୋହନ ପାଣ୍ଡେ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ, ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ପ୍ରାଧ୍ୟାପକ ତପନ ବାରିକ, ପ୍ରାଧ୍ୟାପକ ଡ.ଲାଲଧାରୀ ସିଂହ ଓ ଡ. ମନିଷ ଦ୍ୱିବେଦୀ, ଚୁଡାମଣି ପଣ୍ଡା, ଆଲିଶ ପଟେଲ, ରାଜେଶ ସେଠ ଓ ଧୀରଜ ରୋଷନ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଜୀବନଶୈଳୀରେ ଉପଯୋଗକର

ଦେବଗଡ଼,୧୧ା୪(ଶଶାଙ୍କ ଶେଖର ଝାଙ୍କର)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରୀ।

**ଓଡ଼ିଆ ପକ୍ଷ ପାଳନ ଏକାଦଶ ଦିବସରେ ଯୁବ ଲେଖକ ସମ୍ମିଳନୀ**

ଓଡ଼ିଆ ପକ୍ଷ ପାଳନ ଏକାଦଶ ଦିବସରେ ଜିଲା ଉଚ୍ଚଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଦେବଗଡ଼ ମହାବିଦ୍ୟାଳୟରେ ଯୁବ ଲେଖକ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କବିତା, ପ୍ରବନ୍ଧ ଓ ଗଳ୍ପ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ଦେବଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସୁଦାମ ଚରଣ ପରିଡ଼ା, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟଅତିଥି ସାହୁ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନିଜ ଚିରାଚରିତ ଜୀବନଶୈଳୀରେ ଉପଯୋଗ କରିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୩ ବ୍ଲକର ୯ଟି ମହାବିଦ୍ୟାଳୟରୁ ଆସିଥିବା ୬୬ଜଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ଗଳ୍ପ ଓ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗଳ୍ପ ପ୍ରତିଯୋଗିତାରେ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବାରକୋଟର ମାମାଲି ସାହୁ ପ୍ରଥମ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଦେବଗଡ଼ର ରେଣୁକା କିଷାନ ଦ୍ୱିତୀୟ, ଦେବଗଡ଼ ମହାବିଦ୍ୟାଳୟର ସୂର୍ଯ୍ୟକାନ୍ତ ଲୁହା ତୃତୀୟ, ପ୍ରବନ୍ଧ ପ୍ରତିଯୋଗିତାରେ ଦେବଗଡ଼ ମହାବିଦ୍ୟାଳୟର ସିମରନ ସାହୁ ପ୍ରଥମ, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ବୁଢ଼ାପାଳର ଲିଙ୍ଗରାଜ ସାହୁ ଦ୍ୱିତୀୟ, ରିଆମାଳ ଡିଗ୍ରୀ ମହାବିଦ୍ୟାଳୟର ସୁଜାତା ରାଉତ ତୃତୀୟ, କବିତା ପ୍ରତିଯୋଗିତାରେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ବୁଢ଼ାପାଳର ପ୍ରିୟଙ୍କା ବେହେରା ପ୍ରଥମ, ଦେବଗଡ଼ ମହାବିଦ୍ୟାଳୟର ରୁକ୍ମିଣୀ ନାଏକ ଦ୍ୱିତୀୟ, ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବାରକୋଟ ସଞ୍ଜୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲା ସଂଯୋଜକ ଭାରତ ଭୂଷଣ ନନ୍ଦ, ଡ଼ ବିନିତା ମହାପାତ୍ର, ଚିତ୍ତରଞ୍ଜନ ଦାସ, ଅଧ୍ୟାପିକା ପ୍ରଭାତୀ ବେହେରା ବିଚାରକ ଭାବେ କାର୍ଯ୍ୟ ଏବଂ ବୁଲୁ ମୁଣ୍ଡା ନୋଡାଲ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ସମସ୍ତ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲ। କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ଦେବଗଡ଼ ଜିଲାରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ



ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୧୧ା୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ମୋଟ ୯ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଶୁଭାରମ୍ଭ ହୋଇଯାଇଛି। ଆନୁଷ୍ଠାନିକ ଭାବେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ କଟକର ବାଲିଯାତ୍ରା ପଡିଆରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଏବଂ ରାସାୟନିକ ସାର ମନ୍ତ୍ରୀ ଜେ.ପି. ନଡ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକକାଳୀନ ଏହି ଯୋଜନାଗୁଡିକର ଶୁଭାରମ୍ଭ କରଯାଇଥିଲା। ଏହିକ୍ରମରେ ଦେବଗଡ଼ କନ୍ଧଲ ପିଏଚ୍‌ସି ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ ସାହୁ, ଅଧ୍ୟକ୍ଷା ବାରକୋଟ ପଞ୍ଚାୟତ ସମିତି ପୁଷ୍ପାଞ୍ଜଳୀ ପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ବିଶ୍ୱମୋହନ ମିଶ୍ର, ଉପାଧ୍ୟକ୍ଷା ଜିଲା ପରିଷଦ ବର୍ଷାରାଣୀ ମୁଣ୍ଡା, କଣ୍ଢେଇ ସରପଞ୍ଚ ସବିତା ବେହେରା ଯୋଗ ଦେଇଥିଲେ। ଶୁଭାରମ୍ଭ ସମୟରେ ସ୍ୱାସ୍ଥ୍ୟ ସଚେତନା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା ଏବଂ ଏହା ଆସନ୍ତା ଏକ ସପ୍ତାହ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳ ପରିସରରେ ସଚେତନତା ରଥ କାର୍ଡ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସମ୍ବଳିତ ଅଡିଓ ବାର୍ତ୍ତା ଏବଂ ପ୍ରଚାର ପତ୍ର ବଣ୍ଟନ କରିବ। ଜିଲାରେ କଣ୍ଢେଇ କଣ୍ଟାପାଲି, କଂସର, ଲଇମୁରା, ପଳସମା, କୁଣ୍ଢେଇଗୋଲା, ବୁଢ଼ାପାଲ, ରିଆମାଳ, ଉରବାନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ୧୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପୌର ପରିଷଦ ପ୍ରଜିତ୍ କୁମାର୍ ଭୋଜ, ନିର୍ବାହୀ ଅଧିକାରୀ ପୌର ପରିଷଦ କୃପାସିନ୍ଧୁ ସ୍ୱାଇଁ, ଡିପିଏଚ୍‌ଓ ଦେବଗଡ଼ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡିଏମଓ- ଏମଏସ-କମ-ସୁପରିଣ୍ଟେଣ୍ଡେଣ୍ଟ ଡଃ ମନୋରଞ୍ଜନ ସାମଲ, ଡିପିଏମ ଏନ୍‌ଏଚ୍‌ଏମ ଦେବଗଡ଼ ଉମେଶ ପ୍ରସାଦ ଷଡ଼ଙ୍ଗୀ, ଏଏମ,ଆରବି ଏସକେ ଏଣ୍ଡ ଆରକେ ଏସକେ ମୀନା ଦେହୁରୀ, ଉପସ୍ଥିତ ଥିଲେ। ଦେବଗଡ଼ ଜିଲାରେ ୧ ଲକ୍ଷ ୭୮ ହଜାର ୮୨୦ ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି।

# ଯମ ଦର୍ଶନ

**ବ୍ୟଙ୍ଗ ଗଳ୍ପ**

**ରଞ୍ଜନ ସାହୁ**

ଗତ ରାତିରେ ଯମ ଆସିଥିଲେ। କହିଲେ, ରିଟାୟାରମେଣ୍ଟ ହେଲା ଏବେ ଚାଲ।

– ଏତେ ଶୀଘ୍ର! ସେମିତି ବି ଆଉରି ତିନି ମାସେ ଅଛି ଚାକିରି। ମୁଁ ସହସା ଜଣେଇଲି।

: ମୁଁ କ'ଣ ଜାଣିନାହିଁ? ତମମାନଙ୍କର ଟିକିନିଖି ବିବରଣୀ ଚିତ୍ରଗୁପ୍ତ ରଖିଛନ୍ତି। ତେବେ କ'ଣ ତିନି ମାସ ପରେ ଯିବ?

– ନା। ଆଉ କିଛିଦିନ ଯାଉ। ମୋତେ ମହଲତ କିଛି ଦିଅ। ଅନେକ କାମ ବାକି ଅଛି। ସେସବୁ ସାରିଦେବି। ତା'ପରେ...

: କି କାମ ସବୁ ଅଛି? ଆର ଥର ହସ୍ପିଟାଲରେ ପଡ଼ିଥିଲ, ଆସିଥିଲି ନେବା ପାଇଁ। ତମ ଛାତି କଟାହେଇଥିଲା। ଅନୁନୟ ବିନତି କଲ। ଗୁଡ଼ାଏ ମିଛ ବି କହିଲ। ଗାଲୁ କଥା ଶୁଣାଇଲ। ଅବସର ନେଲା ପର୍ଯ୍ୟନ୍ତ ସମୟ ମାଗିଲ।

– କେତେବେଳେ ମାଗିଲି? ମୁଁ ତ ତମକୁ ଦେଖିନାହିଁ।

: ଏତେ ମିଛ! ମନେପକା। ସେ ଛୋଟ କ୍ୟାବିନ୍‌ଟାରେ ତମେ ଶୋଇଥିଲ। ସାଲାଇନ ଲାଗିଥିଲା। ଜଣେ ସ୍ତ୍ରୀ ଲୋକ ମୁହଁ ଶୁଖେଇ ଚାହିଁଥିଲା। ସେ ବୋଧେ ତମ ଘରଣୀ। ମୁହଁରେ ଦୁଃଖ ଥିଲେବି ମନେମନେ ଖୁସି ହଉଥିଲା ଅବଳାଟି। ଭାବୁଥିଲା, ଏଥର ଈଶ୍ୱର ଏ ଜିଦିଆ ମର୍ଦ୍ଦଟାଠାରୁ ମୁକ୍ତି ଦେଇଦେବେ। ବାଇଶ ବର୍ଷ ହେଲା ବାହାଘର। ଦିନଟିଏ ବି ତା' ଧମକରୁ ତ୍ରାହି ମିଳିଲାନାହିଁ।

– ସେସବୁ ମୋତେ ଶୁଣିବାକୁ ଭଲ ଲାଗୁନାହିଁ। ଆମ ଘରୋଇ ବ୍ୟାପାରରେ ମୁଣ୍ଡ ନ ଖେଳେଇଲେ ବରଂ ଭଲ।

: ହଉ ଛାଡ଼। ଯମ କଥା ବଦଳେଇ ପୁଣି କହିଲେ– ମନେପଡ଼ିଲା ତ ଏବେ? ଦୟାକରି ସେଦିନ ଛାଡ଼ିଦେଇଗଲି। ଏବେ ଆସିଛି ବାହାର, ଯିବା।

– ଯାଆନ୍ତି ଯେ! ହେଲେ...



: ହେଲେ ପୁଣି କ'ଣ?

– କ'ଣ କହୁଥିଲି କି, ଅନେକ ଇମ୍ପୋର୍ଟାଣ୍ଟ କାମ ବାକି ରହିଯାଇଛି। ସେ ସବୁ ନ ସାରିଲେ ଅବସୋସ ରହିଯିବ। ଜଗୁ ଷଡ଼ଙ୍ଗୀ ଉପରେ ମୋର ବହୁତ ରାଗ। ପ୍ରତିଶୋଧ ନେବି ନେବି ବୋଲି ବୁଢ଼ା ହେଇଗଲି। ତାକୁ ପାନେ ଦେବାକୁ ଓର ଉଣ୍ଡୁଛି।

ଗଲା ସନ ଅବଶ୍ୟ ଭୁବନୀ ପରିଡ଼ାର ଚେର କାଟିଦେଇଛି। ଉପର ପାହ୍ୟାକୁ ଯିବ ବୋଲି ରାସ୍କେଲଟା ଭାରି ଚେଷ୍ଟା କରୁଥିଲା। ମୋ' ପଛରେ ପଦସ୍ଥ ଅଫିସରମାନଙ୍କୁ ତୋଷାମଦ କରୁଥିଲା। ହେଲେ ମୁଁ ବାଟ ଛାଡ଼ିଲିନି। ମୋତେ ନ ପଚାରି କୋଉ ଅଫିସର ମଞ୍ଜୁରୀ ଦେବ ହୋ! ଏ କ'ଣ ଗେଲ କଥା! ତଳିଆ କର୍ମଚାରୀ ହୋଇ ମୁଣ୍ଡରେ ଚଢୁଛି ଶଃ!

: ପରିଡ଼ା ଉପରେ ଏତେ କ୍ରୋଧ କିଆଁ? କ'ଣ କଲାକି?

– କ'ଣ କଲାକି କହୁଛ? କ'ଣ ନ କଲା କୁହ! ସେଇଟା ମୋତେ ଆଦୌ ଖାତିର କଲାନି। ଚକାଚକ୍ ପ୍ୟାଣ୍ଟ ଶାର୍ଟ ପିନ୍ଧି, ଉଡ୍‌ଲ୍ୟାଣ୍ଡ ଜୋତା ପିନ୍ଧି ଓଟ ଭଳିଆ ମୋ' ଆଗରେ ପଳେଇବ। କୋଣ ଆଖିରେ ଚାହିଁବନି। ଏଗୁଡା କ'ଣ ସହି ହେବ? ସେଦିନ ନୀଳଶାର୍ଟ ଉପରେ ମୋଦି ଜ୍ୟାକେଟ୍ ପିନ୍ଧି ଯାଉଥିଲା। ମୋତେ ଦେଖିଲାମାତ୍ରେ ଜ୍ୟାକେଟ୍‌ର ବେକ ପାଖ ବୋତାମ ଦେଇ ଛାତି ଫୁଲେଇଦେଲା। ଯେଟା କ'ଣ ମୋ' ପ୍ରତି ଅବମାନନା ନୁହଁ? ପିନ୍ଧିଲା ତ ପିନ୍ଧିଲା, ଜ୍ୟାକେଟ୍‌ଟାର ବୋତାମ ସବୁକୁ ଟାଇଟ୍ କରି ଦେଇ ଛାଣ୍ଟ କାଣ୍ଟ କାହିଁକି ଦେଖେଇଲା! ଆଉ ପୁଣି ମୋ' ପାହ୍ୟାକୁ ଆସିବ ବୋଲି ଲାଗିଛି ବଦମାସଟା। ମୋ' ପୋଜିଶନକୁ ଆସିଗଲେ ଆଉ ମାନିବଟି! ତାକୁ ଛାଡ଼ିବି ନାହିଁ। ଆଉ କିଛିଦିନ ଦିଅ ତା' ବାପଗୋସାଁପ ନାଁ ମନେପକେଇଦେବି। କଥାରେ ଅଛି: ''ଶତ୍ରୁକୁ ମାରିବ ବଲମରେ, ତଳତଳିଆଙ୍କୁ ମାରିବ କଲମରେ।''

ଆଉ ଜଣେ ଅଛି। ଦିବାକର ଖଣ୍ଟୁଆଳ। ମୋ' ପଡ଼ୋଶୀ। ତାକୁ ଔଷଧ ଚଖେଇବି। ତା' ନାଆଁରେ କୋର୍ଟରେ ମାମଲା ରୁଜୁ କରିଛି। ଛୋଟଲୋକଟାକୁ ସମୂଳେ ଧ୍ୱଂସ କରିଦେବି। ତିନିହାତ ଜାଗା ମୋର ମାଡ଼ି ବସିଛି। ଦି'ବର୍ଷ ହେଲାଣି କଚେରି ଯାଉଛି। ଓକିଲ କହୁଛି ତାରିଖ ପଡ଼ିନି। ଆଉ କିଛି ବର୍ଷ ଲାଗିବ।

: ଆଚ୍ଛା କୁହ, ଏସବୁ କାମ ସାରିବାକୁ କେତେଦିନ ଲାଗିବ? ଯମ ନିର୍ବିକାର ସ୍ୱରରେ ପ୍ରଶ୍ନ କଲେ।

– ଠିକ୍‌ରେ କହିହେଉନି। ତଥାପି... ହଁ ମନେପଡ଼ିଲା। ମର୍ନିଂୱାକ୍ ବେଳେ ମାଳତୀକୁ ଦେଖିଲି। ବୁଢ଼ୀ ପରି ଦିଶିଲାଣି। ବହୁତ ପ୍ରେମ ଥିଲା ତା' ପାଖରେ। ସେତେବେଳେ ମୋତେ ରିଜେକ୍ଟ କରିଦେଇଥିଲା। ଏବେ ଦେଖି ହସୁଛି। ନୟନପ୍ରୀତି ବି ହେଲାଣି କେତେଥର। ଆଗରୁ କୋଉଠିଥିଲା କେଜାଣି! ଏବେ ପୁଅ ପାଖରେ ଆସି ରହୁଛି। ଚାଳିଶ ବର୍ଷ ପରେ ଦେଖା।

: ହଉ ଦେଖା ହଉ। ଆଉ ଏବେ ସେ ନୁଉଁଛୁଣା କଥାରେ କାହିଁ ମାତୁଛ? ସମୟ ଯିବ, ଅର୍ଥ ଯିବ। ତା' ସହିତ ମାନମହତ ବି ପଦାରେ ପଡ଼ିବ। ବରଂ...

– ନା ଆପଣ ଜାଣିନାହାନ୍ତି। କିଛି ହେବନି। କିଏ କାହିଁକି ଜାଣିବ କି! ମୁଁ ଭାବୁଛି ଏଇ ବର୍ଷକ ଭିତରେ ତାକୁ କରାୟତ୍ତ କରିନେବି।

: ହଉ ଯାହା ଭାବୁଛ କର। ଏ ସବୁ କାମ ସାରିବାକୁ ଆଉ କେତେ ବର୍ଷ ଦରକାର କୁହ।

– ବେଶୀ ନୁହେଁ। ଆଉ ଦଶ କିମ୍ବା ଏଗାର ବର୍ଷ। ଏବେ ଷାଠିଏ ହେଲା। ସତୁରିବେଳକୁ ସବୁ ସାରିଦେବି।

: ତେବେ ମୁଁ ଯାଉଛି। ସେତେବେଳେ ଆସିବି।

– ଆଜ୍ଞା ଯାଆନ୍ତୁ। ମୋର କାମ ସରିଲେ ମୁଁ ହ୍ୱାଟ୍‌ସଆପ୍‌ରେ ମେସେଜ୍ ଦେଇଦେବି।

: ମେସେଜ୍ କିଛି ଦରକାର ନାହିଁ। ତମର ଜନ୍ମପଞ୍ଜିକା ଚିତ୍ରଗୁପ୍ତ ପାଖରେ ଅଛି। ସେ ମନେପକେଇଦେଲେ ମୁଁ ନବାକୁ ଆସିବି। ଅନ୍ୟ କଥାହେଲା ମେସେଜ୍ ମୁଁ ଜାଣିପାରିବିନି। ଏଯାଏଁ ମୁଁ ବୋତାମ ଫୋନ୍ ବ୍ୟବହାର କରୁଛି। ସ୍ମାର୍ଟ ଫୋନ୍ କିଣିନାହିଁ। ସତ କଥାହେଲା ସେଟା ମୁଁ ଚଳେଇ ପାରୁନାହିଁ। ତମେ ମେସେଜ୍ କରିବା ଦରକାର ନାହିଁ। ହବ ଯଦି ମିସ୍ କଲ୍‌ଟିଏ ମାରିଦବ।

ଯମ ପ୍ରସ୍ଥାନ କଲେ। କାନ୍ଥଘଣ୍ଟାକୁ ଚାହିଁଲି। ସମୟ ରାତି ଦୁଇ। ମାଳତୀର ଯୁବାବେଳର ମୁହଁଟା ମନେପଡ଼ିଲା। ଆହାଃ କି ସୁନ୍ଦର ଥିଲା ସେ! କ'ଣ କରୁଥିବ ସେ ଏବେ! ଶୋଇପଡ଼ିଥିବ ନା ମୋ' ପରି ଯମ ସହିତ ବାର୍ତ୍ତାଳାପ କରୁଥିବ!

ଆଉ ନିଦ ହେଲାନାହିଁ। ସକାଳ ହେଉ। ମର୍ନିଂୱାକ୍‌ରେ ଶୀଘ୍ର ଗଲେ ଭେଟ ହେବ ସେଠି।

ମୋ: ୯୮୬୧୦୬୦୮୦୩

# ମୋକ୍ଷ ପ୍ରାପ୍ତି

**କଥାଟିଏ** | **ଶିବ ମିଶ୍ର**

**ବ**ଗ-ବଗୁଲୀ ଅଣ୍ଟକୁ ଅଣ୍ଟ ଲଗାଇ ବସିଲା ପରି ସ୍ୱାମୀ-ସ୍ତ୍ରୀ ଦୁହେଁ ଆଖିରେ ଆଖି ମିଶାଇ କଥା ହେଲାବେଳେ ସ୍ୱାମୀ କହିଲେ– ତମେ ମୋ' କଥା ମାନିଲନି, ଦରଖାସ୍ତ ଦେଲନି। ଯେଉଁ ମହିଳାମାନେ ଦରଖାସ୍ତ ଦେଇଥିଲେ, ଏବେ ସରକାର ସେମାନଙ୍କୁ ମାଗଣା ଟଙ୍କା ଦେଲେ ନା ନାହିଁ? ତମେ ଜାଣିଶୁଣି ଗୋଟାଏ ସୁଯୋଗ ହରେଇଲ। ସ୍ତ୍ରୀ କହିଲେ– ସରକାର ଟଙ୍କା ପଚାଶ ହଜାର ଦେବେ, ସିଏ ପୁଣି ପାଞ୍ଚ ବର୍ଷରେ, ପାଞ୍ଚ ଥରରେ। କିନ୍ତୁ ତମେ ଯଦି ଇଆଡୁ ସିଆଡୁ ନ କହି ମୋ' କଥା ମାନି ତମ ବାପାଙ୍କୁ ଦଶ ହଜାର ଟଙ୍କା ଦେଇଥା'ନ୍ତ, ସିଏ ମହାକୁମ୍ଭ ମେଳାରେ ବୁଡ଼ ପକାଇବାକୁ ଯାଇଥାନ୍ତେ, ଆଉ ସେଠାରେ ହୋଇଥିବା ଲୋକ ଭିଡ଼ ଦଳାଚକଟାରେ ତାଙ୍କର ନମ୍ବର ଲାଗି ଯାଇଥା'ନ୍ତା, ତେବେ ସରକାରଙ୍କ ଯୋଜନା ମୁତାବକ ଆମକୁ ଗୋଟିଏ ଥରରେ ଦି' ଚାରି ଲକ୍ଷ ଟଙ୍କା ମିଳିଥା'ନ୍ତା,



ପୁଣି ଜଣେ ମହାନ୍ ବାବାଙ୍କ ସିଦ୍ଧ ବଚନ ମୁତାବକ ତମ ବାପା ମୋକ୍ଷ ପ୍ରାପ୍ତ ହୋଇଥା'ନ୍ତେ। ସ୍ତ୍ରୀଙ୍କ କଥା ଶୁଣି ସ୍ୱାମୀ କ'ଣ କହିବେ ବୋଲି ଭାବୁଥିଲେ, ହଠାତ୍ ଆର ଘରୁ ବାପାଙ୍କ ହସ ଶୁଭିଲା। ସିଏ ଖୁବ୍ ଜୋର୍‌ରେ ହସୁଥିଲେ। ସ୍ୱାମୀ-ସ୍ତ୍ରୀ ଦୁହେଁ ଏ ଘରୁ ସେ ଘରକୁ ଗଲାବେଳକୁ ବାପାଙ୍କ ହସ ଠପ୍ କିନା ବନ୍ଦ ହୋଇଗଲା। ସେଇ ବସିଲା ଥାନରେ ଟଳିପଡ଼ିଲେ ସିଏ। ଦରକାର ପଡ଼ିଲାନି କୁମ୍ଭମେଳା ଭିଡ଼ର ଦଳାଚକଟା। ନିଜ ଘରେ, ନିଜ ବୋହୂଙ୍କର ସିଦ୍ଧ ବଚନରେ ହୋଇଗଲା ତାଙ୍କର ମୋକ୍ଷ ପ୍ରାପ୍ତି।

ମୋ:୯୮୫୩୦୭୦୦୧୮

**କାଳକାଳକୁ**

**''ଶବ୍ଦ ହେଉଛି ନୀରବତା ଓ ଶୂନ୍ୟତା ଉପରେ ଅବାଞ୍ଛିତ ଏକ ଦାଗ।''**
**– ସାମୁଏଲ୍ ବେକେଟ୍**



**ସାମୁଏଲ୍ ବେକେଟ୍‌ଙ୍କ** ଜନ୍ମ ୧୩ ଏପ୍ରିଲ ୧୯୦୬ରେ ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଏବଂ ପରଲୋକ ୨୨ ଡିସେମ୍ବର ଫ୍ରାନ୍ସର ପ୍ୟାରିସ୍‌ରେ। ବିଂଶ ଶତକର ଅତ୍ୟନ୍ତ ପ୍ରଭାବଶାଳୀ ଏଇ ଲେଖକ ଏକାଧାରରେ କବି, ନାଟ୍ୟକାର, ଔପନ୍ୟାସିକ ଓ ଗାଳ୍ପିକ। ୧୯୫୩ରେ ରଚିତ 'ୱେଟିଙ୍ଗ୍ ଫର୍ ଗୋଦୋ' ପାଇଁ ସେ ବିଶ୍ୱବିଖ୍ୟାତ। ଉଦ୍ଭଟ ନାଟ୍ୟପରମ୍ପରାର ସେ ଅନ୍ୟତମ ମୁଖ୍ୟ ସୂତ୍ରଧର। ଇଂଲିଶ୍ ଓ ଫରାସୀ– ଉଭୟ ଭାଷାରେ ଲେଖୁଥିବା ଏହି ଲେଖକ ବିଶ୍ୱ ସାହିତ୍ୟକୁ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୧୯୬୯ରେ ସମ୍ମାନିତ ହୁଅନ୍ତି ନୋବେଲ ପୁରସ୍କାରରେ।

## ପୁସ୍ତକ ପରିଚୟ

### ପ୍ରିୟ ପଞ୍ଚକ





**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ଫ୍ରେଣ୍ଡ୍ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୫୦୦/-

ପୂର୍ବ ପ୍ରକାଶିତ ପାଞ୍ଚୋଟି ଉପନ୍ୟାସ ('ସମ୍ପର୍କର ସୂତାଖିଅ', 'ପ୍ରିୟ ପୃଥିବୀ', 'କଳାଜାଇ', 'ଆଞ୍ଜୁଳାଏ ମୁକ୍ତି' ଓ 'ବେଦନାର ବେଦ')କୁ ଏକାଠି କରାଯାଇଛି ଆଲୋଚ୍ୟ ଗ୍ରନ୍ଥରେ। ପ୍ରକାଶକୀୟ ମନ୍ତବ୍ୟ କହେ– ଲେଖକ ନିପଟ ବାସ୍ତବତାର ନିଖୁଣ ଚିତ୍ରକାର, ତାଙ୍କ ଶୈଳୀ ପ୍ରାଣବନ୍ତ ଓ ରଚନା ମନୋରଞ୍ଜନଧର୍ମୀ ତଥା ଆତ୍ମଚିନ୍ତନରେ ସତ୍ତାଲୀନ, ବିଭୋର। ଆକସ୍ମିକତାରୁ ଯେପରି ଆରମ୍ଭ ହୁଏ ସବୁ ଭଲ ଉପନ୍ୟାସ ଓ ସରେ ସରି ନ ଥିବାର ଅତୃପ୍ତି ଜଗାଇ, ସେହିପରି ଅବିକଳ କ୍ଷୀରୋଦଙ୍କର ଏ ଉପନ୍ୟାସ- ପଞ୍ଚକ। 'ସମ୍ପର୍କର ସୂତାଖିଅ'ର ଆରମ୍ଭ ବାକ୍ୟଟି ଏହିପରି: ''ଗୋଟିଏ ବିସ୍ତୀର୍ଣ୍ଣ ପଡ଼ିଆ ମଝିରେ ଘଞ୍ଚ କିଆବୁଦାଟିଏ ପରି ଦୂରରୁ ଦେଖାଯାଏ ସେ ଗାଁ।'' ଗାଁଟିଏ ଅନୁରୂପ ଭାବେ ଦୃଶ୍ୟମାନ ହେଉ କି ନ ହେଉ, ଘଞ୍ଚ କିଆବୁଦାର ସମ୍ମୋହନରେ ବାନ୍ଧି ହେଇଯାଏ ପାଠକ ଉପନ୍ୟାସର ଆରମ୍ଭରୁ। ଉପନ୍ୟାସଟି ସରେ ପୁଣି ଗୋଟିଏ ଛୋଟିଆ ବାକ୍ୟରେ– ''ବାଡ଼ିପଟୁ ଦିଗହଜା ଚଢ଼େଇଟିଏ ବୋଲୁଥିଲା ମିଳନର ସଂଗୀତ।'' ଏ ସଂଗୀତ ଜମା ସରେନାହିଁ, ଉପନ୍ୟାସଟି ସରିଯିବାର ଅନେକ ଦିନ ପରେ ବି। ପାଞ୍ଚଟିଯାକ ଉପନ୍ୟାସର ବିଷୟବସ୍ତୁ ଆଖିଦେଖା ଅଭିଜ୍ଞତାର ଏକ ଏକ ଅଭିନବ ରୂପାୟନ। ଚରିତ୍ରମାନେ ଲାଗନ୍ତି ଯେମିତି ଏମାନଙ୍କ ସହ ପାଠକଙ୍କର ଭେଟ ହୋଇଛି ବା ହେବାକୁ ବାକି ଅଛି କେଉଁଠି କେଉଁଠି। ଜୀବନ ଏକ ଆହ୍ୱାନ। ଏହି ଆହ୍ୱାନର ଭଉଁରି ଭିତରେ ସମାଧାନର ଯେଉଁ ସୂତ୍ରଟି ଲେଖକ ଧରାଇ ଦିଅନ୍ତି, ତାହା ଉପନ୍ୟାସଗୁଡ଼ିକୁ ଚିର ଜୀବନ୍ତ ପ୍ରତିମା କରି କାଳ ନିର୍ବିଶେଷରେ ଥୋଇଦିଏ। ଆଶା, 'ପ୍ରିୟ ପଞ୍ଚକ' କାହାଣୀ ତଥା ଜୀବନପ୍ରିୟ ପାଠିକାପାଠକଙ୍କ ପାଇଁ ମନନର ଏକ ରମ୍ୟ ଅବକାଶ ସୃଷ୍ଟି କରିବ।

### ନିଜ ଖବର ନେବାର ସମୟ





**କବି:** ଅମରେନ୍ଦ୍ର ଖଟୁଆ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୬୯/-

ମୋଟ ୬୧ଟି କବିତା ସଂକଳନରେ ସ୍ଥାନିତ। କବିତାଠୁଁ ଜୀବନକୁ ବଡ଼ ମନେକରୁଥିବା କବି ଅମରେନ୍ଦ୍ରଙ୍କ କବିତାରେ ଅନୁଭବର ଏକ ଗୂଢ଼ତା ବରାବର ଲୁଚି ରହିଥାଏ, ଯେଉଁ ଗୂଢ଼ତା ଭିତରୁ ମୁହୁର୍ମୁହୁଃ ବଦଳିଚାଲିଥିବା ଅର୍ଥମାନଙ୍କର ନିକ୍ୱଣ ଥାଇଥାଇ ଶୁଭୁଥାଏ। ନିଜକୁ ଓ ନିଜ ପରିପାର୍ଶ୍ୱକୁ ରୂପ ଦେବାକୁ ଯାଇ ଭାଷାକୁ ସେ ସ୍ୱଚ୍ଛନ୍ଦତାର ଅଧିକାର ଦିଅନ୍ତି ଓ ଅତି ଆପଣାର ଲୋକଟିଏ ପାଖରେ ନିଭୃତରେ ବସି ଗପ ଶୁଣାଇଲା ପରି ଚଉପାଶର ନାନା ପ୍ରସଙ୍ଗ କବିତା ପାଲଟି ଯାଆନ୍ତି। ଅନୁଭବ ଓ ଅନୁଭବ୍ୟର ବିବିଧତାରେ ପୂର୍ଣ୍ଣ ଅମରେନ୍ଦ୍ରଙ୍କ କବିପଣକୁ ବୁଝିବା ପାଇଁ ତାଙ୍କ କବିତାରୁ କେତୋଟି ଦୃଷ୍ଟାନ୍ତ ନିଆଯାଇପାରେ– ୧. ''ପୋଷ୍ଟ ଅଫିସ୍‌ରୁ ରବିବାର ସାହିତ୍ୟପୃଷ୍ଠା/ ଖୋଜିବାର ଆବେଗଭର୍ତ୍ତି ଦିନସବୁ ବି ଆଉ ନାହିଁ।/ ଅଛି ଠିକଣା ବଦଳିଯାଇଥିବାର/ ଦୂରତ୍ୱ, ଝାପ୍‌ସା ସ୍ମୃତିର ପାହାଡ଼ ଚୂଳୀ ଓ/ ନିଜକୁ ଖୋଜୁଥିବାର ଏକ ମୁଖାପିନ୍ଧା/ ବୌଦ୍ଧିକ ବର୍ତ୍ତମାନ।'' (ଠିକଣା ବଦଳି ଯାଇଥାଏ, ପୃ:୧୧), ୨. ''ସାଧାରଣ କବିଟିଏ ମୁଁ, ନିଅ, ମୋ ଲଜ୍ଜାର/ ଲଂଗଳା ମୁକୁଳା ବର୍ଷବର୍ଷ, ମୋ କାକୁସ୍ଥ/ ଶବଦଂକ ଦିନରାତି, ଓ ଆସ, ମୋ ସାଂଗରେ/ ଗାଅ ସେଇ ଜାତୀୟ ସଂଗୀତ/ ଏକାଠି ବଂଚିବାର ଆମ ନିଜର, ଏକାଠି/ ଜିଇଥିବାର।'' (ମୋ ଭାରତ ପାଇଁ ଏକ ଗୀତ, ପୃ.୩୮); ପେସାଗତ ବାଧ୍ୟବାଧକତାରେ ଜନ୍ମମାଟି ଓଡ଼ିଶାଠୁଁ ଦୂରରେ ଥାଇ ବି କବି ଭୁଲିପାରନ୍ତି ନାହିଁ, ବେଣାପୁର ପୋଲତଳକୁ ସାଇକେଲରେ ଗଡୁଥିବା ରବିସାର୍‌ଙ୍କୁ। ପାରମ୍ପରିକତାର ପୁନରାବୃତ୍ତିରୁ ବାଟଭାଙ୍ଗି ଗ୍ରନ୍ଥସ୍ଥ କବିତାଗୁଡ଼ିକ ନିଜ ପାଇଁ ନିଜର ଏକ ବାଟ ତିଆରି କରନ୍ତି ଓ ଏହି କାରଣରୁ ଏକ ଅପରିଚିତ ନୂତନତାର ବାହକ ହୋଇଉଠନ୍ତି। ନିଃସନ୍ଦେହ ଯେ, ଆଲୋଚ୍ୟ କବିତାଗ୍ରନ୍ଥଟି ଅସାଧାରଣକୁ ସାଧାରଣ ଓ ସାଧାରଣକୁ ଅସାଧାରଣ କରି ଗଢ଼ି ତୋଳିବାର ଏକ ବିଶ୍ୱସ୍ତ ଦସ୍ତାବିଜ।

**କବିତା**

### ନାଁ ଅଜଣା ଚିଠି

**ସେନାପତି ପ୍ରଦ୍ୟୁମ୍ନ କେଶରୀ**

**ଡା**କବାଲା ଫେରେଇ ନେଲା କ'ଣ?
ପ୍ରେମ ଚିଠି ନା ସୁଇଟ୍ ଗିଫ୍ଟ?
ହେଲେ ସେ ଚିଠି କୋଉଠୁ ଆସିଥିଲା? କାହା ପାଇଁ?
ପ୍ରାପକର ପୂରା ଠିକଣା କାହିଁକି ଲେଖା ନ ଥିଲା?

ସେ ଚିଠି ମୋ' ପାଇଁ ଆସି ନ ଥିଲା ତ?
ଭାବିଦେଲେ ଛାତିରେ
ଏକ ଅଜଣା ହାହାକାର ପିଟି ହେଉଥିଲା!

ଗୋଟେ ନାଁ ଅଜଣା ଚିଠି ଫେରିଗଲେ
ମନରେ କାହିଁକି ଖେଳେ ଏମିତି ଶୂନ୍ୟତା
ଗଳଗଳ ବର୍ଷାରେ
ଯେବେ ଉଜୁଡ଼ିଯାଏ ପାଚିଲା ଧାନ
କେହି କ'ଣ ତା'ର ହିସାବ ରଖିପାରେ?

ଓଦା କଳେଇ ପରି
ଏମିତିକା ଚିଠିର ଭାଗ୍ୟ
ଯେମିତି କେରାଏ ଶୁଖିଲା କୁଟା
ଜଳିଜଳି ପାଉଁଶ ହୁଏ!

ଜଳ ଜମି ଜଙ୍ଗଲକୁ ନେଇ ଆଗରୁ ଥିଲା
ଏମିତି ସଙ୍କଟ
ଶବରୀର ଅଇଁଠା କୋଳି ଭିତରେ ଥିଲା
ମନଛୁଆଁ ଖଟା ମିଠାର ସୁଆଦ
ଶରତ ଆକାଶ ସାରା
ଚିକ୍‌ମିକ୍ ଜ୍ୟୋତ୍ସ୍ନାର
ସଫେଦ ଉତ୍ସବ ଛାଇ ରହୁଥିଲା!

କୋଉ ଅଜଣା ପ୍ରେମିକାର ଚୁମ୍ବନ ପାଇଗଲା ପରି
ଧକଧକ ହେଉଥିଲା ହୃଦୟ
ଯାହା ପାଇଁ ସେ ଚିଠି ଆସିଥାଉ ପଛେ
ଲାଗୁଥିଲା ସତେ କି
ମୋ' ପାଇଁ କେହି ଲେଖିଥିଲା!

ମୋ: ୬୩୭୧୫୨୩୫୯୮

### ପାଦ ସଚଳ ଅଛି ତ...

**ଅକ୍ଷୟ ପାତ୍ର**

**ପା**ଦ ସଚଳ ଅଛି ତ
ଅଛି ରାସ୍ତା
ମଗଜ ତେଜ୍ ଅଛି ତ
ଅଛି ପନ୍ଥା
ହୃଦ ସ୍ପନ୍ଦିତ ହେଉଛି ତ
ଅଛି ମାନବତା!

ରାସ୍ତା ଅଛି ତ
ଜାରି ରହିଛି ଯାତ୍ରା
ରିସ୍ତା ଅଛି ତ
ଅତୁଟ ଅଛି ଏକତା
ରାକା ଅଛି ତ
ରଜନୀରେ ଜାଗ୍ରତ ଅଛି
ତିଳ ତଣ୍ଡୁଳିତ ବିଭୋରତା!

ଜୀବନ ଅଛି ତ
ନିଶ୍ଚେ ଅଛି ଆସଙ୍ଗ ଲିପ୍ସା
ଯଜନ ଅଛି ତ
ଅବଶ୍ୟ ଅଛି ସିଦ୍ଧାନ୍ତିତ ମାର୍ଗଦର୍ଶିକା
ଜ୍ୱଳନ ଅଛି ତ
ପ୍ରକାଶୋନ୍ମୁଖୀ ଅଛି
ମୁକ୍ତିଦାୟୀ ରାସ୍ତା!

ମୋ: ୭୦୭୭୯୮୪୯୬୦

### କାହିଁକିର ପ୍ରତିଧ୍ୱନି

**ରାକେଶ ପଣ୍ଡା**

**କେ**ବେ ଦେଖିଛ କି ତୁମେ
ଶ୍ମଶାନରେ ଜଳୁଥିବା ଜୁଇର ନିଆଁକୁ,
କେବେ କରିଛ କି ଅନୁଭବ
ସେ ନିଆଁରୁ ନିର୍ଗତ ଧାସକୁ।
ଲାଗେ, ଖାଲି ମଣିଷର ଦେହଟା ନୁହେଁ
କ୍ଷମତା, ପଦ, ପଦବୀ,
ପ୍ରତିଷ୍ଠା, ସଞ୍ଚୟ, ଅହଂକାର,
ସବୁ ଜଳୁଥାଏ ଗୋଟି ଗୋଟି ହୋଇ
ବିନା ଦ୍ୱିଧା, ବାଧାରେ, ନୀରବତାର।

ନା ସାଙ୍ଗରେ ଥାଏ ଜଳିଲା ବେଳେ
ଦାମୀ ପୋଷାକ, ହୀରା, ସୁନା, ଟଙ୍କା
ନା ଥାଏ ପଲଙ୍କ, ଆଲିଶାନ ଘର,
ପ୍ରୟୋଜନ ଖାଲି ଛଅ ଖଣ୍ଡ ବାଉଁଶ
କିଛି କାଠ ଓ ଘିଅ ଅଧ ପାଏର।

ଧୀରେଧୀରେ ମିଶିଚାଲେ ମାଟିରେ
ହାଡ଼, ମାଂସ, ରକ୍ତର ଶରୀର,
ଶୂନ୍ୟ, ବ୍ରହ୍ମାଣ୍ଡ ଦିଗରେ
ମାଡ଼ିଚାଲେ ଆଗକୁ ଆତ୍ମା ତା'ର,
ପଛରେ ରହିଯାଏ ସବୁ ରୋଜଗାର,
ଉପାର୍ଜନ, ମାଲିକାନା, ପ୍ରତିଷ୍ଠା ସମାଜର।

ଯଦି ଏହା ସତ୍ୟ, ବାସ୍ତବ
ଟଙ୍କା, କ୍ଷମତା, ପାରଦର୍ଶିତାକୁ ନେଇ
କାହିଁକି କରେ ସେ ଗର୍ବ, ଅହଂକାର,
କିପରି ତା' ମନେ ହୁଏନାହିଁ ଉଜାଗର
ନମ୍ରତା, ଶିଷ୍ଟତା, ସଂସ୍କାର।
କରି ଚାଲେ ସେ ଅପରାଧ, ପାପ
ବଡ଼ ହେବାର ପ୍ରତିଯୋଗିତାରେ,
କ୍ଷତିକରେ ଅବଳା, ଅସହାୟର
ଭଦ୍ରତାର ମୁଖା ଓ ବେଶରେ।

ଏ କାହିଁକିର ପ୍ରତିଧ୍ୱନି...!
ଗୁଞ୍ଜରିତ ହୁଏ ବାରମ୍ବାର କାନରେ,
ଆନ୍ଦୋଳିତ ମନ ପ୍ରଶ୍ନବାଚୀର ଗୁନ୍ଥାରେ
ନିରପେକ୍ଷ ଉତ୍ତର ପାଇବା ଆଶାରେ।

ମୋ: ୯୩୩୭୮୯୭୬୫୦

**ଲଘୁ-କବିତା**

### ସାଙ୍ଗ

**ମନୋରମା ମହାପାତ୍ର**

**କା**ହା ପେଟ ଏବେ ବଡ଼ ତ ହେଲାଣି
ଝଡ଼ିଲାଣି ଚୁଟି କା'ର,
କିଏ ପୁଅ ପାଇଁ ବୋହୂଟେ ଖୋଜୁଛି
କିଏ ଝିଅ ପାଇଁ ବର।

ଚାକିରି ସରୁଛି ବେମାରି ବଢ଼ୁଛି
କରିବାକୁ ହେବ ଘର,
ଧାଇଁ ଧାଇଁ ଯିଏ ବୁଲୁଥିଲା ଦିନେ
ଆଜି ଚାଲିବାକୁ ଡର।

ଥକିଲେଣି ସବୁ ସାଥୀମାନେ ଆଜି
ବୟସ ଯାଉଛି ବଢ଼ି,
ପ୍ରେମର କବିତା ଲେଖୁଥିଲା ଯିଏ
ତା' ହାତରେ ଆଜି ବାଡ଼ି।

ଇଏମ୍‌ଆଇ ଆଉ ଦେହର ପରୀକ୍ଷା
କରୁକରୁ ଦିନ ଯାଏ,
ସମୟର ଆଜି ଅଭାବ ସବୁଠି
ଭାବିବା ବେଳ ନ ଥାଏ।

ଥକିଲେଣି ସବୁ ସାଙ୍ଗମାନେ ଆଜି
ବୟସ ରଥରେ ଚଢ଼ି,
ଜାଣେନା କାହାର ସମୟ ସରିବ
କିଏ ଯିବ କେବେ ଛାଡ଼ି।

ତେଣୁ ଚାଲ ସାଙ୍ଗ ଯେତେଦିନ ଅଛେ,
ଭେଟାଭେଟି ହେଉଥିବା,
ବରଷକେ ଥରେ ସବୁ କଥା ଭୁଲି
ନିଜ ପାଇଁ ଜିଇ ଯିବା।

ମୋ: ୭୬୦୯୯୩୧୧୧୪

# ଚକବାଲା ଘର

**ଅନୁବାଦ ଗଳ୍ପ**

**ମୂଳ ହିନ୍ଦୀ–ସନ୍ତୋଷ ସୁପେକାର**
**ଅନୁବାଦ–ନୃସିଂହ ଚରଣ ବେହେରା**

ରେଳଷ୍ଟେଶନ ଯିବା ପାଇଁ ଅଟୋରିକ୍ସା ଡାକିବାକୁ ମୁଁ ପାଖରେ ଥିବା ବସ୍ତିରେ ଯାଇ ପହଞ୍ଚିଲି ସକାଳୁ ସକାଳୁ, ଯେଉଁଠି ଜଣେ ରିକ୍ସାଚାଳକର ଘର। ଯାଉଛି ସାର୍! ଚାହା ପିଉପିଉ କହିଲା ସେ, 'ବାସ୍ କେବଳ ପାଞ୍ଚ-ସାତ ମିନିଟ୍ ଲାଗିବ। ଟିକିଏ ରିକ୍ସାକୁ ସଫା କରିଦିଏ। ତା' ଭିତରେ ଆପଣ ଚାହା ପିଇ ନିଅନ୍ତୁ'।

ନା ନା! ଚାହା ନୁହେଁ, ତୁମେ ଚାହା ପିଇକରି ଜଲ୍‌ଦି ଚାଲ କହି ମୁଁ ଟିକିଏ ଚାରିଆଡ଼େ ନଜର ବୁଲାଇଲି, ହେଲେ କେଉଁଠି ତା' ରିକ୍ସା ଦେଖିବାକୁ ପାଇଲି ନାହିଁ। ତେଣୁ ପଚାରିଲି, 'ତୁମ ରିକ୍ସା କେଉଁଠି ଅଛି'?

ହେଇ ସେହି ସାମ୍ନା ଲାଇନର ସେପଟକୁ ଅନାନ୍ତୁ; ଗଛ ତଳେ ହିଁ ତ ଛିଡ଼ା ହୋଇଛି ମୋ' ଅଟୋ। ଆରେ, ସେଇଠି ରଖୁଛ ତୁମେ ତୁମ ଅଟୋରିକ୍ସାକୁ? ମୁଁ ଦେଖିଲି ଦୁଇଜଣ ଛୋଟ ପିଲା, ଅଧା ଲଙ୍ଗଳା କାଳିଆ ଛୁଆ ବାହାରକୁ ବାହାରିଲେ ଅଟୋ ଭିତରୁ। ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଇ ପଚାରିଲି, ''ଆରେ ତୁମ ଘର ବାହାରେ ତ ବହୁତ ଜାଗା ଅଛି। ତା'ହେଲେ ସେଇଠି କାହିଁକି ରଖୁଛ ଅଟୋରିକ୍ସାକୁ?'' ଆଉ ଦେଖ, ସେ ଛୁଆମାନେ ତୁମ ଅଟୋକୁ ଅସନା କରୁଛନ୍ତି।

ଅସନା କରୁନାହାନ୍ତି ସାର୍! ସେମାନେ ଶୋଇଥିଲେ ଅଟୋ ଭିତରେ। ପାଣି ଭର୍ତ୍ତି ବାଲ୍‌ଟି ଆଉ ଗୋଟିଏ କନା ଧରି ବାହାରକୁ ଆସି ସେ କହିଲା, ସେଠି ଗୋଟିଏ ଗରିବ ପରିବାର ରହୁଛି ସେହି ଗଛ ତଳେ, ରାସ୍ତାରେ; ଯାହାଙ୍କର ବହୁତ ଛୋଟ ଆଉ ଜରି ପଲିଥିନ୍‌ରେ ଘେରା



ଝୁମ୍ପୁଡ଼ି ଘରଟେ ଅଛି। ଛୋଟ ଛୋଟ ଛୁଆ ଅଛନ୍ତି ତାଙ୍କର। ରାତିରେ ସେମାନଙ୍କୁ ଶୀତ ଲାଗେ, ଡର ଲାଗେ ଆଉ ଯଦି ବର୍ଷା ଆସିଯାଏ ତ କେତେବେଳେ ମା'-ପୁଅ, କେତେବେଳେ ବାପ-ପୁଅ ନ ହେଲେ କେତେବେଳେ ଛୁଆ ଦୁଇଜଣ ଆସି ଶୋଇପଡ଼ନ୍ତି ମୋ' ଅଟୋରିକ୍ସାରେ। ତାଙ୍କୁ ଏହି ରିକ୍ସା ଭିତରେ ଟିକିଏ ଗରମ ଆଉ ସୁରକ୍ଷା ଅନୁଭବ ହୁଏ। ସେଥିପାଇଁ ମୁଁ ଅଟୋକୁ ଏଇଠି ରଖୁଛି। ଏହା ମୋର ରିକ୍ସା। ସେ ଟିକିଏ ହସିଲା ଆଉ କହିଲା, ''ସେହି ଘରହୀନଙ୍କ ପାଇଁ ରାତିରେ ଏହା ହିଁ ହେଉଛି ତାଙ୍କର ଘର, ଚକବାଲା ଘର।'' ଯଦି କାହାକୁ ଟିକିଏ ସୁଖ ମିଳୁଛି ସେଥିରେ କ'ଣ ଫରକ... କହୁକହୁ ସେ ନିଜକୁ ସମ୍ଭାଳି ନେଲା ଆଉ କହିଲା, ଦିନେ ମୁଁ ମଧ୍ୟ ଶୋଉଥିଲି ରାସ୍ତାରେ ସାର୍! ଆଉ ତା' ହାତ ଅଟୋରିକ୍ସାରୁ ଧୂଳି ସଫା କରିବାରେ ବ୍ୟସ୍ତ ହେଇଗଲା।

ମୋ: ୯୦୯୦୪୫୯୭୪୫



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ